RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-73 ◆SATURDAY ◆6 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୩ ◆ଶନିବାର ◆୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଆସିବ
'ଫୋର୍ସ-୩'

▶ପୃଷ୍ଠା ୧୧ ଦେଖନ୍ତୁ...

## ଲକ୍ଷେ ଆଠ ହଜାର ଟପିଲା ସୁନା ଦର

■ **ଭୁବନେଶ୍ୱର, ୫।୯ (ଏଜେନ୍ସି):** ଦିନକୁ ଦିନ ଆକାଶଛୁଆଁ ହେବାରେ ଲାଗିଛି ସୁନା ଏବଂ ରୂପା ଦର। ଶୁକ୍ରବାର ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୧.୦୮ ଲକ୍ଷ ଟଙ୍କା ଉପରକୁ ଯାଇ ଏକ ନୂତନ ଶିଖରରେ ପହଞ୍ଚିଛି। ସେହିପରି ସୁନା ସହ ରୁପା ଦର ମଧ୍ୟ ଆଜି ସବୁ ରେକର୍ଡ ପାର୍ କରିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୮,୦୦୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୬୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୯,୨୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ସେହିପରି ନୂଆଦିଲ୍ଲୀରେ ଆଜି ୨୪ କ୍ୟାରେଟ୍ ସୁନା ଦର ୧୦ ଗ୍ରାମ ପ୍ରତି ୧,୦୭,୭୬୦ ଟଙ୍କାର ନୂତନ ସ୍ତରରେ ପହଞ୍ଚିଛି। ତେବେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୮,୮୦୦ ଟଙ୍କା ହୋଇଛି। କେତେକ ବୈଶ୍ୱିକ କାରଣ ଯୋଗୁ ବିଶ୍ୱ ସମେତ ଘରୋଇ ବଜାରରେ ସୁନା ଦର ମହଙ୍ଗା ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଘରୋଇ ବଜାରରେ ସୁନା ଦର ୩୦ ହଜାର ଏବଂ ରୁପା ୩୭ ହଜାର ଟଙ୍କା ବୃଦ୍ଧି ଘଟିଛି।



**୨୨ କ୍ୟାରେଟ୍ ୯୮ ହଜାର ଉପରେ**

## ଭାରତରେ ବିକ୍ରିର ସବୁ ରେକର୍ଡ ଭାଙ୍ଗିଲା ଆପଲ୍

■ **ନୂଆଦିଲ୍ଲୀ,୫।୯ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ଟାରିଫ୍ ଲଗାଇବାରେ ବ୍ୟସ୍ତ ଅନ୍ୟପଟେ ତାଙ୍କ ଦେଶର କମ୍ପାନୀ ଭାରତରୁ ମୋଟ ଅଙ୍କର ରାଜସ୍ୱ ଅସୁଲ କରିଚାଲିଛି। ଆଇଫୋନ୍ ନିର୍ମାତା ଆପଲ୍ ଭାରତରେ ତାର ବିକ୍ରିର ସମସ୍ତ ରେକର୍ଡ ଭାଙ୍ଗିଛି। କମ୍ପାନୀ ୨୦୨୪-୨୫ ଆର୍ଥିକବର୍ଷରେ ଭାରତରେ ପ୍ରାୟ ୯୦୦ କୋଟି ଟଙ୍କାର ଆଇଫୋନ୍ ବିକ୍ରି କରିଛି। ବ୍ଲୁମ୍‌ବର୍ଗଙ୍କ ରିପୋର୍ଟ ଅନୁଯାୟୀ, ଗତ ଆର୍ଥିକବର୍ଷରେ ଭାରତରେ କମ୍ପାନୀର ମୋଟ ବିକ୍ରି ପ୍ରାୟ ୯ ବିଲିୟନ ଡଲାରରେ ପହଞ୍ଚିଛି, ଯାହା ଏକ ବର୍ଷ ପୂର୍ବ ତୁଳନାରେ ପ୍ରାୟ ୧୩% ଅଧିକ। ଏହି ବୃହତ୍ ବିକ୍ରିରେ ଆଇଫୋନ ସର୍ବାଧିକ ଯୋଗଦାନ ରଖିଛି। ଏହାଛଡା ମ୍ୟାକବୁକ କମ୍ପ୍ୟୁଟରର ଚାହିଦା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ଯେ, ଭାରତରେ ଆପଲ୍‌ର ଏହି ରେକର୍ଡ ବିକ୍ରି ଅଭିବୃଦ୍ଧି ଏପରି ସମୟରେ ହୋଇଛି ଯେତେବେଳେ ସାରା ବିଶ୍ୱରେ ମୋବାଇଲ ଫୋନ୍ ବିକ୍ରି ହ୍ରାସ ପାଉଛି। ଯଦିଓ ଭାରତ ଏବେ ବି ଆପଲର ମୋଟ ବ୍ୟବସାୟର ଏକ ଛୋଟ ଅଂଶ, କମ୍ପାନୀ ଏଠାରେ ବହୁତ ଅଧିକ ଅର୍ଥ ନିବେଶ କରୁଛି, କାରଣ ଆଶା ରହିଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତ ଏକ ବିଶାଳ ବଜାର ହେବ।

**୨୦୨୪-୨୫ରେ ବିକିଲା ୯୦୦ କୋଟି ଟଙ୍କାର ଆଇଫୋନ୍**

# ବର୍ଷା ପରେ ଚିନ୍ତା ବଢ଼ାଇଲା ପୂର୍ଣ୍ଣିମା

## ପାଣି ଟାଣୁନି ଜୁଆରିଆ ସମୁଦ୍ର; ଫୁଲୁଛି ରାଜ୍ୟର ପ୍ରମୁଖ ନଦୀ

■ **ଭୁବନେଶ୍ୱର, ୫।୯ (ସମିସ):** ଲଘୁଚାପ ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକର ଉଭୟ ଉପର ଓ ତଳମୁଣ୍ଡରେ ପ୍ରବଳ ବର୍ଷା ହୋଇଛି। ତଳମୁଣ୍ଡରେ ବର୍ଷା ଯୋଗୁଁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲି ରହିଛି। ଅନ୍ୟପଟେ ଉପରମୁଣ୍ଡରେ ହୋଇଥିବା ବର୍ଷା ପାଇଁ ରାଜ୍ୟର ବଡ଼ ବଡ଼ ଡ୍ୟାମ୍‌ଗୁଡ଼ିକୁ ମଧ୍ୟ ପ୍ରଚୁର ଜଳ ପ୍ରବେଶ କରୁଛି। ଡ୍ୟାମ୍‌ର ଜଳଧାରଣ କ୍ଷମତାକୁ ଦୃଷ୍ଟିରେ ରଖି ଏଠାରୁ ଜଳ ନିଷ୍କାସନ ଅପରିହାର୍ଯ୍ୟ ହୋଇପଡ଼ିଥିବା ବେଳେ ଏହା ରାଜ୍ୟବାସୀ ଓ ସରକାରଙ୍କ ପାଇଁ ଚିନ୍ତା ବଢ଼ାଇଛି। କାରଣ ବର୍ତ୍ତମାନ ନଦୀ ଓ ଡ୍ୟାମ୍‌ଗୁଡ଼ିକରେ ଜଳ ପୂର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ୭ ତାରିଖରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହୁଛି ଓ ନଦୀରୁ ବନ୍ୟା ଜଳ ନିଷ୍କାସନ ହେବାରେ ବାଧା ସୃଷ୍ଟି ହେଉଛି। ସମୁଦ୍ର ପାଣି ଟାଣୁ ନ ଥିବାରୁ ବନ୍ୟା ଜଳ ନଦୀକୂଳିଆ ଲୋକଙ୍କ ପାଇଁ ବିପଦ ବଢ଼ାଇବାର ଆଶଙ୍କା ସୃଷ୍ଟି ହୋଇଛି।

ଶୁକ୍ରବାର ବୈତରଣୀ ନଦୀ ବିପଦ ସଙ୍କେତ ତଳକୁ ଖସିଥିଲେ ମଧ୍ୟ ଏବେ ବି ଭଦ୍ରକ ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳବନ୍ଦୀ ଅବସ୍ଥାରେ ରହିଛି। ଯାଜପୁର ଓ ଆରଡ଼ି ରାସ୍ତା ବିଚ୍ଛିନ୍ନ ହୋଇଥିବା ବେଳେ ଜଳକା ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ▶ପୃଷ୍ଠା-୭

**୧୩ରେ ଆଉ ଏକ ଲଘୁଚାପ**

## ୨୪ ଗେଟ୍‌ରେ ହୀରାକୁଦରୁ ଜଳ ନିଷ୍କାସନ

■ **ସମ୍ବଲପୁର, ୫।୯ (ସମିସ):** ଉପରମୁଣ୍ଡରେ ବର୍ଷାର ପରିମାଣ ବଢ଼ିବାରୁ ହୀରାକୁଦ ଡ୍ୟାମ୍ କର୍ତ୍ତୃପକ୍ଷ ଆଜି ଆଉ ୮ଟି ଗେଟ୍ ଖୋଲିଛନ୍ତି। ଗତକାଲି ସୁଦ୍ଧା ୧୬ଟି ଗେଟ୍ ଖୋଲାଥିବା ବେଳେ ଆଜି ୮ଟିକୁ ମିଶାଇ ମୋଟ ୨୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଚଳିତବର୍ଷ ପ୍ରଥମଥର ଏକାଥରକେ ଏତେସଂଖ୍ୟକ ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପଟରେ ୧୬ଟି ଓ ଡାହାଣ ପଟରେ ୮ଟି ▶ପୃଷ୍ଠା-୭



## ଗାଁରୁ ସହର ଜଳମଗ୍ନ

**ବର୍ଷକର ରେକର୍ଡ ଭାଙ୍ଗିଲା ବର୍ଷା: ଭାସୁଛି ବାଲେଶ୍ୱର**



■ **ବାଲେଶ୍ୱର, ୫।୯ (ସମିସ):** ଚଳିତ ବର୍ଷ ଗତ ଚାରିଦିନର ଲଗାଣ ବର୍ଷାରେ ବର୍ଷା ରେକର୍ଡ ଭାଙ୍ଗିଛି। ଯାହାର ପ୍ରଭାବ ବାଲେଶ୍ୱରର ଗାଁ ଗଣ୍ଡାଠାରୁ ଆରମ୍ଭ କରି ବାଲେଶ୍ୱର ସହର ପର୍ଯ୍ୟନ୍ତ ଜଳମଗ୍ନ ହୋଇଛି। ଜିଲ୍ଲାବାସୀଙ୍କ ଦୁର୍ଦ୍ଦଶା ବଢ଼ିଥିବା ବେଳେ ଚାଷଜମିଠାରୁ ଆରମ୍ଭ କରି ରାସ୍ତାଘାଟ ଜଳରେ ବୁଡ଼ିରହିଛି। ଏମିତି କି ଏହି ଲଗାଣ ବର୍ଷାରେ ନିର୍ମାଣ ଧଇଁ ଜାତୀୟ ରାଜପଥରେ ପାଣିର ଲହଡି ଖେଳିଛି। ୧୬ ନମ୍ବର ଜାତୀୟ ରାଜପଥର ସୋର ଠାରୁ ବାଲେଶ୍ୱରର ରାସ୍ତାରେ ▶ପୃଷ୍ଠା-୭

**ଆଉ ଏକ ବନ୍ୟା ଆଶଙ୍କାରେ ଉତ୍ତର ବାଲେଶ୍ୱରବାସୀ**

# ଆତଙ୍କୀ ଧମକ ପରେ ମୁମ୍ବାଇରେ ହାଇଆଲର୍ଟ

■ **ମୁମ୍ବଇ, ୫।୯ (ଏଜେନ୍ସି):** ଆତଙ୍କବାଦୀ ସଙ୍ଗଠନ ଲସ୍କର-ଏ-ଜେହାଦୀର ବିସ୍ଫୋରଣ ଧମକ ପରେ ହାଇ ଆଲର୍ଟରେ ମୁମ୍ବାଇ ପୁଲିସ । ଏହି ଧମକପୂର୍ଣ୍ଣ ବାର୍ତ୍ତା ମିଳିବା ପରେ ହିଁ ମୁମ୍ବାଇ ପୁଲିସ ସତର୍କ ହୋଇଛି ଓ କ୍ରାଇମ ବ୍ରାଞ୍ଚ ଟିମ୍ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ କରିଛି। ଆଣ୍ଟି- ଟେରରିଜମ୍ ସ୍କାଡ୍ (ଏଟିଏସ୍) ଓ ଅନ୍ୟ ସୁରକ୍ଷା ଏଜେନ୍ସିଗୁଡିକୁ ପୁଲିସ ପକ୍ଷରୁ ସତର୍କ ରଖାଯାଇଛି ।

ଗୁରୁବାର ବିଳମ୍ବିତ ରାତିରେ ମୁମ୍ବଇ ପୁଲିସକୁ ହ୍ୱାଟ୍ସଆପ୍‌ରେ ଏକ ଧମକ ଆସିଥିଲା। ଲସ୍କର-ଏ-ଜେହାଦୀର ୧୪ ଜଣ ଆତଙ୍କବାଦୀ ମୁମ୍ବଇ ସହରରେ ଅନୁପ୍ରବେଶ କରିଛନ୍ତି ଓ ୩୪ ଗାଡ଼ିରେ ପ୍ରାୟ ୪୦୦ କେଜି ଆର୍‌ଡ଼ିଏକ୍ସ ଲଗାଇ ବିସ୍ଫୋରଣ ଯୋଜନା କରିଥିବା ଏହି ମେସେଜରେ ଉଲ୍ଲେଖ ରହିଛି। ଯାହାକୁ ନେଇ ସାରା ସହରରେ ଆତଙ୍କ ସୃଷ୍ଟି ହୋଇଛି । ଶନିବାର ଗଣେଶ ଉତ୍ସବର ଅନ୍ତିମ ତଥା ୧୦ମ ଦିନ ଓ ଅନନ୍ତ ଚତୁର୍ଦ୍ଦଶୀ। ଗଣେଶ ଭସାଣି ଉତ୍ସବରେ ଏହି ଦିନ ଲକ୍ଷଲକ୍ଷ ଶ୍ରଦ୍ଧାଳୁ ସାମିଲ ହୋଇଥାଆନ୍ତି। ତେଣୁ ଆତଙ୍କବାଦୀମାନେ ଏହି ଦିନଟିକୁ ଟାର୍ଗେଟ କରିଥିବା କୁହାଯାଉଛି। ସୂଚନା ପାଇବା ପରେ ସାରା ସହର ଓ ମହାରାଷ୍ଟ୍ରର ଅନ୍ୟାନ୍ୟ ସ୍ଥାନରେ ସୁରକ୍ଷା ଓ ନିରାପତ୍ତାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସନ୍ଧାନୀ କୁକୁର ସହ ପୁଲିସ କମ୍ବିଂ ଅପରେସନ ଚଳାଇଛି। ତେବେ ଏହି ସମୟରେ କୌଣସି ପ୍ରକାର ଗୁଜବକୁ ବିଶ୍ୱାସ ନ କରିବାକୁ ପୁଲିସ ଲୋକମାନଙ୍କୁ ନିବେଦନ କରିଛି। ପୁଣି କୌଣସି ପ୍ରକାର ସନ୍ଦେହଜନକ ▶ପୃଷ୍ଠା-୭



**୪୦୦ କେଜି ଆର୍‌ଡିଏକ୍ସ ସହ ପଶିଛନ୍ତି ୧୪ ଆତଙ୍କୀ**

# ବୁଢ଼ା ହେଉଛି 'ୟଙ୍ଗିସ୍ତାନ'

## ୧୦%ରେ ପହଞ୍ଚିଛି ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା

■ **ନୂଆଦିଲ୍ଲୀ, ୫।୯ (ଏଜେନ୍ସି):** ଏକଦା ୟଙ୍ଗ ଇଣ୍ଡିଆ ବା ୟଙ୍ଗିସ୍ତାନ ଭାବେ ପରିଚିତ ହେଉଥିବା ଭାରତ ଏବେ ବୁଢ଼ା ହେବାରେ ଲାଗିଛି। ଦେଶର ଜନସଂଖ୍ୟାର ହାରାହାରି ୧୦%ଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିଛି। ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆରଜିଆଇ)ଙ୍କ ନମୁନା ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି ଏବଂ ଦେଶରେ ୧୪ ବର୍ଷରୁ କମ୍ ବୟସ୍କ ପିଲାଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବରେ ହ୍ରାସ ଘଟିଥିବା ରିପୋର୍ଟରେ କୁହାଯାଇଛି ।

ରିପୋର୍ଟ ଅନୁସାରେ ସମ୍ପ୍ରତି ପ୍ରତି ଦଶ ଜଣ ଭାରତୀୟଙ୍କ ମଧ୍ୟରୁ ପ୍ରାୟ ଜଣେ ଏବେ ୬୦ ବର୍ଷରୁ ଅଧିକ ବୟସର ଓ ୬.୪% ଲୋକଙ୍କ ବୟସ ୬୫ ବର୍ଷରୁ ଅଧିକ। ୨୦୧୧ ଜନଗଣନା ସମୟରେ ୬୦ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୮.୬% ରହିଥିବା ବେଳେ ଏବେ ତାହା ୯.୭% ଅତିକ୍ରମ କରିଛି। ଲୋକଙ୍କର ଜୀବନକାଳ ବୃଦ୍ଧି ଓ ପ୍ରଜନନ କ୍ଷମତା ହ୍ରାସ ଭାରତକୁ ଏକ ବୃଦ୍ଧ ଦେଶରେ ପରିଣତ କରିବ ବୋଲି ଏଥିରେ ଆଶଙ୍କା କରାଯାଇଛି।



ଜନସଂଖ୍ୟା ନିର୍ଦ୍ଦେଶକଙ୍କ ଏହି ରିପୋର୍ଟ ସମାଜ ତତ୍ତ୍ୱବିତ୍‌ମାନଙ୍କୁ ଚିନ୍ତିତ କରିଛି। ଦେଶ ନିକଟ ଭବିଷ୍ୟତରେ ବୟସ୍କ ଜନସଂଖ୍ୟାର ଚାପର ସମ୍ମୁଖୀନ ହେବ ଓ ବାର୍ଦ୍ଧକ୍ୟ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ପେନସନ ଓ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମର ଆବଶ୍ୟକତା ଅଧିକ ଅନୁଭବ ହେବ। ସମ୍ପ୍ରତି କେରଳରେ ବୟସ୍କ ନାଗରିକଙ୍କ ହାର ସାରା ଦେଶରେ ସର୍ବାଧିକ ୧୫.୧ ପ୍ରତିଶତ ରହିଛି। ଏହା ପଛକୁ ତାମିଲନାଡୁରେ ଏହା ୧୪ %, ହିମାଚଳରେ ୧୩.୨ % ଥିବା ସୂଚନା ମିଳିଛି।

**ବୟସ୍କଙ୍କ ସଂଖ୍ୟାରେ କେରଳ, ତାମିଲନାଡୁ ଆଗରେ**

**କମୁଛି ଯୁବାଙ୍କ ପ୍ରଜନନ କ୍ଷମତା**

ଏହାବ୍ୟତୀତ ପଞ୍ଜାବ ଓ ମହାରାଷ୍ଟ୍ରରେ ମଧ୍ୟ ବୟସ୍କ ନାଗରିକଙ୍କ ସଂଖ୍ୟା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ରହିଛି। ଅନ୍ୟପକ୍ଷରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଆଦି ରାଜ୍ୟଗୁଡ଼ିକରେ ବୟସ୍କ ନାଗରିକଙ୍କ ସଂଖ୍ୟା ତୁଳନାତ୍ମକ ଭାବରେ ଅନ୍ୟ ରାଜ୍ୟଠାରୁ କମ୍ ଅର୍ଥାତ୍ ୭%ରୁ ୮% ମଧ୍ୟରେ ସୀମିତ ରହିଛି ।

ଉତ୍ତର ଭାରତରେ ଜନସଂଖ୍ୟା ଓ ନବଜାତ ଶିଶୁଙ୍କ ଜନ୍ମ ହାର ବୃଦ୍ଧି ଏକ ସ୍ଥିର ସ୍ଥିତି ସୃଷ୍ଟି କରିଥିବାବେଳେ ଦକ୍ଷିଣ ଓ ପଶ୍ଚିମ ଭାରତରେ ପ୍ରଜନନ ହାର ହ୍ରାସ ଅସ୍ଥିରତା ସୃଷ୍ଟି କରିଛି। ଅନ୍ୟପକ୍ଷରେ ସମ୍ପ୍ରତି ଭାରତୀୟ ପୁରୁଷମାନଙ୍କର ହାରାହାରି ଆୟୁ ବୃଦ୍ଧି ପାଇ ୬୮.୫ ବର୍ଷ ଓ ମହିଳାମାନଙ୍କ ହାରାହାରି ଆୟୁ ୭୨.୫ ବର୍ଷରେ ପହଞ୍ଚିଛି। କେରଳ ଓ ଦିଲ୍ଲୀ ଭଳି ରାଜ୍ୟଗୁଡ଼ିକରେ ଏହି ଆୟୁ ବର୍ଗ ଯଥାକ୍ରମେ ୭୮ ବର୍ଷ ଓ ୭୪ ବର୍ଷରେ ପହଞ୍ଚିଛି । ଏକପକ୍ଷରେ ହାରାହାରି ଆୟୁ ବୃଦ୍ଧି ଓ ବୟସ୍କଙ୍କ ଜୀବନକାଳ ବଢୁଥିବାବେଳେ କମ୍ ଶିଶୁ ଜନ୍ମ ଦେଶକୁ ବୟସ୍କ କରିଦେଉଛି।

ସେହିପରି ବୟସ୍କମାନଙ୍କ ସଂଖ୍ୟା ବୃଦ୍ଧି ଦେଶର ଅର୍ଥନୀତିକୁ ଅଧିକ ପ୍ରଭାବ ପକାଇବା ଆଶଙ୍କା କରୁଛନ୍ତି ସମାଜତତ୍ତ୍ୱବିତ୍। ବୃଦ୍ଧ ଲୋକଙ୍କ ପାଇଁ ଅଧିକ ଚିକିତ୍ସାର ଆବଶ୍ୟକତା ସହ ମଧୁମେହ, ହୃଦରୋଗ, ଆର୍ଥ୍ରାଇଟିସ୍ ପରି ଦୀର୍ଘକାଳୀନ ରୋଗର ମୁକାବିଲା, ପେନସନ ଓ ସାମାଜିକ ସୁରକ୍ଷା ଦେଶର ଆର୍ଥିକ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିପାରେ ବୋଲି ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ଯୁବବର୍ଗ ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିକୁ ▶ପୃଷ୍ଠା-୭

# ଗୁରୁ ଦିବସରେ ରାଜରାସ୍ତାରେ ଗୁରୁ




■ **ଭୁବନେଶ୍ୱର, ୫।୯ (ସମିସ):** ଗୁରୁ ଦିବସରେ ରାଜରାସ୍ତାକୁ ଓହ୍ଲାଇଛନ୍ତି ଶିକ୍ଷକ। ଦୀର୍ଘ ଦିନରୁ ଏକାଧିକ ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁନଥିବା ଅଭିଯୋଗ କରି କ୍ଷୋଭ ପ୍ରକାଶ କରିଛନ୍ତି। ବର୍ଷାରେ ଭିଜିଭିଜି ଆନ୍ଦୋଳନ କରିବା ସହ ରାତିରେ ବିଧାନସଭା ସମ୍ମୁଖରେ ଶୋଇଛନ୍ତି। ସାରା ଦେଶରେ ଆଜି ଗୁରୁଙ୍କୁ ପୂଜା କରାଯାଉଥିବା ବେଳେ ଓଡ଼ିଶାରେ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାରଙ୍କ ଏହା କି' ପ୍ରକାର ଉପହାର ବୋଲି ପ୍ରଶ୍ନ କରିଛନ୍ତି। ଖାଲି ସେତିକି ନୁହେଁ, ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଦାନଯୋଗ୍ୟ ସ୍କୁଲ, କଲେଜକୁ ଅନୁଦାନ ପ୍ରଦାନ କରିବା ସହ ୨୦୦୪ରୁ ଅବସର ନେଇଥିବା ଏବଂ ନେଉଥିବା ଶିକ୍ଷକଙ୍କୁ ପେନସନ୍ ଓ ଅବସରକାଳୀନ ସୁବିଧା, ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ଶିକ୍ଷକଙ୍କୁ ନ୍ୟାୟ ପ୍ରଦାନ କରିବା, ସମସ୍ତ ସ୍କୁଲ କଲେଜକୁ ସରକାରୀକରଣ, ପୁରୁଣା ପେନସନ୍ ପ୍ରଦାନ, ଅବସର ବୟସସୀମା ୬୨ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ' ଅସଙ୍ଗତି ଦୂର କରିବା, ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ▶ପୃଷ୍ଠା-୭

**ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ**

**୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ**

## ନକଲି ସୁନା ଇଟା କାରବାର ରାକେଟ୍ ଠାବ; ୫ ଗିରଫ

■ **ନୀଳଗିରି, ୫।୯ (ସମିସ):** ବାଲେଶ୍ୱର ପୁଲିସ୍ ଏକ ନକଲି ସୁନାଇଟା କାରବାର ରାକେଟ୍‌ର ପର୍ଦ୍ଦାଫାସ କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ୍, ୪ଟି ମୋବାଇଲ ସହ ନଗଦ ୩ଲକ୍ଷ ୭୯ହଜାର ଟଙ୍କା ଜବତ କରାଯାଇଛି। ନୀଳଗିରି ଓ ବରହମ୍‌ପୁର ପୁଲିସ୍ ମିଳିତ ଚଢ଼ଉ କରି ଏହି ଅଭିଯୁକ୍ତମାନଙ୍କୁ ଧରିଛନ୍ତି। ସେମାନେ ହେଲେ, ନୀଳଗିରି ଥାନା ଅନ୍ତର୍ଗତ ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତି, ଧୋବଶିଳା ଗ୍ରାମର ନଳିନୀ ମହାନ୍ତି, ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁ, କେନ୍ଦ୍ରାପଡ଼ା ଅଞ୍ଚଳର ମୁନା। ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଗିରଫ ଯୁବକଙ୍କ ନାମ ଜଣାପଡ଼ିନାହିଁ।

ସୂଚନାନୁଯାୟୀ, ବିଷ୍ଣୁ ଓ ତା'ର ସହଯୋଗୀ ପିତ୍ତଳ ଇଟା ତିଆରି କରି ସେଥିରେ ସୁନାପାଣି ଦେଉଥିଲେ। ତାହାକୁ ସୁନା ଇଟା ଦର୍ଶାଇ କମ୍ ଦାମରେ ଯୋଗାଇଦେବେ ବୋଲି କହି ଲୋକଙ୍କୁ ଚୂନ ମାରୁଥିଲେ। ଏହି କ୍ରମରେ ସେ ଗଞ୍ଜାମ ଜିଲ୍ଲାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ସେବକନଗର ଗ୍ରାମର କୃଷ୍ଣ ନାୟକଙ୍କୁ ଫସାଇଥିଲେ। ତାଙ୍କୁ କମ୍ ଦାମରେ ▶ପୃଷ୍ଠା-୭

**ନକଲି ସୁନା ଇଟା ସହ ୨ ବାଇକ୍, ୪ ମୋବାଇଲ୍, ୩ ଲକ୍ଷ ଟଙ୍କା ଜବତ**

## ପୁଲିସ ନିଷ୍କ୍ରିୟତା ପାଇଁ ଗଲା ଯୁବତୀଙ୍କ ଜୀବନ

# ମାରି ଫିଙ୍ଗିଦେଲା ପୁରୁଷ ବନ୍ଧୁ





**ତାପଙ୍ଗ ଖଣିରୁ ମିଳିଲା ଅପହୃତାଙ୍କ ଗଳିତ ଶବ**

**ଏଟିଏମ୍ କାର୍ଡରୁ ଟଙ୍କା ଉଠାଇନେଲା ପୁରୁଷ ବନ୍ଧୁ**

**୭ ମାସ ତଳେ ହୋଇଥିଲା ନିଖୋଜ ଅଭିଯୋଗ**

**ଗିରଫ ଯୁବକ ଦେଖାଇଲା ହତ୍ୟାକାଣ୍ଡର ଡେମୋ**

■ **ଭୁବନେଶ୍ୱର/ଖୋର୍ଦ୍ଧା, ୫।୯ (ସମିସ):** ପାତ୍ରପଡ଼ା ଅଞ୍ଚଳରୁ ନିଖୋଜ ଯୁବତୀଙ୍କ ମୃତଦେହ ୭ ମାସ ପରେ ଠାବ ହୋଇଛି। ତାପଙ୍ଗ କଳିଙ୍ଗ ମୁଣ୍ଡିଆରୁ ମୃତଦେହକୁ ଉଦ୍ଧାର କରିଛି ଭରତପୁର ଥାନା ପୁଲିସ। ମୃତ ଯୁବତୀ ହେଲେ ରଣପୁର ଥାନା ହରିପୁର ଗାଁର ନିରୂପମା ପରିଡ଼ା ଓରଫ୍ ମିତା (୨୨)। ତାଙ୍କୁ ହତ୍ୟା କରିଥିବା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀକୁ ଉଠାଇ ଆଣିଛି। ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ତେବେ ମିତା ୭ ମାସ ପୂର୍ବେ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତାର ଯୋଗୁଁ ଝିଅର ଜୀବନ ଗଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ହରିପୁରର ମିତା ଗତବର୍ଷ ▶ପୃଷ୍ଠା-୭




## ହସ୍ପିଟାଲ୍‌ରେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ଚଣ୍ଡିଗଡ଼, ୫ା୯ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗବନ୍ତ ମାନ ହସ୍ପିଟାଲାର ଭର୍ତ୍ତି ହୋଇଛନ୍ତି। ପ୍ରବଳ ଜ୍ୱରରେ ପୀଡିତ ହେବା କାରଣରୁ ତାଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମୋହାଲିର ଫୋର୍ଟିସ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ତାଙ୍କ ସହ ପତ୍ନୀ ଗୁରୁପ୍ରୀତ କୌର ମାନ ଅଛନ୍ତି। ଫଳରେ ଶୁକ୍ରବାର ଆୟୋଜନ ହେବାକୁ ଥିବା କ୍ୟାବିନେଟ ବୈଠକକୁ ବାତିଲ କରାଯାଇଛି। ଅସୁସ୍ଥତା କାରଣରୁ ସେ ବନ୍ୟା ପ୍ରବାବିତ ଅଞ୍ଚଳରେ ଆମ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କ ସହ ବୁଲିବାକୁ ଯାଇପାରି ନଥିଲେ। ଗତ ଦୁଇଦିନ ହେବ ସେ ଅସୁସ୍ଥ ଅନୁଭବ କରୁଥିଲେ। ସେ ଔଷଧ ସେବନ କରି ଘରେ ବିଶ୍ରାମ ନେଉଥିଲେ ମଧ୍ୟ ସ୍ଥିତିରେ ଉନ୍ନତି ହୋଇ ନଥିଲା। ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଏନ୍‌କାଉଣ୍ଟରରେ ୬ ମାଓବାଦୀ ନିହତ

ରାୟପୁର, ୫ା୯ (ଏଜେନ୍ସି): ଛତିଶଗଡ଼ର ଦାନ୍ତେୱାଡ଼ା ଓ ନାରାୟଣପୁର ଜିଲ୍ଲାର ସୀମାରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଯବାନଙ୍କ ସହ ହୋଇଥିବା ଏନକାଉଣ୍ଟରରେ ୬ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ମହଳା ମାଓବାଦୀ ସାମିଲ ରହିଛି। ଆଉ କିଛି ଆହତ ହୋଇଥିବା ସୂଚନା ମିଳିଛି। ଯବାନମାନେ ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ଶୁକ୍ରବାର ସକାଳେ ଏହି ଏନ୍‌କାଉଣ୍ଟର ଅବୁଝମାଡ ଜଙ୍ଗଲରେ ହୋଇଥିଲା। ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯବାନମାନେ ଘଟଣାସ୍ଥଳରୁ ୩୦୩ ରାଇଫଲ, ୨ଟି ବିଜିଏଲ ଲଞ୍ଚର ଜବତ କରିଛନ୍ତି। ପୂର୍ବରୁ ଅଗଷ୍ଟ ୨୮ରେ ଛତିଶଗଡ଼ ଓ ମହାରାଷ୍ଟ୍ର ସୀମାରେ ସୁରକ୍ଷାବଳ ସହ ହୋଇଥିବା ଏନକାଉଣ୍ଟରରେ ୪ ଜଣ ମାଓବାଦୀ ନିହତ ହୋଇଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୨୦୨୬ ପର୍ଯ୍ୟନ୍ତ ନକ୍ସଲବାଦକୁ ଶେଷ କରିବେ ବୋଲି ଡେଡ୍‌ଲାଇନ୍ ଜାରି କରିଥିଲେ।

## ଇସ୍ରାଏଲ- ହମାସ ଲଢ଼େଇ ମୃତ୍ୟୁସଂଖ୍ୟା ୬୪ ହଜାର ଟପିଲା

ଗାଜା, ୫ା୯ (ଏଜେନ୍ସି): ପାଖାପାଖି ଦୁଇବର୍ଷ ହେବ ଇସ୍ରାଏଲ ଓ ହମାସ ମଧ୍ୟରେ ଲଢ଼େଇ ଚାଲିଛି। ଏହି ଯୁଦ୍ଧ କାରଣରୁ ଗାଜା ପଟିରେ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ସଂଖ୍ୟା ୬୪ ହଜାର ପାର କରିଛି ବୋଲି ଏକ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଗୁରୁବାର ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ୨୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏଥିରେ ଅଧିକାଂଶ ମହିଳା ଓ ଛୋଟ ପିଲା ସାମିଲ ରହିଛନ୍ତି। ଉଲ୍ଲେଖଥାଉ କି, ୨୦୨୩ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ୧, ୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଓ ୨୫୧ଜଣଙ୍କୁ ଅପହରଣ କରି ନେଇଥିଲେ। ଏହାପରଠାରୁ ଇସ୍ରାଏଲ ତା'ର ଆକ୍ରମଣ ଜାରି ରଖିଛି। ଫଳରେ ଗାଜାରେ ଖାଦ୍ୟାଭାବ ସହ ବହୁ ଲୋକ, ଛୋଟପିଲା ଅନାହାରରେ ମୃତ୍ୟୁବରଣ କରିଛନ୍ତି। ଏ ନେଇ ସାରା ବିଶ୍ୱରେ ଚନ୍ତା ପ୍ରକଟ କରାଯାଇଛି। ଅସ୍ତ୍ରବିରତି ନେଇ ଏକାଧିକ ପ୍ରୟାସ ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇପାରିନାହିଁ।

## ୧ ହଜାର ଫୁଟ୍ ତଳକୁ ବସ୍ ଖସି ୧୫ ମୃତ

କଲମ୍ବୋ, ୫ା୯ (ଏଜେନ୍ସି): ଶ୍ରୀଲଙ୍କାର ଉଭା ପ୍ରଦେଶରେ ବାଦୁଲ୍ଲା ଜିଲ୍ଲାରେ ଏକ ମର୍ମନ୍ତୁଦ ବସ୍ ଦୁର୍ଘଟଣା ଘଟିଛି। ଏଥିରେ ୯ ମହିଳା ସମେତ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୫ ଜଣ ଆହତ ହୋଇଛନ୍ତି। ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନେଇ ଏହି ବସ୍ ଆନନ୍ଦ ଯାତ୍ରାରେ ବାହାରିଥିଲା। ଏକ ଜିପ୍‌କୁ ବସ ଧକ୍କା ଦେଇଥିଲା। ଏହାପରେ ବସ୍ ସଡ଼କ କଡରେ ରେଲିଂକୁ ମାଡ଼ କରି ୧୦୦୦ ଫୁଟ୍ ତଳେ ଥିବା ଖାଇକୁ ଖସି ପଡ଼ିଥିଲା। ସବୁ ମୃତକ ଟାଂଗେଲ ଅର୍ବାନ ପରିଷଦର କର୍ମଚାରୀ ଥିଲେ। ଆହତ ହୋଇଥିବା କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି ପୁଲିସ କହିଛି। ଆହତଙ୍କୁ ବଣ୍ଡୁଲା ଟିଂଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଆମେରିକା ଯୁଦ୍ଧପୋତ ଉପରେ ଏଫ୍-୧୬ ଉଡ଼ାଇଲା ଭେନେଜୁଏଲା

ନୂଆଦିଲ୍ଲୀ, ୫ା୯ (ଏଜେନ୍ସି): ଆମେରିକା ଓ ଲାଟିନ ଆମେରିକୀୟ ଦେଶ ଭେନେଜୁଏଲା ମଧ୍ୟରେ ତିକ୍ତତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଭେନେଜୁଏଲାର ଦୁଇଟି ଏଫ୍-୧୬ ଲଢ଼ୁଆ ବିମାନ ଗୁରୁବାର କ୍ୟାରିବିୟାନ ସାଗରରେ ଆମେରିକାର ଯୁଦ୍ଧପୋତ ୟୁଏସ୍ଏ ଜେସନ ଡନହାମ ଉପରେ ଉଡିଥିଲା। ଭେନେଜୁଏଲାର ଏହି ଦୁଃସାହସକୁ ଆମେରିକା ନାପସନ୍ଦ କରିବା ସହ ସମାଲୋଚନା କରିଛି। ଭେନେଜୁଏଲା ନିଜର ଶକ୍ତି ପ୍ରଦର୍ଶନ ନ କରିବାକୁ ଆମେରିକା ଚେତାବନୀ ଦେଇଛି। ନହେଲେ ପରିଣାମ ଭୟଙ୍କର ହେବ ବୋଲି ଆମେରିକା ଭେନେଜୁଏଲାକୁ ସତର୍କ କରାଇଛି। ଆମେରିକାର ଏହି ଡନ୍‌ହାମ ଯୁଦ୍ଧପୋତ ଏକ ଗାଇଡେଡ ଡେଷ୍ଟ୍ରୟର ୱାରଶିପ୍ ଓ ଏହାକୁ ଗତ ସପ୍ତାହରେ ଭେନେଜୁଏଲା ପାଖରେ ଆମେରିକା ନିୟୋଜିତ କରିଥିଲା। ନିଶାଦ୍ରବ୍ୟ ଚୋରା କାରବାର ଓ ଅପରାଧିକ ସଂଗଠନ ନିଶାଣ କରି ଏହି ଯୁଦ୍ଧପୋତ ଆମେରିକା ନିୟୋଜିତ କରିଥିଲା। ଉଲ୍ଲେଖଥାଉ କି, ୪୦ ବର୍ଷ ପୂର୍ବେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ବେଶ୍ ଭଲ ଥିଲା। କିନ୍ତୁ ଏବେ ଆଉ ସେକଥା ନାହିଁ।

## ଶେଷ ହୋଇଛି ଟ୍ରମ୍ପ- ମୋଦୀ ବନ୍ଧୁତା: ପୂର୍ବତନ ଆମେରିକା ଏନ୍‌ଏସ୍‌ଏ



ୱାଶିଂଟନ, ୫ା୯ (ଏଜେନ୍ସି): ଆମେରିକାର ପୂର୍ବତନ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଜନ୍ ବୋଲ୍ଟନ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବନ୍ଧୁତା ଏବେ ଶେଷ ହୋଇଛି ବୋଲି ସେ ବ୍ରିଟେନ ଗଣମାଧ୍ୟମ ଏଲ୍‌ବିସିକୁ ଏକ ସାକ୍ଷାତକାର ଦେବା ଅବସରରେ ଏହି କଥା କହିଛନ୍ତି। ଆମେରିକା-ଭାରତ ସମ୍ପର୍କକୁ ହ୍ୱାଇଟ୍ ହାଉସ୍ ତଥା ଟ୍ରମ୍ପ ପ୍ରଶାସନ କେତୋଟି ଦଶନ୍ଧି ପଛକୁ ଠେଲି ଦେଇଛି। ତେଣୁ ମୋଦୀ ରୁଷ୍ ଓ ଚୀନ୍‌ର ନିକଟତର ହୋଇଛି। ଫଳରେ ଚୀନ୍ ଏବେ ଆମେରିକା ଓ ଟ୍ରମ୍ପଙ୍କ ବିକଳ୍ପ ଭାବେ ନିଜକୁ ଉପସ୍ଥାପନ କରିବାର ସୁଯୋଗ ପାଇଛି। ଆମେରିକାର ଏହା ଏକ ବଡ଼ ତ୍ରୁଟି ବୋଲି ସେ ସ୍ୱୀକାର କରିଛନ୍ତି। ଏବେ ଏହାକୁ ଠିକ୍ କରାଯିବା ଏକ ପ୍ରକାର ଅସମ୍ଭବ। ସ୍ଥିତି ବହୁତ ଖରାପ ହୋଇଥିବାରୁ ଏବେ ଏହା ଅସମ୍ଭବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେରିକାର ବୈଦେଶିକ ନୀତିକୁ ଟ୍ରମ୍ପ ନିଜ ବ୍ୟକ୍ତିଗତ ବନ୍ଧୁତ୍ୱ ଚଷମାରେ ଦେଖୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ବ୍ୟକ୍ତିଗତ ସମ୍ପର୍କ ଓ ଦେଶର ସମ୍ପର୍କରେ ଥିବା ପାର୍ଥକ୍ୟକୁ ଟ୍ରମ୍ପ ବୁଝିବାରେ ବିଫଳ ହୋଇଛନ୍ତି। ଟ୍ରମ୍ପ ଓ ମୋଦୀଙ୍କ ମଧ୍ୟରେ ପୂର୍ବରୁ ବହୁତ ଭଲ ସମ୍ପର୍କ ଥିଲା। କିନ୍ତୁ ଏବେ ଏହା ଶେଷ ହୋଇଛି। ଟ୍ରମ୍ପ ସେପ୍ଟେମ୍ବର ୧୭ରୁ ୧୯ ମଧ୍ୟରେ ବ୍ରିଟେନ ଯାତ୍ରା କରିବା ପୂର୍ବରୁ ବୋଲ୍ଟନ ଏହି କଥା କହିଛନ୍ତି। ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲାଗୁ କରି ଆମେରିକ ବଡ଼ ଭୁଲ କରିଛି ବୋଲି ସେ ସ୍ୱୀକାର କରିଛନ୍ତି।

## ଭାରତ-ରୁଷ୍‌କୁ ଚୀନ୍ ହାତରେ ଟେକି ଦେଇଛୁ: ଟ୍ରମ୍ପ

ୱାସିଂଟନ, ୫ା୯ (ଏଜେନ୍ସି): ଭାରତ ଓ ରୁଷିଆକୁ ଏବେ ଆମେ ହରାଇଛୁ ଓ ଏହି ଦୁଇ ଦେଶ ଏବେ ଚୀନ୍ ପଟରେ ସାମିଲ ହୋଇଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଭାରତ ଓ ରୁଷକୁ ଆମେ ଚୀନ୍ ହାତରେ ଟେକି ଦେଇଛୁ। ଆଶାକରୁଛି ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଟ୍ରମ୍ପ ଉଲ୍ଲେଖ କରିଛନ୍ତି। ସେପଟେ ଭାରତର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏ ସଂକ୍ରାନ୍ତରେ କିଛି କହିବାକୁ ମନା କରିଦେଇଛନ୍ତି। ଭାରତ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ ଲଗାଇବା ପରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ଖରାପ ହୋଇଛି। ଭାରତ ସମେତ କେତୋଟି ଦେଶ ଉପରେ ଉଚ୍ଚ ଟାରିଫ ଲଗାଇବା ମାମଲାର ଶୁଣାଣି ଏବେ ଆମେରିକାର କୋର୍ଟରେ ଚାଲିଛି। ଭାରତ ଉପରେ ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ଟ୍ରମ୍ପ ଗୁରୁବାର କୋର୍ଟରେ କହିଛନ୍ତି। ଏପରି କରା ନଗଲେ ଆମେରିକା ବହୁତ ଆର୍ଥିକ କ୍ଷତି ସହିବ ବୋଲି ସେ କହିଛନ୍ତି। ୟୁକ୍ରେନ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ମଧ୍ୟ ଭାରତ ଉପରେ ଟାରିଫ ଲାଗୁ କରାଯାଇଛି ବୋଲି ସେ କହିଛନ୍ତି। ରୁଷିଆଠାରୁ ଭାରତ ତୈଳ କ୍ରୟ କରୁଛି ଓ ରୁଷିଆ ଏଥିରେ ଲାଭବାନ ହେବା ସହ ଯୁଦ୍ଧ ପାଇଁ ବଳ ପାଉଛି। ତେଣୁ ଭାରତ ଉପରେ ଏହି ଟାରିଫ ଲାଗୁ କରିବା ଜରୁରି ଥିଲା ବୋଲି ସେ କୋର୍ଟକୁ ଅବଗତ କରାଯାଇଛନ୍ତି। ଏକ ତଳ କୋର୍ଟ ଟ୍ରମ୍ପଙ୍କ ଟାରିଫ ନୀତିକୁ ତ୍ରୁଟି ପୂର୍ଣ୍ଣ କହିବା ସହ ଟ୍ରମ୍ପ ଏପରି କରିବା ଠିକ୍ ନୁହଁ ବୋଲି କହିଥିଲେ। ଫଳରେ ଟ୍ରମ୍ପ ସେପ୍ଟେମ୍ବର ୪ରେ ସୁପ୍ରିମକୋର୍ଟରେ ଅପିଲ କରିଥିଲେ।

## ମୌସୁମୀ ବର୍ଷାର ତାଣ୍ଡବ

# ଦିଲ୍ଲୀ-ଏନ୍‌ସିଆର୍‌ରେ ବନ୍ୟା

ନୂଆଦିଲ୍ଲୀ, ୫ା୯ (ଏଜେନ୍ସି): ସାରା ଉତ୍ତର ଭାରତରେ ମୌସୁମୀ ବର୍ଷାର ତାଣ୍ଡବ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ପାହାଡ଼ି ରାଜ୍ୟଗୁଡିକଠାରୁ ସମତଳ ଅଞ୍ଚଳ ପର୍ଯ୍ୟନ୍ତ ବିପର୍ଯ୍ୟୟ ଜାରି ରହିଛି। କ୍ରମାଗତ ବର୍ଷା କାରଣରୁ ଯମୁନା ନଦୀର ଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଫଳରେ ଦିଲ୍ଲୀ-ଏନ୍‌ସିଆରରେ ବନ୍ୟା ଆସିଛି। ନୋଏଡାର ସେକ୍ଟର-୧୩୫ ଓ ସେକ୍ଟର-୧୫୧ ଜଳମଗ୍ନ ହୋଇଛି। ବହୁ ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଦିଲ୍ଲୀର ମୟୂର ବିହାର ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ହରିୟାଣାର ପଞ୍ଚକୁଲା, ହିସାର, ରୋହତକ ଓ ଝାଜରରେ ସବୁ ସ୍କୁଲକୁ ବନ୍ଦ କରିଦିଆଯାଇଛି। ଫତେହାବାଦ୍, କୁରୁକ୍ଷେତ୍ର, ଯମୁନାନଗର ଓ ଫରିଦାବାଦ୍‌ରେ ମଧ୍ୟ କେତୋଟି ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ଗୁରୁଗ୍ରାମରେ ସିଗନେଚର ଗ୍ଲୋବାଲ ସାଲୋରା ସୋସାଇଟିରେ ପାଣି ପସିଯାଇଛି। ଫଳରେ ଏହି ଅଞ୍ଚଳରେ ମହିଳା ଓ ଛୋଟ ପିଲାମାନେ ଘରୁ ବାହରକୁ ବାହରିପାରିନାହାନ୍ତି ଓ ଜଳବନ୍ଦୀ ହୋଇ ରହିଛନ୍ତି।

ରାଜସ୍ଥାନ ଆଜ୍‌ମେରରେ ଗୁରୁବାର ରାତିରେ ପ୍ରବଳ ବର୍ଷା ହେବା କାରଣରୁ ବୋରାଜ ପୋଖରୀର ପାଚେରୀ ଭାଙ୍ଗିଯାଇଛି। ଫଳରେ ଅଚାନକ ଏକ ହଜାରରୁ ଊର୍ଦ୍ଧ୍ୱ ଘରେ ବନ୍ୟା ପାଣି ପସିଯାଇଛି। ସ୍ଥିତି ଏପରି ହୋଇଥିଲା ଯେ, ଲୋକ ଛାତ ଉପରେ ଯାଇ ଜୀବନ ବଞ୍ଚାଇଛନ୍ତି। ପାଣି ସୁଅ ଏତେ ପ୍ରଖର ଥିଲା ଯେ, କେତୋଟି ଗାଡ଼ି ଖେଳଣା ଭଳି ଭାସି ଯାଇଥିଲା। କେତୋଟି ଘର ଓ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ଲୋକଙ୍କୁ ଏହି ବିପର୍ଯ୍ୟୟରୁ ବାହାର କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟ ଚାଲୁ ରହିଥିଲା। ଅନ୍ୟପଟେ ପଞ୍ଜାବରେ ବନ୍ୟାସ୍ଥିତିରେ ସୁଧାର ଆସିନାହିଁ। ବ୍ୟାନ ଯୋଗୁଁ ଏହି ଉତ୍ତର ପଶ୍ଚିମ ସୀମାନ୍ତ ରାଜ୍ୟରେ ଏପର୍ଯ୍ୟନ୍ତ ୪୩ ଲୋକ ମୃତ୍ୟୁବରଣ କରିଛନ୍ତି। ରାଜ୍ୟର ୨୩ଟି ଜିଲ୍ଲାରେ ୧, ୬୫୫

**ନୋଏଡାରେ ଏକାଧିକ ସେକ୍ଟର ଜଳମଗ୍ନ**

**ପଞ୍ଜାବରେ ବନ୍ୟା ଯୋଗୁଁ ୪୩ ମୃତ**

ଗାଁ ପାଣି ଘେରରେ ରହିଛି ଓ ୩.୫୫ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ୧.୭୧ ହେକ୍ଟର ଜମିରେ ହୋଇଥିବା ଚାଷ ନଷ୍ଟ ହୋଇଛି। ପୁଣି ଆଗାମୀ ୫ ଦିନ ଏହି ରାଜ୍ୟରେ ପ୍ରବଳ ବର୍ଷା ହେବାର ସତର୍କତା ଜାରି କରାଯାଇଛି। ଫଳରେ ସ୍ଥିତି ଆହୁରି ଗୁରୁତର ହେବ ବୋଲି ଆଶାଙ୍କା କରାଯାଉଛି।

କଶ୍ମୀରରେ ଗୁରୁବାର ପ୍ରବଳ ବର୍ଷା ହେବା କାରଣରୁ ଭୂସ୍ଖଳନ ହୋଇଛି ଓ ଏହି କାରଣରୁ ଦେଶର ବାକି ଅଞ୍ଚଳ ସହ ସମ୍ପର୍କ କଟିଯାଇଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥ ସହ ସବୁ ସଡ଼କ ବନ୍ଦ ରହିଛି। ଅବଶ୍ୟ ଝେଲମ ନଦୀର ଜଳସ୍ତରରେ ହ୍ରାସ ପାଇଛି। ନଦୀ ଏବେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। କିନ୍ତୁ ସତର୍କତା ଅବଲମ୍ବନପୂର୍ବକ କଶ୍ମୀର ଅଞ୍ଚଳର ସବୁ ସ୍କୁଲ ଓ କଲେଜକୁ ଶନିବାର ପର୍ଯ୍ୟନ୍ତ ବନ୍ଦ କରାଯାଇଛି।



ଅନ୍ୟପଟେ ଜମ୍ମୁର ରାମବନ ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ହଠାତ ବନ୍ୟା ଆସିବା ସହ ଭୂସ୍ଖଳନ ହୋଇଛି। ଫଳରେ ଏହି ଅଞ୍ଚଳରେ ୨୮୩ ଘର କ୍ଷତିଗ୍ରସ୍ତ ହୋଇଛି। ୯୫୦ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ଅଞ୍ଚଳକୁ ନିଆଯାଇଛି। ଗତ ଅଗଷ୍ଟ ୨୯ରେ ରାମବନର ରାଜଗଡ଼ ତହସିଲର ଦୁବଲା ଗାଁରେ ବାଦଲ ଫଟା ବର୍ଷା ଯୋଗୁଁ ଭୂସ୍ଖଳନ ହୋଇଥିଲା। କଶ୍ମୀର ବନ୍ଦୀପୋରାର ବୁଲର ହ୍ରଦରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ୧୧ଟି ପରିବାରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ସେହିପରି ହିମାଚଳ ପ୍ରଦେଶରେ ଗତ ୧୧ ଦିନ ହେବ ଫସି ରହିଥିବା ୫୦ ଜଣ ଯାତ୍ରୀଙ୍କୁ ଚିନୁକ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ଭାରତ ଓ ପାକିସ୍ତାନର ସୀମାରେ ଥିବା ତାର ବାଡ଼ଗୁଡିକ କେତେ କିମି ଧରି ବୁଡି ରହିଥିବାର ଦେଖାଯାଇଛି। ସେହିପରି ଓଖଳା ବ୍ୟାରେଜର ସବୁ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ଯମୁନା ନଦୀର ଜଳସ୍ତରରେ ବୃଦ୍ଧି ଘଟିଛି। ହିମାଚଳ ପ୍ରଦେଶରେ ୫ଟି ଜଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କତା ଜାରି କରାଯାଇଛି।

## ଦେଶ ପାଇଁ ବିଚାରଧାର ଜରୁରି: ସିଡିଏସ୍ ଅନିଲ ଚୌହାନ




ଗୋରଖପୁର, ୫ା୯ (ଏଜେନ୍ସି): ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିଛନ୍ତି। ଗୋରଖପୁରାରେ ଗୋର୍ଖା ଯୁଦ୍ଧ ସ୍ମାରକୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଓ ସଂଗ୍ରାହଳୟ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ଏକ ରାଷ୍ଟ୍ରର ସଞ୍ଚାଳନ ପାଇଁ ବିଚାରଧାରା ନିହାତି ଜରୁରି। ଭୂମି ରାଷ୍ଟ୍ରର ଭୌତିକ ପରିଚୟ। ଶରୀର ପାଇଁ ଯେପରି ରକ୍ତର ଆବଶ୍ୟକତା ଅଛି, ଠିକ୍ ସେହିପରି ଦେଶ ପାଇଁ ଏକ ବିଚାରଧାରା ଜରୁରି ବୋଲି ସେ କହିଛନ୍ତି। ଏହା ମଧ୍ୟ ପ୍ରଶାସନିକ ଢ଼ାଞ୍ଚାକୁ ଦୃଢ଼ କରିଥାଏ। ଶତ୍ରୁ ଦେଶ ପରମାଣୁ ଅସ୍ତ୍ରରେ ଶକ୍ତି ସମ୍ପର୍ଣ୍ଣ। ପୁଣି ଭାରତ ସମ୍ମୁଖରେ ସୀମା ବିବାଦ କଡ଼ା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ସ୍ୱାଧୀନତା ପାଇବା ପରେ ମଧ୍ୟ ସୀମାକୁ ନେଇ ଶତ୍ରୁ ଦେଶ ସହ ଏକାଧିକବାର ଯୁଦ୍ଧ ହୋଇ ସାରିଛି। ଖାସ୍ କରି ଚୀନ୍ ସହିତ ଥିବା ବହୁଦିନର ସୀମା ବିବାଦ ଭାରତ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ପୁଣି ଭାରତରେ ଏକାଧିକ ଆଞ୍ଚଳିକ ସମସ୍ୟା ରହିଛି ବୋଲି ସେ କହିଛନ୍ତି। ତେଣୁ ଦେଶର ଚାରିପଟୁ ବିପଦ ରହିଛି। ସେହିପରି ଦେଶ ପାଇଁ ଅଭ୍ୟନ୍ତରୀଣ ବିପଦ ମଧ୍ୟ ରହିଛି। ତେଣୁ ଏହି ସବୁ ବିପଦକୁ ପ୍ରତିହତ କରିବାର ଚ୍ୟାଲେଞ୍ଜ ଆମ ସମ୍ମୁଖରେ ରହିଛି। ଆଧୁନିକ ଯୁଗରେ ଏବେ ଯୁଦ୍ଧର ସ୍ୱରୂପ ବଦଳିଛି। ଜଳ, ସ୍ଥଳ ଓ ବାୟୁ ସେନା ମଧ୍ୟରେ ସମନ୍ୱୟ ଓ ସନ୍ତୁଳନ ରକ୍ଷା କରିବାକୁ ହେବ ବୋଲି ସେ କହିଛନ୍ତି। ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ତାହାକୁ ଶେଷ କରିବାକୁ ହେବ ବୋଲି ସେ କହିଛନ୍ତି।

## ଆମେରିକାଠାରୁ ୫ମ ପିଢ଼ିର ବିମାନ ଇଞ୍ଜିନ୍ କିଣିବ ଭାରତ

ନୂଆଦିଲ୍ଲୀ, ୫ା୯ (ଏଜେନ୍ସି): ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ଟାରିଫ ଯୁଦ୍ଧ ବିବାଦ ମଧ୍ୟରେ ଏକ ଭଲ ଖବର ଆସିଛି। ଭାରତର ବିମାନ ନିର୍ମାତା କମ୍ପାନୀ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ହାଲ) ଓ ପ୍ରସିଦ୍ଧ ଆମେରିକା କମ୍ପାନୀ ଜେନେରାଲ ଇଲେକଟ୍ରିକ୍ (ଜିଇ) ମଧ୍ୟରେ ଜେଟ୍ ଇଞ୍ଜିନ୍‌କୁ ନେଇ ଏକାଧିକ ପ୍ରତିରକ୍ଷା ଚୁକ୍ତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ୧୪ ହଜାର କୋଟି ଟଙ୍କାରେ ଏହି ଚୁକ୍ତି ହୋଇଛି। ଜେଟ୍ ଜିଇ ୪୧୪ ଇଞ୍ଜିନକୁ ନେଇ ଏକ ବଡ଼ ଚୁକ୍ତି ହୋଇଛି ବୋଲି ହାଲ ସୂତ୍ରରୁ ଜଣାଯାଇଛି। ଏହି ଇଞ୍ଜିନ୍ ଭାରତର ୫ମ ପିଢ଼ୀର ସ୍ୱଦେଶୀ ଲଢ଼ୁଆ ବିମାନ ଅର୍ଥାତ ଆଡଭାନ୍‌ଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ)ରେ ଲାଗିବ। ଜିଇ ଏହି ଇଞ୍ଜିନର ୮୦ ପ୍ରତିଶତ ବୈଷୟିକ ଜ୍ଞାନକୌଶଳ ଦେବାକୁ ହାଲର ସର୍ତ୍ତକୁ ମାନିନେଇଛି। ଫଳରେ ଜିଇ-୪୧୪ ଇଞ୍ଜିନର ଉତ୍ପାଦନ ଭାରତରେ ହୋଇପାରିବ। ହାଲ ମଧ୍ୟ ଆଗୁଆ ୧୦ଟି ଜିଇ-୪୧୪ ଇଞ୍ଜିନ କ୍ରୟ କରିଛି।

**୧୪ ହଜାର କୋଟିର ଚୁକ୍ତି**

**୮୦ ପ୍ରତିଶତ ବୈଷୟିକ ଜ୍ଞାନ କୌଶଳ ଦେବାକୁ ପ୍ରସ୍ତୁତ**



ଫଳରେ ଏଏମ୍‌ସିଏ ବିକାଶରେ ବିଳମ୍ବ ହେବ ନାହିଁ। ଆସନ୍ତାମାସ ଅର୍ଥାତ ଅକ୍ଟୋବରରେ ବାୟୁସେନାକୁ ଦୁଇଟି ତେଜସ୍ ଏମ୍‌କେ୧ ବିମାନ ମିଳିବ।

■ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନରେ ବୈଷୟିକ ତ୍ରୁଟି

## ଇନ୍ଦୋରରେ ଜରୁରିକାଳୀନ ଅବତରଣ

ନୂଆଦିଲ୍ଲୀ, ୫ା୯ (ଏଜେନ୍ସି): ଦିଲ୍ଲୀରୁ ଇନ୍ଦୋର ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ଏକ ବିମାନ ଶୁକ୍ରବାର ସକାଳେ ଇନ୍ଦୋର ବିମାନ ବନ୍ଦରରେ ଜରୁରିକାଳୀନ ଅବତରଣ କରିଛି। ଏହି ବିମାନରେ ୧୬୧ ଜଣ ଯାତ୍ରୀ ଥିଲେ। ଫ୍ଲାଇଟ୍ ନଂ ଆଇଏକ୍ସ-୧୧୦୪ ଇଞ୍ଜିନରେ ବୈଷୟିକ ତ୍ରୁଟି ଦେଖାଯିବା ଫଳରେ ଏହା ସକାଳ ୯.୫୪ ମିନିଟ୍‌ରେ ଜରୁରିକାଳନୀ ଅବତରଣ କରିଥିଲା। ଜରୁରିକାଳନୀ ଅବତରଣ ଖବର ଶୁଣି ଯାତ୍ରୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବିମାନବନ୍ଦରରେ ଅପେକ୍ଷା କରିଥିବା ଯାତ୍ରୀମାନଙ୍କ ସମ୍ପର୍କୀୟମାନେ ମଧ୍ୟ ଆତଙ୍କିତ ହୋଇ ପଡ଼ିଥିଲେ। ଦିଲ୍ଲୀରୁ ଏହି ବିମାନ ବିଳମ୍ବରେ ଉଡାଣ ଭରିଥିଲା। ଏହି ବିମାନ ଦିଲ୍ଲୀରୁ ୬.୪୦ରୁ ବାହାରି ଇନ୍ଦୋରରେ ୮.୧୫ରେ ପହଞ୍ଚିଥାଏ। କିନ୍ତୁ ଆଜି ସକାଳେ ଏହା ୮.୨୮ରେ ଟେକ୍‌ଅଫ୍ କରିଥିଲା। ଇନ୍ଦୋର ପହଞ୍ଚିବା ବେଳକୁ ବିମାନର ବାମପଟ ଇଞ୍ଜିନରେ ତ୍ରୁଟି ଦେଖାଦେଇଥିଲା। ଏହାପରେ ପାଇଲଟ୍ ଯଥାଶୀଘ୍ର ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ଅବଗତ କରାଇଥିଲେ ଓ ଏଟିସି ତୁରନ୍ତ ଜରୁରିକାଳୀନ ଅବତରଣର ବ୍ୟବସ୍ଥା କରିଥିଲେ। ଏବେ ଇଞ୍ଜିନିୟରିଂ ଟିମ୍ ଏହି ବିମାନର ଯାଞ୍ଚ୍ କରୁଛି।

## ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦେବେ ୨୬ ଦେଶ

ପ୍ୟାରିସ, ୫ା୯ (ଏଜେନ୍ସି): ୨୬ଟି ୟୁରୋପୀୟ ଦେଶ ୟୁକ୍ରେନ୍‌କୁ ପୋଷ୍ଟ ୱାର ଅର୍ଥାତ ଯୁଦ୍ଧ ପରର ସୁରକ୍ଷା ଗ୍ୟାରେଣ୍ଟ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି। ୟୁକ୍ରେନ୍‌ରେ ଏକ ଇଣ୍ଟରନ୍ୟାସନାଲ ଫୋର୍ସ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। 'କୋଆଲିସନ ଅଫ୍ ୱିଲିଂ' ସମ୍ମିଳନୀ ପରେ ଗଣମାଧ୍ୟମ ସହ କଥା ହେବା ବେଳେ ମାକ୍ରୋନ ଏହିକଥା କହିଛନ୍ତି। ଏହି ବୈଠକରେ ୟୁରୋପୀଆନ ୟୁନିୟନ ସମେତ ୩୫ ଦେଶର ନେତା ସାମିଲ ହୋଇଥିଲେ। ବୈଠକ ପରେ ମାକ୍ରୋନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ହୋଇଥିଲେ ଓ ଏହି ଗ୍ୟାରେଣ୍ଟି ପାଇଁ ସମର୍ଥନ ଦେବାକୁ କହିଥିଲେ। ୟୁକ୍ରେନ ସେନାବାହିନୀକୁ କେତୋଟି ଦେଶ ଟ୍ରେନିଂ ଦେବା ସହ ଅସ୍ତ୍ରଶସ୍ତ୍ର ଯୋଗାଇବେ। ୟୁକ୍ରେନ- ରୁଷିଆ ଯୁଦ୍ଧ ଶେଷ ହେବା ମାତ୍ରେ ହିଁ ଏହି ସୁରକ୍ଷା ଗ୍ୟାରେଣ୍ଟି ଲାଗୁ ହେବ। କିନ୍ତୁ ଏହା ବିରୋଧରେ ରୁଷି ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ସିଧାସଳଖ ଧମକ ଦେଇଛନ୍ତି। ଯଦି ୟୁକ୍ରେନରେ ପାଶ୍ଚାତ୍ୟ ଦେଶର କୌଣସି ସୈନ୍ୟ ନିୟୋଜିତ ହୁଅନ୍ତି ତେବେ ରୁଷିଆ ତାଙ୍କୁ ଟାର୍ଗେଟ କରିବା ସହ ଆକ୍ରମଣ କରିବ ବୋଲି ପୁତିନ କହିଛନ୍ତି।

## ମହିଳା ଆଇପିଏସ୍‌ଙ୍କୁ ଅଜିତ ପାୱାରଙ୍କ ଧମକ

ମୁମ୍ବଇ, ୫ା୯ (ଏଜେନ୍ସି): ମହାରାଷ୍ଟ୍ର ଉପ- ମୁଖ୍ୟମନ୍ତ୍ରୀ ତଥା ନ୍ୟାସାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଅଜିତ ପାୱାର ଅଞ୍ଜନା କ୍ରିଷ୍ଣା ନାମକ ଜଣେ ମହିଳା ଆଇପିଏସ୍ ଅଧିକାରୀଙ୍କୁ ଧମକ ଦେବାର ଏକ ଭିଡିଓ ଭାଇରାଲ ହୋଇଛି। ଦୁହିଁଙ୍କ ମଧ୍ୟରେ ଫୋନ୍‌ରେ ଗରମାଗରମ ଯୁକ୍ତିତର୍କ ହେବା ବେଳେ ଅଜିତ ତାଙ୍କୁ ପାଟି କରିବା ସହ ଧମକ ଦେଉଥିବା ଦେଖିବାକୁ ମିଳିଛି। ଅଗଷ୍ଟ ୩୧ରେ ସୋଲାପୁର ଜିଲ୍ଲାର କୁର୍ଦ୍ଦୁ ଗାଁରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଇଛି। ଅଞ୍ଜନା ଏହି ଅଞ୍ଚଳରେ ମୋହରମର ଅବୈଧ ଖନନକୁ ରୋକିବାକୁ ସେଠାରେ ପହଞ୍ଚିଥିଲେ। କିନ୍ତୁ ଏହାକୁ ରୋକିବାକୁ ଅଜିତ ଏହି ମହିଳା ଆଇପିଏସ୍‌କୁ କହୁଥିବାର ଶୁଣାଯାଇଛି। ଭିଡିଓରେ ଅଞ୍ଜନା ହାତରେ ଏକ ମାବାଇଲ ଧରି ଛିଡା ହୋଇଥିବାର ଲକ୍ଷ୍ୟ କରାଯାଇଛି ଓ ତାଙ୍କ ପାଖରେ କିଛି ଲୋକ ଠିଆ ହୋଇଛନ୍ତି। ଏନ୍‌ସିପିର ଜଣେ କର୍ମୀଙ୍କ ମୋବାଇଲରୁ ଅଜିତ ଫୋନ୍ କରିଥିଲେ। କିନ୍ତୁ ଅଞ୍ଜନା ତାଙ୍କ ସ୍ୱର ଜାଣିପାରି ନଥିଲେ। ଫଳରେ ଅଜିତ ଭିଡିଓ କଲ୍ କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଅଜିତ ନିଜ ତ୍ରୁଟି ସ୍ୱୀକାର କରିଛନ୍ତି ଓ ପୁଲିସ ଓ ଅଧିକାରୀଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ଦେଶର ୪୭% ମନ୍ତ୍ରୀଙ୍କ ଉପରେ ଆପରାଧିକ ମାମଲା



ନୂଆଦିଲ୍ଲୀ, ୫ା୯ (ଏଜେନ୍ସି): ଦେଶରେ ୩୦୨ ଜଣ ମନ୍ତ୍ରୀ (ପାଖାପାଖି ୪୭ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ଏମାନଙ୍କୁ ମଧ୍ୟରୁ ୧୭୪ ଜଣ ମନ୍ତ୍ରୀଙ୍କ ଉପରେ ହତ୍ୟା, ଅପହରଣ ଓ ମହିଳାଙ୍କ ବିରୋଧରେ ଅପରାଧ ଭଳି ଗମ୍ଭୀର ଅଭିଯୋଗ ରହିଛି। ସେହିପରି କେନ୍ଦ୍ର ସରକାରଙ୍କ ୭୨ ମନ୍ତ୍ରୀଙ୍କ ମଧ୍ୟରୁ ୨୯ଜଣ (୪୦ ପ୍ରତିଶତ) ନିଜ ଉପରେ ଆପରାଧିକ ମାମଲା ଥିବା କଥା ସ୍ୱୀକାର କରିଛନ୍ତି। ନିର୍ବାଚନ ସୁଧାର ସଂସ୍ଥା 'ଆସୋସିଏସନ ଫର୍ ଡେମୋକ୍ରାଟିକ ରିଫର୍ମ୍ସ' (ଏଡିଆର) ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି। ଏଡିଆର ୨୭ ରାଜ୍ୟ, ୩ କେନ୍ଦ୍ର ଶାସିତ ଅଞ୍ଚଳ ଓ କେନ୍ଦ୍ର ସରକାରଙ୍କ ମୋଟ୍ ୬୪୩ ମନ୍ତ୍ରୀଙ୍କ ଶପଥ ପତ୍ର ବା ଆଫିଡେଭିଟ୍‌ର ବିଶ୍ଲେଷଣ କରି ଏହି ନିଷ୍କର୍ଷରେ ପହଞ୍ଚିଛି। ୨୦୨୦ ଓ ୨୦୨୫ ମଧ୍ୟରେ ଅନୁଷ୍ଠିତ ନିର୍ବାଚନ ଅବସରରେ ଦାଖଲ ହୋଇଥିବା ଶପଥ ପତ୍ରକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଏଡିଆର ତରଫରୁ କୁହାଯାଇଛି। ୧୧ଟି ରାଜ୍ୟରେ ୬୦ ପ୍ରତିଶତ ମନ୍ତ୍ରୀ ଆପରାଧିକ ମାମଲାରେ ଅଭିଯୁକ୍ତ ଅଛନ୍ତି। ଏହିକ୍ରମରେ ଦେଖିବାକୁ ଗଲେ ବିଜେପିର ୩୩୬ ମନ୍ତ୍ରୀଙ୍କ ମଧ୍ୟରୁ ୧୩୬ ମନ୍ତ୍ରୀଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ଓ ୮୮ ଜଣଙ୍କ ଉପରେ ଗମ୍ଭୀର ମାମଲା ରୁଜୁ କରାଯାଇଛି। ଅନ୍ୟପଟେ କଂଗ୍ରେସର ୬୧ ମନ୍ତ୍ରୀଙ୍କ ମଧ୍ୟରୁ ୪୫ ଜଣଙ୍କ ବିରୋଧରେ ମାମଲା ରହିଥିବା ବେଳେ ୧୮ଜଣଙ୍କ ବିରୋଧରେ ଗମ୍ଭୀର ମାମଲା ରହିଛି। ସେହିପରି ଡିଏମ୍‌କେର ୩୧ରୁ ୨୭, ଟିଏମ୍‌ସିର ୪୦ରୁ ୧୩, ଟିଡିପିର ୨୩ରୁ ୨୨ ଏବଂ ଆପ୍‌ର ୧୬ରୁ ୧୧ ଜଣ ବିରୋଧରେ ଆପରାଧିକ ମାମଲା ରହିଛି। ଉଲ୍ଲେଖଥାଉ କି, କିଛିଦିନ ତଳେ କେନ୍ଦ୍ର ସରକାର ଏକ ପ୍ରସ୍ତାବ ରଖିଥିଲେ। ଏହା ଅନୁସାରେ ଯେଉଁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ଗମ୍ଭୀର ଆପରାଧିକ ମାମଲାରେ ୩୦ ଦିନ ଜେଲରେ ରହିବା ପରେ ପଦରୁ ହଟିବେ ବୋଲି କୁହାଯାଇଥିଲା।

## ଦାଗୀ ମନ୍ତ୍ରୀ ତାଲିକା | ଦେଶରେ ଓଡ଼ିଶା ପ୍ରଥମ

**ରାଜ୍ୟର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମାମଲା**

**କନକ ସବୁଠାରୁ ଧନୀ, ଦ୍ୱିତୀୟ ସ୍ଥାନରେ ପ୍ରଦୀପ**

ଭୁବନେଶ୍ୱର,୫।୯(ସମିସ): ଓଡ଼ିଶାର ୧୬ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୪ ଜଣ ମନ୍ତ୍ରୀଙ୍କ ନାମରେ ରହିଛି ଅପରାଧିକ ମାମଲା । ଏପରିକି ଅପରାଧିକ ମାମଲା ଥିବା ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୮ ଜଣଙ୍କ ୧୪ ମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ନାମରେ ଗୁରୁତର ଅପରାଧିକ ମାମଲା ପଞ୍ଜିକୃତ ହୋଇଛି। ନିକଟରେ ଦେଶର ୨୭ଟି ରାଜ୍ୟ ଓ ୩ ଟି କେନ୍ଦ୍ର ଶାସିତ ଅଞ୍ଚଳର ମନ୍ତ୍ରୀମାନଙ୍କ ସତ୍ୟପାଠ ଆଧାରରେ ଏପରି ରିପୋର୍ଟ ପ୍ରକାଶ କରିଛି ଆସୋସିଏସନ୍ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଓ ନ୍ୟାସନାଲ ଇଲେକ୍ସନ ୱାଚ୍ (ଏନ୍ଇଡବ୍ଲ୍ୟୁ) । ଦାଗୀ ବା ଅପରାଧିକ ମାମଲା ଥିବା ମନ୍ତ୍ରୀଙ୍କ ସୂଚୀରେ ଓଡ଼ିଶା ସହ ଆନ୍ଧ୍ରପ୍ରଦେଶ ଯୁଗ୍ମ ଭାବରେ ସାରା ଦେଶରେ ପ୍ରଥମସ୍ଥାନ ଅଧିକାର କରିଛନ୍ତି ।

ଏଡିଆର ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଉଭୟ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ୮୮ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା ରହିଛି । ସେହିପରି ଉଭୟ ରାଜ୍ୟରେ ୫୬ ପ୍ରତିଶତ ମନ୍ତ୍ରୀଙ୍କ ନାମରେ ମଧ୍ୟ ଗୁରୁତର ଅପରାଧିକ ମାମଲା ଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଓଡ଼ିଶାର ସବୁଠାରୁ ଧନୀ ମନ୍ତ୍ରୀ ଭାବରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ନାମ ସ୍ଥାନ ପାଇଛି । ତାଙ୍କର ସମ୍ପତ୍ତି ୬୭ କୋଟି ୩୦ ଲକ୍ଷ ୬୦ ହଜାର ୬୨୯ ଟଙ୍କା ବୋଲି ଉଲ୍ଲେଖ ରହିଛି । ସେହିପରି ତାଙ୍କ ନାମରେ ୭୫ ଲକ୍ଷ ଟଙ୍କା ଋଣ ଥିବା ଏଡ଼ିଆର୍ ଉଲ୍ଲେଖ କରିଛି। ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟର ଦ୍ୱିତୀୟ ଧନୀ ମନ୍ତ୍ରୀ ବୋଲି କୁହାଯାଇଛି ଓ ତାଙ୍କ ନିକଟରେ ୧୭.୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ରହିଛି। ତାଙ୍କ ନାମରେ ୮୫ ଲକ୍ଷ ଟଙ୍କା ଋଣ ରହିଛି । ଅନ୍ୟପକ୍ଷରେ ସମ୍ପତ୍ତି ସୂଚୀରେ ଯୋଗାଣମନ୍ତ୍ରୀ ତୃତୀୟ ସ୍ଥାନରେ ରହିଛନ୍ତି । ତାଙ୍କ ପାଖରେ ୭ କୋଟି ୬୬ ଲକ୍ଷ ୫୮ ହଜାର ୨୩୭ ଟଙ୍କା ସମ୍ପତ୍ତି ରହିଛି ।



ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଓ ମହିଳା ବ୍ୟାପାର କମିଟି ସଦସ୍ୟ

## ଏସ୍‌ସି, ଏସ୍‌ଟିଙ୍କୁ ମିଳୁନି ନ୍ୟାୟ | ବିଚାର ଅପେକ୍ଷାରେ ୩୦ ହଜାର ମାମଲା

**ଦଣ୍ଡ ବିଧାନ ହାର ନଗଣ୍ୟ    ଥାନା କଚେରୀକୁ ଦୌଡ଼ି ଦୌଡ଼ି ନୟାନ୍ତ ଜନସାଧାରଣ**

ଭୁବନେଶ୍ୱର,୪।୯(ସମିସ): ଏସ୍‌ସି/ଏସ୍‌ଟି(ଅନୁସୂଚିତ ଜାତି ଓ ଜନଜାତି)ଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଛି ପ୍ରଶାସନ। ବର୍ଷ ବର୍ଷ ଧରି ମାମଲା କୋର୍ଟରେ ଗଡୁଛି। ଅଭିଯୋଗକାରୀ ଥାନା, କୋର୍ଟକୁ ଦୌଡ଼ି ନୟାନ୍ତ ହେଉଛନ୍ତି । ମାତ୍ର ଅଧିକାଂଶ କ୍ଷେତ୍ରରେ ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହେଉଛି। ଏପରିକି ଏସ୍‌ସି/ଏସ୍‌ଟି ମାମଲାଗୁଡ଼ିକରେ ଓଡ଼ିଶାରେ ଦଣ୍ଡ ବିଧାନ ହାର ଜାତୀୟ ହାରଠାରୁ ଢେର କମ୍ ରହିଛି। ଏପରିକି ଏଭଳି ସମ୍ବେଦନଶୀଳ ଯେତେ ମାମଲା ବିଚାର ପାଇଁ ରହିଛି ତାହାର ଦୁଇ ପ୍ରତିଶତ ମଧ୍ୟ ବର୍ଷକରେ ଫଇସଲା ହୋଇପାରୁ ନାହିଁ। ଏହି ସମୟରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କୁ ତ୍ୱରିତ ନ୍ୟାୟ ମିଳୁନଥିବାରୁ ନିକଟରେ ସରକାର ଏହି ମାମଲାର ତଦନ୍ତ ଏସ୍‌ଆଇ ଏବଂ ଆଇଆଇସିଙ୍କୁ ତଦନ୍ତ ଅନୁମତିକୁ ନେଇ ସୃଷ୍ଟି ହୋଇଛି ବିବାଦ । ଅନ୍ୟୂନ ଡ଼ିଏସ୍‌ପି ପାହ୍ୟା ଅଧିକାରୀଙ୍କ ଦ୍ୱାରା ତଦନ୍ତ ପାଇଁ ରହିଥିବା ବ୍ୟବସ୍ଥା ପରିବର୍ତ୍ତନକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି।

ଏନସିଆର ପକ୍ଷରୁ ପ୍ରକାଶିତ କ୍ରାଇମ୍ ଇନ୍ ଇଣ୍ଡିଆ ରିପୋର୍ଟ-୨୦୨୩ର ତଥ୍ୟ ଅନୁସାରେ ଓଡ଼ିଶାରେ ଅନୁସୂଚୀତ ଜାତି ଓ ଜନଜାତି ଅପରାଧ ମାମଲା ସଂଖ୍ୟା ୩୦ ହଜାର ହେବ। ଏହି ରିପୋର୍ଟର ପରିସଂଖ୍ୟାନ ଅନୁଯାୟୀ ୨୦୨୨ରେ ସାରା ଦେଶରେ ଏସ୍‌ସିଙ୍କ ପ୍ରତି ଥିବା ମାମଲାରୁ ମାତ୍ର ୮ ହଜାର ୬୨ଟିର ବିଚାର ହୋଇଥିବା ବେଳେ ସେଥିରୁ ୩ ହଜାର୨୩୪ଟି ଫଇସଲା ହୋଇଥିଲା। ଏଥିମଧ୍ୟରୁ ମାତ୍ର ୯୦୨ଟିରେ ଦଣ୍ଡ ବିଧାନ ହୋଇଥିଲା। ସେହିଭଳି ଏସ୍‌ଟିମାନଙ୍କ ପ୍ରତି ଘଟିଥିବା ଅପରାଧିକ ମାମଲାରୁ ୪୫ ହଜାର୮୨୭ଟି ମାମଲା ବିଚାର ପାଇଁ ଯାଇଥିବା ବେଳେ ସେଥିରୁ ମାତ୍ର ୧୬ ହଜାର୭୧୪ଟି ଫଇସଲା ହୋଇଥିଲା। ଯେଉଁଥିରେ ମୋଟ ୫୬୨୯ଟି ମାମଲାରେ ଦଣ୍ଡବିଧାନ କରାଯାଇଛି। ମୋଟାମୋଟି ଭାବେ ସାରା ଦେଶରେ ବିଚାର ଅପେକ୍ଷାରେ ଥିବା ଏହି କିସମର ଅପରାଧିକ ମାମଲାଗୁଡ଼ିକ ଭିତରୁ ୬ ପ୍ରତିଶତରୁ କମ୍ ଫଇସଲା ହୋଇଥିବା ବେଳେ ୯୩ ପ୍ରତିଶତରୁ ଅଧିକ ବାକିଆ ମାମଲା ଭାବେ ପରବର୍ତ୍ତୀ ବର୍ଷକୁ ଗଡ଼ିଛି।

ଅନୁରୂପ ଭାବରେ ଏସ୍‌ସି ଓ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାଗୁଡିକ ମଧ୍ୟରେ ଦଣ୍ଡବିଧାନ ଓ ଫଇସଲା ହାର ଓଡ଼ିଶାରେ କମ୍ ରହିଥିବା ଦେଖିବାକୁ ମିଳିଛି। ଏନ୍‌ସିଆର୍‌ବି ରିପୋର୍ଟ ଅନୁସାରେ ଓଡ଼ିଶାରେ ଏସସିଙ୍କ ବିରୋଧରେ ଅପରାଧ କ୍ଷେତ୍ରରେ ଦଣ୍ଡବିଧାନ ହାର ୧୬.୧ ପ୍ରତିଶତ ଥିବା ବେଳେ ଏସ୍‌ଟିଙ୍କ କ୍ଷେତ୍ରରେ ଏହା ୧୬.୬ ରହିଛି। ଏସ୍‌ସିଙ୍କ ପ୍ରତି ଅପରାଧିକ ମାମଲାରୁ ଉକ୍ତ ବର୍ଷରେ ଓଡ଼ିଶାରେ ମାତ୍ର ୪୦ଟି ଘଟଣାରେ ଦଣ୍ଡବିଧାନ ହୋଇଥିବାବେଳେ ଏସ୍‌ଟିଙ୍କ ପ୍ରତି ଅପରାଧିକ ମାମଲାରେ ମାତ୍ର ୯ଟିରେ ଆସାମୀଙ୍କ ପ୍ରତି ଦଣ୍ଡାଦେଶ ହୋଇଛି। ବିଶେଷ କରି ଗ୍ରାମାଞ୍ଚଳରେ ରହୁଥିବା ଏସ୍‌ସି ଏବଂ ଏସ୍‌ଟିଙ୍କୁ ଆକ୍ରମଣ କରାଯାଉଛି। ଅନେକ ସ୍ଥାନରେ କଙ୍ଗାରୁ କୋର୍ଟ କରି ଦଣ୍ଡ ଦିଆଉଥିବା ବେଳେ ଆଉ କେଉଁଠି ପଶୁପରି ବ୍ୟବହାର କରାଯାଉଥିବା କୁହାଯାଉଛି ।

## ପାରାଦୀପ ବନ୍ଦରରେ ଅଘଟଣ | ଜାହାଜରୁ ଖସିପଡ଼ିଲେ ୨ ନାବିକ

**ଚୀନ୍ ନାଗରିକ ନିଖୋଜ, ବାଂଲାଦେଶୀ ନାଗରିକ ଉଦ୍ଧାର**

ପାରାଦୀପ,୫।୯(ସମିସ): ପାରାଦୀପ ବନ୍ଦର ୫ନଂ ଗେଟ୍‌ର ଇଣ୍ଟରନ୍ୟାସନାଲ କାର୍ଗୋ ଟର୍ମିନାଲ ବର୍ଥରେ ଆଜି ସକାଳେ ଏକ ଅଘଟଣ ଘଟିଛି। ପାନାମା ଜାତୀୟ ପତାକା ଲାଗିଥିବା ଏକ



ପଣ୍ୟବାହୀ ଜାହାଜ 'ଏମ୍‌ଭି ଲକି ଡ୍ରାଗନ୍'ରୁ ୨ଜଣ ନାବିକ ଖସି ପଡ଼ିଥିଲେ। ୨ ନାବିକଙ୍କ ମଧ୍ୟରୁ ଜଣେ ଚୀନ୍‌ର ଓ ଅନ୍ୟ ଜଣେ ବାଂଲାଦେଶୀ ବୋଲି ଜଣାଯାଇଛି। ବାଂଲାଦେଶୀ ନାବିକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଚୀନ୍ ନାବିକ ନିଖୋଜ ଅଛନ୍ତି। ନିଖୋଜ ଯୁବକ ହେଲେ, ଝାଙ୍ଗ ତାଇ (୨୦) । ଆସନ୍ତାକାଲି ସେ ତାଙ୍କର ଜନ୍ମଦିନ ପାଳନ କରିଥା'ନ୍ତେ। ଉଦ୍ଧାର ବାଂଲାଦେଶୀ ନାବିକଙ୍କ ପରିଚୟ ମିଳି ପାରିନାହିଁ। ତାଙ୍କୁ ପିଆଇସିଟି କର୍ତ୍ତୃପକ୍ଷ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି ।

ସୂଚନା ମୁତାବକ, ଏମଭି ଲକି ଡ୍ରାଗନ ଜାହାଜ ପିଗ ଆଇରନ ଖଲାସ କରି ସକାଳେ ବର୍ଥ ଛାଡ଼ିବା ପାଇଁ ପ୍ରସ୍ତୁତି ଚଳାଇଥିଲା। ଝାଙ୍ଗ ତାଇ ଜାହାଜ ଶିଡ଼ି ରଶି ଖୋଲିବା ବେଳେ ତାହା ଛିଡ଼ିଯିବାରୁ ତାଇ ଛିଟ୍‌କି ପାଣିରେ ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରିବା ପାଇଁ ବାଂଲାଦେଶୀ ନାବିକ ପାଣିକୁ ଡେଇଁଥିଲେ। ବହୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବାରେ ଅସଫଳ ହୋଇଥିଲେ। ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ତାଙ୍କୁ ଜାହାଜର ଅନ୍ୟ ନାବିକ ଦଉଡ଼ି ସହାୟତାରେ ଉଦ୍ଧାର କରିଥିଲେ। ପରେ କୋଷ୍ଟଗାର୍ଡ, ବନ୍ଦର ମେରାଇନ ବିଭାଗ, ସିଆଇଏସଏଫ ଆଦି ସଂସ୍ଥାର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଦର ଅଧ୍ୟକ୍ଷ ପି. ଏଲ୍ ହାରନାଦ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏବେ ବି ନିଖୋଜ ନାବିକଙ୍କ କୌଣସି ପତ୍ତା ମିଳିପାରିନାହିଁ। ଉଦ୍ଧାର କାର୍ଯ୍ୟରେ ସିଆଇଏସଏଫ୍, ମେରାଇନ ପୁଲିସ, ସ୍କୁବା ଡାଇଭର୍, କୋଷ୍ଟଗାର୍ଡ ଓ ଏନଡିଆରଏଫ ଟିମ୍ ନିୟୋଜିତ ହୋଇଛନ୍ତି। ଜାହାଜରେ ମୋଟ ୨୨ ଜଣ ନାବିକ ରହିଥିବା ଜଣାପଡ଼ିଛି।

## ଓଡ଼ିଶାର ୨ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କାର



ଭୁବନେଶ୍ୱର, ୫।୯(ସମିସ): ଗୁରୁଦିବସ ଅବସରରେ ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ଜାତୀୟ ଶିକ୍ଷକ ପୁରସ୍କାର' ପ୍ରଦାନ କରିଛନ୍ତି । କୋରାପୁଟସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷକ ତରୁଣ କୁମାର ଦାଶଙ୍କୁ ଅଭିନବ ଶିକ୍ଷାଦାନ ପଦ୍ଧତି ଓ ଭାଷା ଶିକ୍ଷା କ୍ଷେତ୍ରରେ ଅବଦାନ ପାଇଁ ପୁରସ୍କୃତ କରାଯାଇଛି । କଥା ଚିତ୍ର, ମାଇଁ ରିଡିଂ ବୁକ୍, ମାଇଁ ପିକ୍‌ଚର ମାଇଁ ଷ୍ଟୋରୀ, ନ୍ୟୁଜ୍ ନେଷ୍ଟ, ମେ ଭି ସ୍ପିକର୍ ପରି ଅଭିନବ ଶିକ୍ଷାଦାନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା, ସାକ୍ଷରତା ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି କରିପାରିଛନ୍ତି।

ସେହିପରି ମାଲକାନାଗିରି ଜିଲ୍ଲା କୋରକୁଣ୍ଡା ବ୍ଲକ୍ କୋଣ୍ଡେଲ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବସନ୍ତ କୁମାର ରଣାଙ୍କୁ ମଧ୍ୟ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି । ନୂତନ ଶିକ୍ଷାଦାନ ଶୈଳୀ ଓ ଗୋଷ୍ଠୀ ସହଭାଗିତା ପାଇଁ ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ ସେ ସୁଧାର ଆଣି ପାରିଛନ୍ତି। ସଚେତନତା ସହିତ ପଥପ୍ରାନ୍ତ ସଭା, କଣ୍ଢେଇ ନାଚ, ଭ୍ରାମ୍ୟମାଣ ପାଠାଗାର ପରି ଅଭିନବ ପଦକ୍ଷେପ ନେଇ ଶିକ୍ଷା, ବିଦ୍ୟାଳୟ ଓ ସମାଜ ମଧ୍ୟରେ ଦୂରତା ହ୍ରାସ କରିପାରିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ୍ ୪୫ ଜଣ ଶିକ୍ଷକଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି।

**ଗୁରୁଦିବସରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

## ଶିକ୍ଷକ ପିଲାଙ୍କ ମାର୍ଗଦର୍ଶକ ହୁଅନ୍ତୁ

ଭୁବନେଶ୍ୱର, ୫।୯(ସମିସ): ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବା ପ୍ରତ୍ୟେକ ଅଭିଭାବକଙ୍କ ସ୍ୱପ୍ନ ରହିଛି। ଏହି ଆକାଂକ୍ଷା ପୂରଣ କରିବାକୁ ବିଦ୍ୟାଳୟରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ମଧ୍ୟରେ

**'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ବର୍ଗରେ ଝାରସୁଗୁଡ଼ା ଜିଲ୍ଲା ପ୍ରଥମ**

ଥିବା ଲୁକ୍କାୟିତ ପ୍ରତିଭାଗୁଡ଼ିକୁ ଚିହ୍ନଟ କରିବା ସହ ଏ ଦିଗରେ ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ। ଫଳରେ ପିଲାମାନେ ସେମାନଙ୍କ ରୁଚି ଅନୁସାରେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ଅଗ୍ରସର ହେବେ। ତେଣୁ ପିଲାମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜଣେ ଜଣେ ମେଣ୍ଟର ଭାବେ କାମ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକ ସମାଜକୁ ଆହ୍ୱାନ ଦେଇଛନ୍ତି।



ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ସମାରୋହରେ ମୁଖ୍ୟମନ୍ତ୍ରୀ ଆସନ୍ତା ୩ ବର୍ଷ ମଧ୍ୟରେ ରାଜ୍ୟରେ ୪୫ ହଜାର ଶିକ୍ଷକ ନିଯୁକ୍ତି କରାଯିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

ଏହି ଅବସରରେ ବିଭିନ୍ନ ଜିଲ୍ଲାକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଝାରସୁଗୁଡ଼ା ଜିଲ୍ଲା ପ୍ରଥମ ସ୍ଥାନରେ ରହି ୩ କୋଟି ଟଙ୍କା ପୁରସ୍କାର ରାଶି ଜିତିଥିବାବେଳେ ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ଶ୍ରେଷ୍ଠ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଭାବେ ୩ ଜଣ, ୧୦ ଜଣ ଶ୍ରେଷ୍ଠ ବ୍ଲକ୍ ଶିକ୍ଷା ଅଧିକାରୀ, ୭୦ ଜଣ ଶ୍ରେଷ୍ଠ ଶିକ୍ଷକ ଓ ନିଟ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଅନୁସୂଚିତ ଜନଜାତି ବର୍ଗର ଦୁଇ ଜଣ ଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଗୁରୁ-ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଓସେପା ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ ଧନ୍ୟବାଦ ଦେଇଥିଲେ।

## ପୋଖରୀରେ ବୁଡ଼ି ଦୁଇ ଭାଇ ମୃତ



ଭବାନୀପାଟଣା, ୫।୯ (ସମିସ): ପୋଖରୀରେ ବୁଡ଼ି ଦୁଇ ନାବାଳକ ଭାଇ ମୃତ। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୁଞ୍ଜିପଦର୍ ଗାଁରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକ ଦ୍ୱୟ ହେଲେ ଜଗନ୍ନାଥ ରଣା(୧୨) ଓ ତା ସାନ ଭାଇ ରାଧାକାନ୍ତ ରଣା(୯)। ଆଜି ଦୁହେଁ ଗାଁ ମୁଣ୍ଡ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ଅସାବଧାନତାବଶତଃ ରାଧାକାନ୍ତ ଗଭୀର ପାଣିକୁ ଚାଲିଯିବାରୁ ଜଗନ୍ନାଥ ତାକୁ ବଞ୍ଚାଇବାକୁ ଚେଷ୍ଟା କରି ବୁଡ଼ି ଯାଇଥିଲା। ତେବେ ଦୀର୍ଘ ସମୟ ଧରି ଦୁଇ ଭାଇ ଘରକୁ ନ ଫେରିବାରୁ ପରିବାରଲୋକଙ୍କ ସନ୍ଦେହ ହୋଇଥିଲା। ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ସେମାନଙ୍କ ପୋଷାକ ଥିବା ଦେଖି ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀଙ୍କଠାରୁ ଖବର ପାଇ ଓଡ୍ରାଫ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିଛି ସମୟ ଖୋଜାଖୋଜି ପରେ ଦୁହିଁଙ୍କ ଶବ ଉଦ୍ଧାର ହୋଇଥିଲା। ସଦର ଥାନା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପଦମ୍‌ପୁର ଏନ୍‌ଏସି ଉପାଧ୍ୟକ୍ଷଙ୍କୁ ନିଲମ୍ବନ କଲା ବିଜେଡି

ଭୁବନେଶ୍ୱର, ୫।୯(ସମିସ): ବରଗଡ଼ ଜିଲ୍ଲା ପଦ୍‌ମପୁର ଏନ୍‌ଏସିର ଉପାଧ୍ୟକ୍ଷ ଭାରତୀ ପଟ୍ଟନାୟକଙ୍କୁ ଦଳରୁ ନିଲମ୍ବନ କରିଛି ବିଜେଡି। ଦଳବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ଦଳରୁ ନିଲମ୍ବନ କରାଯାଇଛି ବୋଲି ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ଅବହେଳିତ ମହିଳାଙ୍କ ସ୍ୱର ହେବ ବିଜେଡି: ସ୍ନେହାଙ୍ଗିନୀ



**୧୫ ମାସରେ ୪୦୦୦ରୁ ଉର୍ଦ୍ଧ୍ୱ ଦୁଷ୍କର୍ମ**

**ବିପଦରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ**

**ମିଶନ ଶକ୍ତିକୁ ବନ୍ଦ ଉଦ୍ୟମ ହେଉଛି**

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ମହିଳାମାନଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଉଛି। ମହିଳାମାନଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନରେ ରାଜ୍ୟ ବିଜେପି ସରକାର ବିଫଳ ହୋଇଛନ୍ତି। ତେଣୁ ବିଜୁ ମହିଳା ଜନତା ଦଳ ରାଜ୍ୟର ଅବହେଳିତ ଓ ନିଷ୍ପେସିତ ମହିଳାମାନଙ୍କ ସ୍ୱର ହେବ ଏବଂ ସେମାନଙ୍କ ନ୍ୟାୟ ପାଇଁ ଲଢ଼େଇ କରିବ ବୋଲି ବିଜୁ ମହିଳା ଜନତା ଦଳର ନବନିଯୁକ୍ତ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି।

ଗୁରୁବାର ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଛୁରିଆ କହିଥିଲେ ଯେ ଗତ ୧୫ମାସର ବିଜେପି ଶାସନରେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମହିଳାଙ୍କ ସମ୍ମାନ କ୍ଷୁଣ୍ଣ ହୋଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରାଯାଇଥିଲା। ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିବା ସହ ସମାଜରେ ନିଜର ପ୍ରତିଷ୍ଠା ହାସଲ କରିବାରେ ସକ୍ଷମ ହୋଇଥିଲେ। କିନ୍ତୁ ବିଜେପି ସରକାରଙ୍କ ୧୫ ମାସର ଶାସନ ସମୟରେ ମହିଳାମାନଙ୍କୁ ସମାଜରେ ପ୍ରତିଷ୍ଠା ଓ ସମ୍ମାନ ଦେଉଥିବା କାର୍ଯ୍ୟକ୍ରମ ମିଶନ ଶକ୍ତି ଏବେ ବନ୍ଦ ହେବାକୁ ବସିଲାଣି।

ଏହାଛଡ଼ା, ଏହି ସମୟରେ ପ୍ରାୟ ୪ହଜାର ମହିଳା ଦୁଷ୍କର୍ମର ଶିକାର ହୋଇଛନ୍ତି। ରାଜ୍ୟରେ ପ୍ରତିଦିନ ପ୍ରାୟ ୧୫ଜଣ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ବିଭିନ୍ନ ଅତ୍ୟାଚାରର ଶିକାର ହେଉଥିବା ମହିଳା ଓ ଛାତ୍ରୀମାନେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ଦୁଷ୍କର୍ମ, ଅସଦାଚରଣ ଭଳି ଘଟଣା ପ୍ରତିଦିନ ଖବରକାଗଜରେ ଶିରୋନାମା ମଣ୍ଡନ କରୁଥିବା ବେଳେ ସରକାର ଏହାକୁ ରୋକିବା ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। କେବଳ ଧର୍ମକୁ ଆଖିଠାର ସଦୃଶ ଅପରାଧୀମାନଙ୍କୁ ଗିରଫ କରାଯାଉଛି, କିନ୍ତୁ ସେପରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଆଗାମୀ ଦିନରେ ମହିଳାମାନଙ୍କ ସୁରକ୍ଷା, ସମ୍ମାନ ପାଇଁ ଦଳ ଲଢ଼େଇ ଜାରି ରଖିବା ସହ ରାଜ୍ୟର ମହିଳାମାନଙ୍କ ନ୍ୟାୟ ପାଇଁ ସ୍ୱର ଶାଣିତ କରିବାକୁ ମହିଳା ଜନତା ଦଳ ସଙ୍କଳ୍ପ ନେଉଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ, ଦଳର ମହିଳା ବ୍ୟାପାର ଦାୟିତ୍ୱ ପ୍ରଦାନ କରାଯାଇଥିବା ନେତ୍ରୀମାନେ ଯଥା ପୂର୍ବତନ ସାଂସଦ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦିକା ସୁଲତା ଦେଓ, ମେୟର୍ ତଥା ସାଧାରଣ ସମ୍ପାଦିକା ସୁଲୋଚନା ଦାସ, ପୂର୍ବତନ ସାଂସଦ ତଥା ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ସାଧାରଣ ସମ୍ପାଦିକା ଲୋପାମୁଦ୍ରା ବକ୍ସିପାତ୍ର, ସାଧାରଣ ସମ୍ପାଦିକା ମିନତି ବେହେରା, ସାଧାରଣ ସମ୍ପାଦିକା ଗୀତାଞ୍ଜଳି ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଧସିଲା ପାହାଡ଼



ଛେଣ୍ଡିପଦା, ୫।୯(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପାତ୍ରପଡ଼ାର ମା' ବାୟାଣୀ ପୀଠରୁ ହଣ୍ଡପାକୁ ସଂଯୋଗ କରୁଥିବା ରାସ୍ତା ଉପରେ ଦେବୀନଗର ପାହାଡ଼ର କିଛି ଅଂଶ ଲଗାଣ ବର୍ଷାରେ ଧସିବା ଯୋଗୁଁ ମାଟି ପଡ଼ି ଯାତାୟାତ ଠପ ହୋଇଯାଇଛି। ଏହି ରାସ୍ତା କିଶୋରନଗର ଓ ଆଠମଲ୍ଲିକ ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ବହୁ ଜନସାଧାରଣଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଛି।

ତିନିଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ଗତକାଲି ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାହାଡ଼ରୁ ଅତଡ଼ା ଖସି ରାସ୍ତା ଉପରେ ୫ ଫୁଟ୍ ଉଚ୍ଚ ମାଟି ଜମା ହୋଇଛି। ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରୁ ଯାତାୟାତ ବନ୍ଦ ହୋଇଯାଇଛି।

**ପାତ୍ରପଡ଼ା-ହଣ୍ଡପା ରାସ୍ତାରେ ଯାତାୟାତ ଠପ୍**

ତୁରନ୍ତ ରାସ୍ତାରୁ ମାଟି ବାହାର କରି ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି। ଅନ୍ୟପଟେ ପୂର୍ବରୁ ଏପରି ଅନେକଥର ମାଟି ଅତଡ଼ା ପଡ଼ିଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସନ୍ଧ୍ୟାରେ ଅବସରପ୍ରାପ୍ତ ପ୍ରାଧ୍ୟପକ ଲୋକନାଥ ସାହୁଙ୍କ ଉଦ୍ୟମରେ ସମିତି ସଭ୍ୟ ଦୀପକ ସାହୁ ଓ ହିମାଂଶୁ ସ୍ୱାଇଁଙ୍କ ନେତୃତ୍ୱରେ ଜେସବି ମାଧ୍ୟମରେ ରାସ୍ତାକୁ ପରିଷ୍କାର କରାଯାଇଥିଲା। ଫଳରେ ଗାଡ଼ିଗୁଡ଼ିକ ଚଳପ୍ରଚଳ କରିଥିଲା।

# ଜଳେଶ୍ୱର ସଂସ୍କୃତ ସଙ୍ଗୋଷ୍ଠୀର ନବମ ବାର୍ଷିକ ସମାରୋହ



**ଦଶଦିନାତ୍ମକ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଘାଟିତ**

ଜଳେଶ୍ୱର ବ୍ଲକ,୫।୯(ସମିସ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜଳେଶ୍ୱର ସଂସ୍କୃତ ସଙ୍ଗୋଷ୍ଠୀର ନବମ ବାର୍ଷିକ ସମାରୋହ ସହ ଦଶଦିନାତ୍ମକ ସଂସ୍କୃତ ସମ୍ଭାଷଣ ଶିବିର ଶାଳୀକୋଠା ବାଗୀଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଉଦ୍‌ଘାନ ଉତ୍ସବ ଆୟୋଜିତ ହୋଇଛି। ରାଉଲକେଲା ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଶ୍ରୀନିବାସ ପାଠୀ ଶର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂସ୍କୃତ ଭାଷା ସ୍ୱୟଂସିଦ୍ଧା, ସଂସ୍କୃତ ଭାଷା ଦେବ ଭାଷା ଓ ସଂସ୍କୃତ ଭାଷାରେ ବେଦ ଉପନିଷଦ ଲେଖା ହୋଇଛି। ତେଣୁ ସଂସ୍କୃତ ଭାଷାକୁ ସମ୍ମାନ ଦେବା ଉଚିତ ବୋଲି ପଣ୍ଡିତ ଗିରିଶ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ଶଶିକାନ୍ତ ପ୍ରଧାନ, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁଜୀ ସମୀର କୁମାର ପରିଡ଼ା, ଅମୃତବାଣୀ ସେବା ପ୍ରତିଷ୍ଠାନର ପ୍ରଶିକ୍ଷକ ଦୁଲାଲ କୁମାର ମିଶ୍ର, ଜୟପ୍ରକାଶ ଶାସ୍ତ୍ରୀ, ତପନ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ। ପଣ୍ଡିତ ଜନାର୍ଦ୍ଦନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପ୍ରିତିରଞ୍ଜନ ପଣ୍ଡା ବେଦପାଠ କରିଥିଲେ। ଶେଷରେ ରାଜୀବ ନାରାୟଣ କର ଧନ୍ୟବାଦ ଅର୍ପଣ କରିଥିଲେ। ପଣ୍ଡିତ ରବିନାରାୟଣ ମିଶ୍ର, ଡ.ଗୁରୁପ୍ରସାଦ ରାଉଳ, ଦେବେନ୍ଦ୍ର ନାଥ ଭୂୟାଁ, ସୁମତି ପ୍ରଧାନ, ମିନା କୁମାରୀ ପଣ୍ଡା, ସଞ୍ଜୟ କୁମାର ଦାସ, ହେମନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସଂସ୍କୃତ ସଙ୍ଗୋଷ୍ଠୀର ନବମ ବାର୍ଷିକ ସମାରୋହ ଉତ୍ସବ ୧୪ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସଂସ୍କୃତ ଭାଷାରେ ପ୍ରଚାର ପ୍ରସାର ପାଇଁ ୧୦ ଦିନ ମଧ୍ୟରେ ସଂସ୍କୃତରେ କଥୋପକଥନ କରିବା ପାଇଁ ଛାତ୍ରଛାତ୍ରୀ ସକ୍ଷମ କିପରି ହୋଇପାରିବେ ସେହି ସମ୍ବନ୍ଧରେ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିବେ।

# ବନ୍ଦ କୋଠରିରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖନ୍ତାପଡ଼ା,୫।୯(ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ପଥରପେଣ୍ଠ ପଞ୍ଚାୟତ ପାଟଣା ଗ୍ରାମର ଗୋବିନ୍ଦ ମଲିକଙ୍କର ସାନ ଝିଅ ସୁଶ୍ରୀ ସଙ୍ଗୀତା ମଲିକ(୨୬)ଙ୍କ ଝୁଲନ୍ତା ମୃତଦେହ ଏକ ବନ୍ଦକୋଠରିରୁ ଉଦ୍ଧାର କରାଯାଇଛି। ଘଟଣାନୁଯାୟୀ, ବାରିକପୁର ହାଟକୁ ସଉଦା ଆଣିବାକୁ ଯିବା ପାଇଁ ମାଆଙ୍କ ପାଖରୁ ସକାଳ ୧୦ଟାରେ ସେ ୫୦୦ ଟଙ୍କା ନେଇ ହାଟକୁ ଯାଇଥିଲେ। ସେଠାରୁ ଫେରିବାରେ ବିଳମ୍ବ ହେବାରୁ ମାଆ ଏବଂ ଗ୍ରାମର କିଛି ଯୁବକ ବହୁତ ଖୋଜା କରିବା ପରେ ୧୬ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର କାର୍ଯ୍ୟାଳୟ ସାମ୍ନାରେ ତାହାର ସ୍କୁଟି ଦେଖିଥିଲେ। ସେହି କାର୍ଯ୍ୟାଳୟ ସ୍ଥିତ ଦ୍ୱିତୀୟ ମହଲା ଥିବା ଏକ ବନ୍ଦ କୋଠରିରୁ ବେକରେ ରଶି ଲଗାଇ ଝୁଲିଥିବାର ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକ ସୋର ଥାନାକୁ ଖବର ଦେବାରୁ ପୁଲିସ ଆସି ମୃତ ଶରୀରକୁ ବ୍ୟବଚ୍ଛେଦ କରିବାକୁ ପଠାଇଛି। ଏହା ହତ୍ୟା ନା ଆତ୍ମହତ୍ୟା ତାହା ଏ ପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି ଏବଂ ପୁଲିସ ତଦନ୍ତ ଚଳାଇଛି।

## ଦୁଇ ମାସରେ ୩ ବଡ଼ ବନ୍ୟା

# ଜଳକା ବନ୍ୟାରେ ଛଟପଟ ବସ୍ତା ଅଞ୍ଚଳର ଚାଷୀ

ବସ୍ତା ବ୍ଲକ୍,୫।୯(ସମିସ)





ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ବସ୍ତାରେ ବନ୍ୟା ପରିସ୍ଥିତି ପୁଣି ଗମ୍ଭୀର ହୋଇଛି। ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀ ବିପଦ ସଂକେତ ଉପରେ ପ୍ରବାହିତ ହେବା ଫଳରେ ବସ୍ତା ବ୍ଲକରେ ବନ୍ୟା ପ୍ରଭାବ ଦେଖିବାକୁ ମିଳିଛି। ଚଳିତ ବର୍ଷ ଦୁଇ ମାସ ଭିତରେ ଜଳକା ନଦୀ କ୍ରମାଗତ ୬ ଥର ବିପଦ ସଂକେତ ଅତିକ୍ରମ କରିଥିବା ବେଳେ ବସ୍ତା ବ୍ଲକ ୩ଟି ବଡ଼ ବନ୍ୟାକୁ ସାମ୍ନା କରିଛି। ଯାହାଫଳରେ ମୁଖ୍ୟ ରାସ୍ତା ସହିତ ଅନେକ ଗ୍ରାମ ରାସ୍ତାରେ ବନ୍ୟାଜଳ ନିଷ୍କାସନ ହେଉଥିବା ବେଳେ

- **ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ**
- **ସ୍ଥାୟୀ ପ୍ରତିକାର ଦାବି ଜୋର୍‌ଧରିଲା**

ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ପ୍ରତ୍ୟେକ ବର୍ଷ ଜଳକା ନଦୀରେ ବାରମ୍ବାର ବନ୍ୟା ଆସିବାରୁ ବସ୍ତାବାସୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଥିବା ବେଳେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସାଧାରଣରେ ଦାବି ଜୋର୍‌ଧରିଛି। ବସ୍ତା ବ୍ଲକ ମଥାନୀ ଜଳସେଚନ ବିଭାଗ କାର୍ଯ୍ୟାଳୟପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଜଳକା ନଦୀର ବିପଦ ସଂକେତ ମଥାନୀରେ ୬.୫୦ ମିଟର ଥିବା ବେଳେ ଗୁରୁବାର ସନ୍ଧ୍ୟା ସୁଦ୍ଧା ସତର୍କ ସଂକେତ ଅତିକ୍ରମ କରିଥିଲା। ତେବେ ଜଳସ୍ତର ନ ବଢିବା ନେଇ ଜଳସେଚନ ବିଭାଗ ଆକଳନ କରୁଥିବା ବେଳେ ରାତି ୧୦ଟାରେ ଜଳକା ବିପଦ ସଂକେତ ଅତିକ୍ରମ କରିଥିଲା। ତହିଁ ପରଠାରୁ କ୍ରମାଗତ ନଦୀର ଜଳସ୍ତର ବଢିବା ସହିତ ବନ୍ୟା ପାଣି ମାଡି ଯାଇଥିଲା। ରାତି ୩ ଟାରେ ଜଳସ୍ତର ସର୍ବାଧିକ ୬.୭୯ରେ ପହଞ୍ଚି ଥିଲା। ନଦୀର ଉପର ମୁଣ୍ଡ ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର, ମୋରୋଡା, ଶୁଳିଆପଦା ବ୍ଲକର ବର୍ଷା ଜଳ ନଦୀରେ ଆସୁଥିବାରୁ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଫଳରେ ବସ୍ତା ବ୍ଲକର ମଥାନୀ, ବାହାର୍ଦ୍ଧା, ବାସୁ ଚକୁରାଇ, ବ୍ରାହ୍ମଣଦା, ଦରଡା, ପତ୍ରଝଡ଼ା, ସଦନନ୍ଦପୁର, ଦୁଧହଂଶା, କୁଡିଆ, ରାଉତପଡ଼ା ପଞ୍ଚାୟତ ଗହିର ସିମୁଳିଆ, ଉପର ତାପଣ୍ଡା, ପଳାସିଆ, ବାହାର୍ଦ୍ଧା, କୁଡିଆ, ଗୁଣ୍ଡୁରି ସାହି, ବାଉଁଶ ମୁଖା, ମଧୁଭାଣ୍ଡା, ପୁନ ସୀତା, ସରଡିହା, ଜମାଳପୁର, ସୁନ୍ଦରହୋତା, ଦଣ୍ଡିକା, ରାଉତପଡ଼ା ସମେତ ଅନେକ ଅଞ୍ଚଳର ଚାଷ ଜମି ଜଳମଗ୍ନ ହୋଇଛି। ବାହାର୍ଦ୍ଧା ବେହେରା ସାହି ଗ୍ରାମ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଗାନ୍ଧୀଛକ-ମଥାନୀ ରାସ୍ତାର ବାହାର୍ଦ୍ଧା ଚଟାଣ ମୁଖ୍ୟ ରାସ୍ତା ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ସୁରକ୍ଷା ଦୃଷ୍ଟିକୋଣରୁ ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ଅସ୍ଥାୟୀ ଭାବେ ରାସ୍ତାକୁ ବନ୍ଦ କରିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ପୂର୍ଣ୍ଣମୀ ସହିତ ଆଗକୁ ଚନ୍ଦ୍ରଗ୍ରହଣ ଥିବାରୁ ସମୁଦ୍ର ଜୁଆରିଆ ହେତୁ ଜଳ ନିଷ୍କାସନ ବିଳମ୍ବ ହେଉଥିବା କୁହାଯାଉଛି। ଚଳିତ ବର୍ଷ ଏକାଧିକବାର ବନ୍ୟା ଫଳରେ ଚାଷ କାର୍ଯ୍ୟ ବିଳମ୍ବ ହେବା ସହିତ ପ୍ରଥମ ଥର ରୁଆ କାର୍ଯ୍ୟ ସହ ଜମି କ୍ଷତିଗ୍ରସ୍ତ ହୋଇଥିଲା। ତାପରେ ମଧ୍ୟ ଚାଷୀ ଅଧିକ ଖର୍ଚ୍ଚାନ୍ତ ହୋଇ ବାହାରୁ ବିହନ ଆଣି ଚାଷ କାର୍ଯ୍ୟ କରିଥିଲେ। ଏବେ ଧାନ ଗଛ ଉପରେ ପାଣି ମାଡି ରହିଥିବାରୁ ଯଦି ଜଳ ନିଷ୍କାସନରେ ବିଳମ୍ବ ହୁଏ ତାହାଲେ ଏହି ସବୁ ପଞ୍ଚାୟତର ଶହ ଶହ ହେକ୍ଟର ଚାଷ ଜମିର ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହେବା ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ବସ୍ତା ବ୍ଲକରେ ବନ୍ୟା ବସ୍ତାବାସୀଙ୍କ ଦୁର୍ଦ୍ଦଶା ବଢ଼ାଉଥିବା ସହ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଉଥିବା ଫଳରେ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସାଧାରଣରେ ଦାବି ଜୋରଧରିଛି।

## ମଥାନୀ-ବାହାର୍ଦ୍ଧା ରାସ୍ତାରେ ଦୁଇଫୁଟର ସୁଅ



ରାଜଘାଟ: ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬.୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ିଛି। ଦିନ ୧୧ଟା ସୁଦ୍ଧା ଏହା ୬.୭୯ରେ ପହଞ୍ଚିବା ସହିତ ବିପଦ ସଂକେତ ଉପରକୁ ପ୍ରବାହିତ ହେଉଥିଲା। ସୂଚନାନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ସୁଳିଆପଦା, ମୋରଡା, ତିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ଆସିଛି। ତେବେ ବର୍ତ୍ତମାନ ଏହି ନଦୀ ନିକଟସ୍ଥ ବସ୍ତା ବ୍ଲକର ବାସୁ ଚକୁରୀ, ମଥାନୀ, ଦୁଧହଂଶା, ବାହାର୍ଦ୍ଧା, କୁଡିଆ, ପତ୍ରଝଡ଼ା, ସଦାନନ୍ଦ ପୁର, ଦରଡ଼ା, ଇଡିଦା, ସାହାଡ଼ା, ବରୁଣ ଗଡିଆ ସହିତ ସଦର ବ୍ଲକର ରସଲପୁର, ଶ୍ରୀରାମପୁର ଓ କୁରଡିହା ପଞ୍ଚାୟତର ଅନେକ ଗ୍ରାମ ଏବେ ବନ୍ୟାପାଣି ଘେରରେ ରହିଛି। ବହୁ ଲୋକଙ୍କ ଘରେ ପାଣି ପଶିଥିବା ବେଳେ ଉକ୍ତ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ଅନେକ ପରିମାଣର ଚାଷଜମି ସବୁ ପାଣିଘେର ଭିତରେ ରହିଥିବା ବେଳେ ମଥାନୀ-ଗାନ୍ଧିଛକ ରାସ୍ତା ଉପରେ ଦୁଇ ଫୁଟର ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ପ୍ରଶାସନ ପକ୍ଷରୁ ଏହି ରାସ୍ତା ଉପରେ ବ୍ୟାରିକେଡ କରାଯାଇଥିବାରୁ ଏହି ରାସ୍ତାଦେଇ ଯାତାୟାତ ବନ୍ଦ କରାଯାଇଥିଲା। ବସ୍ତା ବିଧାୟିକା ସୁଭାଷିନୀ ଜେନା, ତହସିଲଦାର ସୁଶାନ୍ତ ପଟ୍ଟନାୟକ, ଜଳସେଚନ ବିଭାଗର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ସୁବ୍ରତ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ ବିକ୍ରମ କୁମାର ମଲ୍ଲିକ, ସହକାରୀ ଯନ୍ତ୍ରୀ ମହେଶ୍ୱର ସିଂ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହିତ ଲୋକମାନଙ୍କୁ ଉଦ୍ଧାର ଓ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା କରିଥିଲେ। ତେବେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ସାମାନ୍ୟ ଭାବେ କମି ୬.୭୨ରେ ପହଞ୍ଚିଛି। ବର୍ଷା ଛାଡ଼ି ନଥିବାରୁ ଲୋକମାନେ ଭୟବିତ ଅବସ୍ଥାରେ ଅଛନ୍ତି। ଆଜି ରାତିରେ ବର୍ଷା ଲାଗି ରହିଲେ ବସ୍ତାରେ ବନ୍ୟା ପରିସ୍ଥିତି ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି। ମଥାନୀ ରାସ୍ତା ଉପରେ ପ୍ରବାହିତ ବନ୍ୟା ପାଣିରେ ଏକ ବାଇକ୍ ଭାସି ଯାଉଥିବା ବେଳେ ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରିଥିଲେ।

# ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଜାତୀୟସ୍ତରୀୟ ଆଲୋଚନାଚକ୍ର ଉଦ୍‌ଘାଟିତ



ଭୋଗରାଇ,୫।୯(ସମିସ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଅଡିଟୋରିୟମରେ ଆଜି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ପରିଷଦ ଓ ପଦାର୍ଥ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଆଲୋଚନାଚକ୍ରର ପୃଷ୍ଠପୋଷକ ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଶ୍ୱେତାପଦ୍ମାସିନୀ ପାତ୍ର ମଞ୍ଚ ଆହ୍ୱାନ କରିଥିବା ବେଳେ ଅଧ୍ୟାପକ ଦେବାଶିଷ ପଣ୍ଡା ବେଦପାଠ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରଫେସର ଜଗଦୀଶ ଚନ୍ଦ୍ର ଗିରି, ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରଫେସର ଦିଲ୍ଲୀପ କୁମାର ଜେନା ଆଲୋଚନାଚକ୍ରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭୁବନେଶ୍ୱର ଆଇଜର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ସୁଧାକର ପଣ୍ଡା ପଦାର୍ଥ ବିଜ୍ଞାନର ନୂତନ ଦିଗ ଓ ଆହ୍ୱାନ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା କଲିକତା ଆଇଜର ଅନୁଷ୍ଠାନର ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ ଏକବିଂଶ ଶତାବ୍ଦୀରେ କ୍ୱାଣ୍ଟମ ବିଜ୍ଞାନ ଓ ଜ୍ଞାନକୌଶଳର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ସାଂଗଠନିକ ସମ୍ପାଦକ ତଥା ପ୍ରଫେସର ତପନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଗବେଷଣା ଉନ୍ନୟନ ସେଲର ନିର୍ଦ୍ଦେଶକ ଡ.ଧୀରେନ୍ଦ୍ର କୁମାର ଜେନା, ଆକ୍ୟୁଏସିର ସଂଯୋଜକ ରଣଜିତ ମଣ୍ଡଳ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ଆଲୋଚନାଚକ୍ରରେ ଭାରତର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପଦାର୍ଥ ବିଜ୍ଞାନ ବିଶାରଦ ମଧ୍ୟରେ ପ୍ରଫେସର ଭୁବନେଶ୍ୱର ଆଇଆଇଟି ବିଶ୍ୱଜିତ ପ୍ରଧାନ, ବୁର୍ଲା ଭିଏସଏସ ୟୁଟିର ପିକେ ସାହୁ, ଭୁବନେଶ୍ୱର ଏସକେ ପାତ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଜ୍ଞାନରଞ୍ଜନ ସାହୁ ପ୍ରମୁଖ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅପରାହ୍ନ ଦ୍ୱିତୀୟ ଅଧିବେଶନରେ ବହୁ ଗବେଷଣାରତ ଛାତ୍ରଛାତ୍ରୀ ସେମାନଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦୁଷ୍ମନ୍ତ କୁମାର ଦାସ, ପ୍ରଦୀପ କୁମାର ଜେନା, ସୁଶାନ୍ତ ମହାନ୍ତି, ନନ୍ଦ କୁମାର ଦାସ, ପ୍ରଫେସର ତ୍ରିବେଣୀ ଧଡା, ଡ. ଅନୁପ କୁମାର ସାମଲ, ଡ. ନୀଳକଣ୍ଠ ଖଣ୍ଡା, ଦୀନକୃଷ୍ଣ ଗିରି, ସୁଚିସ୍ମିତା କର, ଚତୁର୍ଭୁଜ ଘଡାଇଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଅଣଶିକ୍ଷକ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।







# ସାପ୍ତାହିକ ହାଟରେ ବେଆଇନ ଜୁଆ ଖେଳ

କାଳିପଦା,୫।୯(ସମିସ): ବାଲିଆପାଳ ବ୍ଲକ ବାଲିକୁଟୀ ପଞ୍ଚାୟତ ମାନ୍ଧାତା ସାପ୍ତାହିକ ହାଟରେ ଏବେ ବେଆଇନ ଜୁଆ ଖେଳ ଅବାଧରେ ଚାଲିଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଅବକାରୀ ବିଭାଗ ଓ ପୁଲିସ ସମସ୍ତ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ଜୁଆ ଖେଳ ଯୋଗୁଁ ହାଟର ପରିବେଶ ତିକ୍ତ ହେବା ସହିତ ଗରିବ ଓ ମଧ୍ୟବିତ୍ତ ପରିବାରର ଲୋକମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଜୁଆ ଖେଳ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚୋରି ଓ ରାହାଜାନି ବୃଦ୍ଧି ପାଉଛି। ସ୍କୁଲ ଓ କଲେଜ ପିଲାମାନେ ମଧ୍ୟ ଘରୁ ପିତାମାତାଙ୍କ ଠାରୁ ଟଙ୍କା ଚୋରି କରି ଆଣି ଜୁଆ ଖେଳୁଛନ୍ତି। କେହି ପ୍ରତିବାଦ କଲେ ଯୁଆଡ଼ିମାନେ ସଂଘବଦ୍ଧ ହୋଇ ଧମକ ଚମକ ଦେବା ସହ ଗାଳିଗୁଲଜ କରୁଛନ୍ତି। ହାଟର ଉତ୍ତର ପଟେ ପ୍ରସିଦ୍ଧ ଶ୍ରୀଜଗନ୍ନାଥ କ୍ଷେତ୍ର ଭକ୍ତିକ୍ଷେତ୍ର ରହିଛି। ନିୟମିତ ଜୁଆ ଖେଳ ଯୋଗୁଁ ସେଠିକାର ପରିବେଶ ଦୂଷିତ ହେବାରେ ଲାଗିଛି। ଜୁଆଡ଼ିମାନେ ସ୍ଥାନୀୟ ଅଞ୍ଚଳର କେତେଜଣ ମୁଷ୍ଟିମେୟ ଲୋକ, ଅବକାରୀ ବିଭାଗ ଓ ପୁଲିସକୁ ହାତ କରି ଅବାଧରେ ଖେଳ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ତେବେ ଏବାବଦରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ କହିଛି।

# ମହମ୍ମଦଙ୍କ ଜୟନ୍ତୀ ପାଳିତ

କାଳିପଦା,୫।୯(ସମିସ): ବାଲିଆପାଳ ବ୍ଲକର ବାଲିଆପାଳ ବସ୍ତି, କଟୁଆପଡା, ଖଗଡାପାଳ, ରତାଇ, ଗଞ୍ଜା, ବିଶ୍ୱନାଥପୁର, ମେଣ୍ଟାପଡା ଆଦି ଗାଁରେ ସଂଖ୍ୟା ଲଘୁ ସମ୍ପ୍ରଦାୟ ପକ୍ଷରୁ ଶୁକ୍ରବାର ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ଏଥି ପାଇଁ ପ୍ରାତଃରୁ ମସଜିଦ ଓ ପୀର ବାବାଙ୍କ ପୀଠରେ ସମସ୍ତ ରୀତିନିତି ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ମସ୍‌ଜିଦରେ ସମୂହ ନମାଜ ପାଠ ମଧ୍ୟ ଅନୁଷ୍ଠିତ ହୋଇଛି। ପୁଲିସ ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। କୌଣସି ଠାରେ ଶାନ୍ତିଶୃଙ୍ଖଳା ଭଙ୍ଗ ହୋଇନାହିଁ। ସନ୍ଧ୍ୟାକୁ କେତେକ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଶେଖ ସମ୍ମିରୁଦ୍ଦିନ, ଶେଖ ନିମାଜୀ, ୱାଜତ ଖାଁ, ନଜିର ଖାଁ, ରମଜାନ ଖାଁ, ଶେଖ ରହିମାନ, ଶେଖ ମହିରାଜ, ଶେଖ ବାବୁ, ଶେଖ ଅବଦୁଲ ପ୍ରମୁଖ ଏଥିପାଇଁ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ମହମ୍ମଦ ଜୟନ୍ତୀର ଶୁଭେଚ୍ଛା ଜଣାଇଛନ୍ତି।

Infosys Navigate your next | SGI Foundation | INFINITE SOLUTIONS | Gold Standard

**Newspaper Advertisement**

**Infosys Ltd,** in collaboration with the **Sustainable Green Initiative (SGI) Foundation** and with technical support from the carbon consultant **Infinite Environmental Solutions Limited**, is proposing the development of a Programme of Activity (PoA) titled "Agroforestry for Livelihoods and Climate Resilience in India: A Joint Initiative by Infosys and SGI Foundation" (GS23373). Under this PoA, a Voluntary Project Activity (VPA) titled "Agroforestry for Livelihoods and Climate Resilience in Odisha: A Joint Initiative by Infosys and SGI Foundation" (GS23374), will be implemented through targeted agroforestry plantation interventions. The project is intended to be registered as a voluntary carbon project under the Gold Standard framework. This initiative is expected to make substantial contributions to multiple Sustainable Development Goals (SDGs). As a part of Gold standard modalities and given the critical role of the local farmer community in ensuring the project's long-term success, it is important to gather their perspectives and address any concerns related to the present Voluntary Project Activity. Therefore, **a Stakeholder Consultation (Public Meeting) is scheduled as follows for**:

1. **Venue:** Kshatriya Samaj Bhawan, Ward No-1, in front of Khariar Autonomous College, RajKhariar, Nuapada, Odisha, India.
2. **Date:** 06/10/2025
3. **Time:** 11:00 AM

All concerned farmers and people are invited to attend the meeting. For any further clarifications on the project activity, please get in touch with our representative details given below. It should also be noted that people who would be unable to attend this meeting in person can send their concerns to the below E-mail ID.

**Contact Details:**

**Name:** Mr. Durgesh Raturi
**Organization:** SGI Foundation
**E-mail:** info@sgi.foundation
**Ph:** +91 7848969985

# କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଦାୟିତ୍ୱ ଗ୍ରହଣ

**ବାରିପଦା, ୫।୯ (ସମିସ):** ବାରିପଦା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ରସାୟନ ବିଭାଗର ବରିଷ୍ଠ ପ୍ରଫେସର ପ୍ରମୋଦ କୁମାର ଶତପଥୀ ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ



ବିଶ୍ୱବିଦ୍ୟାଳୟ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରଥମେ କୁଳପତି ପ୍ରଫେସର ଶତପଥୀ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ସମେତ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା, କର୍ମକର୍ତ୍ତାଗଣ ଓ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଦେଇ କୁଳପତି ପ୍ରଫେସର ଶତପଥୀଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ ପ୍ରଫେସର ଶତପଥୀ ଏହାପୂର୍ବରୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ, କୁଳସଚିବ, ପରୀକ୍ଷା ନିୟନ୍ତ୍ରକ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅବସ୍ଥାପିତ ହୋଇସାରିଛନ୍ତି।

# ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗରେ ଗୁରୁ ଦିବସ



**ବାରିପଦା, ୫।୯ (ସମିସ):** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାନ୍ତାଳୀ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଗୁରୁ ଦିବସ ପାଳିତ ହୋଇଯାଇଛି। ସହକାରୀ ପ୍ରଫେସର ତଥା ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାରୋହରେ ପ୍ରଥମେ ଡ.ସର୍ବପଲ୍ଲି ରାଧାକୃଷ୍ଣନ ଓ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିସହିତ ସମସ୍ତ ଛାତ୍ରଛାତ୍ରୀ ସମସ୍ତ ଗୁରୁମାନଙ୍କୁ ମୁଣ୍ଡିଆ ମାରି, ଗୁରୁ ଦିବସ ସମ୍ପର୍କରେ ବକ୍ତୃତା ଦେଇଥିଲେ। ପରେ ଅଧ୍ୟାପକମାନେ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ କରିଥିଲେ। ପ୍ରାଧ୍ୟାପକ ଡ଼. ବେଶ୍ରା, ଅଧ୍ୟାପକ ଦୁର୍ଗା ସୋରେନ ଓ ପିଲଚୁଆନୁ ଠାକୁର ମୁର୍ମୁ, ଏମସିଏଏମ୍ ମହାବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ଶ୍ରୀରାମ ଟୁଡୁ, ଧାନୀପ୍ରିୟା ସୋରେନ, ପାଣ୍ଡୁ କୁମାର ମୁର୍ମୁ ଉପସ୍ଥିତ ଥିଲେ। ଶେଷରେ ଛାତ୍ର ଗଣେଶ ଟୁଡୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# କଣ୍ଟାପାଳ ହାଇସ୍କୁଲରେ ଗୁରୁଦିବସ



**ବାରିପଦା, ୫।୯ (ସମିସ):** ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ କଣ୍ଟାପାଳ ସରକାରୀ ଉଚ୍ଚ ବିଦ୍ୟାଳୟପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରଛାତ୍ରୀ ଏହି ଅବସରରେ ଗୁରୁପୂଜନ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ଆଶିଷ ରଞ୍ଜନ ବାସୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଆଲୋଚନାଚକ୍ର



**ବାରିପଦା, ୫।୯ (ସମିସ):** ବାରିପଦା ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ ଓ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା ସହ ଗୁରୁପୂଜନ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ'ଙ୍କ ସଭାପତିତ୍ୱରେ 'ଜ୍ଞାନଭିତ୍ତିକ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଆଲୋଚକ ଭାବେ ଏମପିସି ସ୍ୱୟଂ ଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ଯୋଗଦେଇ ନୂତନ ଶିକ୍ଷାଦାନ ପଦ୍ଧତିକୁ ଅନୁସରଣ କରି ଛାତ୍ରଛାତ୍ରୀଙ୍କୁ ଗବେଷଣାନୁମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଉମେଶଚନ୍ଦ୍ର ମାଝୀ, ବିଜେବି ମହାବିଦ୍ୟାଳୟର ସହକାରୀ ପ୍ରଫେସର ସନ୍ଦୀପ ସିଂ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ପ୍ରଫେସର କ୍ଷିରୋଦ ଚୌଧୁରୀ, ଡକ୍ଟର ଚିତ୍ରସେନ ସେଠୀ, ରାଜକିଶୋର ରାଉଳ, ଡକ୍ଟର କେ. ଲକ୍ଷ୍ମୀ ସେନାପତି, ସରୋଜ ଦାସ, ନବୀନ ନାୟକ ବକ୍ତବ୍ୟ ରଖିଥିଲେ।

## ଗୁରୁ-ଶିଷ୍ୟ ପରମ୍ପରାକୁ ସୁଦୃଢ଼ କରିବ ଜିଲ୍ଲାସ୍ତରୀୟ ଗୁରୁପୂଜନ ଉତ୍ସବ

# ସମାଜ ଗଠନରେ ଶିକ୍ଷକ ଆଧାରଶିଳା





**୭୧ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ**

**ବାରିପଦା, ୫।୯ (ସମିସ)**

ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ପୌରୋହିତ୍ୟରେ ଶୁକ୍ରବାର ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଗୁରୁପୂଜନ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି।-୨୦୨୫ ମହାସମାରୋହରେ ପାଳିତ ହୋଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥିଭାବେ ଲୋକସଭା ସାଂସଦ ନବଚରଣ ମାଝି, ବାରିପଦା ବିଧାୟକ ପ୍ରକାଶ ସୋରେନ, ଉଦଳା ବିଧାୟକ ଭାସ୍କରଚନ୍ଦ୍ର ମଢେଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଅତିଥିମାନେ ପୂର୍ବତନ ରାଷ୍ଟ୍ରପତି, ମହାନ ଦାର୍ଶନିକ, ଶିକ୍ଷାବିଦ୍ ଡା. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଶିକ୍ଷାଦର୍ଶନ ଓ ସାଧନାକୁ ସ୍ମରଣ କରିଥିଲେ। ରାଧାକୃଷ୍ଣନଙ୍କ ମତାନୁସାରେ 'ଶିକ୍ଷକ କେବଳ ଜ୍ଞାନଦାତା ନୁହେଁ, ସମାଜ ଗଠନର ଆଧାରଶିଳା'। ତେଣୁ ଗୁରୁଦିବସ ପାଳନ ଦ୍ୱାରା ଶିକ୍ଷକଙ୍କ ପ୍ରତି କୃତଜ୍ଞତା ପ୍ରକାଶ ସହିତ ଗୁରୁ-ଶିଷ୍ୟ ସମ୍ପର୍କର ଗଭୀରତା ଉଦ୍‌ବୋଧିତ ହୁଏ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୪ ଉପଖଣ୍ଡରୁ ୪ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରାଥମିକ ସ୍ତରରୁ ୨୫ ଜଣ ଶିକ୍ଷକ ଓ ମାଧ୍ୟମିକ ସ୍ତରରୁ ୪୨ ଜଣ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ଶିକ୍ଷକଙ୍କ ମନୋବଳକୁ ଦୃଢ଼ୀଭୂତ କରିବା ସହିତ ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିବେ। ଏହି ଉତ୍ସବ ଗୁରୁପୂଜନର ପରମ୍ପରାକୁ ଉଜ୍ଜୀବିତ କରିବା ସହିତ ଗୁରୁ-ଶିଷ୍ୟ ସମ୍ପର୍କକୁ ସୁଦୃଢ଼ କରିବାରେ ସହାୟକ ହେବ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଆକାଡେମିକ) ବିନୋଦ ସିଂ ଧନ୍ୟବାଦ ଅର୍ପଣ ପରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ସ୍କିମ୍) ଶଶିଧର ସିଂ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ହରେନ୍ଦ୍ର ମହାନ୍ତ, ପ୍ଲାନିଂ ସଂଯୋଜକ ମନୋଜ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ବାମନ ଜନ୍ମ ଓ ଇନ୍ଦ୍ରୋତ୍ସବ ପୂଜା



**ବାରିପଦା, ୫।୯ (ସମିସ):** ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାଠାରେ ବାମନ ଜନ୍ମ ଓ ଇନ୍ଦ୍ରୋତ୍ସବ ପୂଜା ସତନ୍ତ୍ର ରୀତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରରେ ସ୍ୱତନ୍ତ୍ର ବିଧି ଅନୁସାରେ ପୂଜକ ଓ ସେବାୟତଙ୍କ ଦ୍ୱାରା ଏହି ପୂଜା ସମ୍ପନ୍ନ ହୋଇଛି। ମନ୍ଦିରର ପହଡ଼ ଖୋଲିବା ପରେ ପୂର୍ବ ଦିନପରି ଅବକାଶ ନୀତି, ଠା ଅନୁଷ୍ଠିତ ହୋଇଥିଲା। ଏଥିପରେ ମନ୍ଦିରରେ ମୁଖ୍ୟ ପୂଜକଙ୍କ ବାମନ ଜନ୍ମ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ସରିବା ପରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ମନ୍ଦିର, ମା' ଅମ୍ବିକା ମନ୍ଦିର ଓ ରାଧା ମୋହନ ମନ୍ଦିରର ପ୍ରତିନିଧି ରଥଖଳାକୁ ଆସିଥିଲେ। ସେଠାରେ ପୂଜକଙ୍କ ଦ୍ୱାରା ହୋମଯଜ୍ଞ କରାଯାଇ ଇନ୍ଦ୍ରୋତ୍ସବ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ପୂଜା କୃଷି କାର୍ଯ୍ୟ ନିମନ୍ତେ କରାଯାଉଥିବା ବେଳେ ରାଜରାଜୁଡା ଅମଳରୁ ଜାରି ରହିଛି। କୃଷି ନିମନ୍ତେ ଜଳର ଆବଶ୍ୟକତା ଥିବା ବେଳେ ସ୍ୱାଭାବିକ ବୃଷ୍ଟିପାତ ହୋଇ ସଠିକ ଚାଷ ହେବା ନେଇ ଇନ୍ଦ୍ରୋତ୍ସବ ବା ଇନ୍ଦ୍ରଧ୍ୱଜ ପୂଜା ହୋଇଥାଏ। ଇନ୍ଦ୍ରଙ୍କ ସମେତ ଅନ୍ୟାନ୍ୟ ଦେବା ଦେବୀଙ୍କ ମଧ୍ୟ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏକାଦଶୀ ଅବସରରେ ଆସିଥିବା କାଠଖୁଣ୍ଟିକୁ ପୂଜା କରିବା ପରେ ଧଳା କପଡ଼ା ପରିଧାନ କରି ପ୍ରତିଷ୍ଠା କରାଯାଇଥିଲା। ଏଥିପରେ ସ୍ୱାଭାବିକ ବୃଷ୍ଟିପାତ ପାଇଁ କାମନା କରି କାଠର ଶୁଭଖୁଣ୍ଟିକୁ ରଥଖଳା ପରିସରରେ ସ୍ଥାପନା କରାଯାଇଥିଲା। ଏହାପରେ ବ୍ରାହ୍ମଣ ଭୋଜନ ହେବା ସହ ମନ୍ଦିରରୁ ଆସିଥିବା ପ୍ରତିନିଧିମାନେ ସନ୍ଧ୍ୟାରେ ଦହି ଭେଟି ନେଇ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଉକ୍ତ ଶୁଭଖୁଣ୍ଟିକୁ ମନ୍ଦିରର ପୂଜକଙ୍କ ଦ୍ୱାରା ସପ୍ତାହ ଧରି ପୂଜାର୍ଚ୍ଚନା କରାଯିବ। ଅନ୍ୟାନ୍ୟ ବିଭିନ୍ନ ରୀତିନୀତି ଥିବାବେଳେ ତାହା କାଳକ୍ରମେ ଲୋପ ପାଇ ଯାଇଥିବା ବେଳେ ଇନ୍ଦ୍ରୋତ୍ସବ ଜାରି ରହିଛି ବୋଲି ମନ୍ଦିର ପୂଜାପଣ୍ଡା ଅରୁଣ କୁମାର ମିଶ୍ର କହିଛନ୍ତି।

# ୧୦ ଶିକ୍ଷକଙ୍କୁ 'ମୟୂରଭଞ୍ଜ ଗୌରବ ସମ୍ମାନ' ପ୍ରଦାନ



**ବାରିପଦା, ୫।୯ (ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟରେ (ଏମସିଏଏମ) ଛାତ୍ରଛାତ୍ରୀଙ୍କ ଦ୍ୱାରା 'ଗୁରୁପୂଜନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ଡ଼ ପୁଷ୍ପା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ-ଛାତ୍ର ସମ୍ପର୍କର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବାଇଗଣବାଡ଼ିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ ଶୁଭେନ୍ଦୁ କୁମାର ଦାସ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିରୂପେ ସୀମାନ୍ତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡ଼ ଅନିଲ କୁମାର ଝା, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଓ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲର ଅଧ୍ୟକ୍ଷା ଦେବାଶ୍ରିତା ବିଶ୍ୱାଳ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୧୦ଜଣ ଶିକ୍ଷକ ଡ଼ ପୁଷ୍ପା ପାତ୍ର, ଡ଼ ଶୁଭେନ୍ଦୁ କୁମାର ଦାସ, ଡ଼ ଅନିଲ ଝା, ଆନନ୍ଦ କୁମାର ସାହୁ, ସୋମନାଥ ସିଂହ, ଡ଼ ଅସୀମ କୁମର ଚକ୍ରବର୍ତ୍ତୀ, ପ୍ରଦୀପ କୁମାର ନାଥ, ବିନୋଦିନୀ ସେନାପତି, ଅଶୋକ କୁମାର ସାହୁ, ଗିରିଧାରୀ ମହାନ୍ତଙ୍କୁ 'ମୟୂରଭଞ୍ଜ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରୁପାମଞ୍ଜରୀ ବେହେରା, ସୁଜାତା ପାଲ ଓ ଜ୍ଞାନରଞ୍ଜନ ପଣ୍ଡା ସଞ୍ଚାଳନ କରିଥିଲେ। ଶେଷରେ ଅଭିପ୍ସା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶୁଆ କରମ୍ ପରବ୍ ଉଦ୍‌ଯାପିତ

# ଝୁମର ତାଳେ ତାଳେ ଝୁମିଲେ ସାଂସଦ




**ବାରିପଦା, ୫।୯ (ସମିସ):** ତକତପୁରଠାରେ ଚାଲିଥିବା ଦେଶୁଆ କରମ୍ ପରବ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୀର ସହିତ ରଘୁନାଥ ମାହାତୋ କରମ ପରିବାର ଆନୁକୂଲ୍ୟରେ ଆୟୋଜିତ ଏହି ପର୍ବର ଜାୱା ଦିଆ କାର୍ଯ୍ୟକ୍ରମ ବାଇଗଣବାଡିଆ କୈଳାସ ଚନ୍ଦ୍ରପୁର ଓ ତକତପୁରଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କୁଆଁରୀମାନେ ଡଲାରେ ଜଳ ସ୍ରୋତରୁ ବାଲି ଉଠାଇ ତା ଉପରେ ପରେ ୫ ପ୍ରକାର ଶସ୍ୟ ବୁଣିଥିଲେ। ଗଜା ହୋଇଥିବା ଶସ୍ୟକୁ ଜାୱା କୁହାଯାଏ। ତାହାକୁ ୩ ତାରିଖ ସକାଳ ଜାୱା ଡାଲାକୁ ସୁସଜ୍ଜିତ ଗାଡି ଉପରେ ରଖି କୃଷ୍ଣଚନ୍ଦ୍ର ଗୋଲାଇଠାରୁ ରାଇଠାରୁ ବିଶାଳ ଶୋଭାଯାତ୍ରାରେ ନାଚି ନାଚି ତକତପୁର କରମପୂଜା ପ୍ୟାଣ୍ଡାଲକୁ ଅଣାଯାଇଥିଲା। ପାରମ୍ପରିକ ହଳଦିଆ ବସ୍ତ୍ର ପରିଧାନ କରି ଝୁମର ନାଚର ତାଳେ ତାଳେ ଏକ ଶୋଭାଯାତ୍ରା ବାହାରିଥିଲା। ସହର ପରିକ୍ରମା ଯାତ୍ରାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦେଇ ନାଚି ନାଚି ସମସ୍ତଙ୍କ ସହିତ ମିଶି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ନିଜ ଜାତିର ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବାକୁ କୁଡୁମୀ ଜାତିର ଭାଇଚାରାକୁ ବଜାଇ ରଖିବାକୁ କହିଥିଲେ। ପରେ ତକତପୁର ଠାରେ ସନ୍ଧ୍ୟା ସମୟରେ ପରମ୍ପରା ମୁତାବକ କରମଡାଳକୁ ଆଣି ରୋପଣ କରି ପୂଜା ଆରାଧନା କରାଯାଇଥିଲା। କରମ ପରିବାରର ସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଉପ-ସଭାପତି ଦୈତାରୀ ମହାନ୍ତ, ମନୋଜ ମହାନ୍ତ, ସାଧାରଣ ସମ୍ପାଦକ ନରୋତ୍ତମ ମହାନ୍ତ, ଯୁଗ୍ମ-ସମ୍ପାଦକ ହରେକୃଷ୍ଣ ମହାନ୍ତ, ପାର୍ଥ ସାରଥୀ ମହାନ୍ତ, ଦୀପକ ମହାନ୍ତ, କୋଷାଧ୍ୟକ୍ଷ ବିଶ୍ୱନାଥ ମହାନ୍ତ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ପ୍ରକୃତିର ସୁରକ୍ଷା ପାଇଁ ପ୍ରଚଳିତ ହୋଇଆସୁଥିବା ଏହି ନିଆରା ପରମ୍ପରାର ସୁରକ୍ଷା ଓ ପ୍ରସାର ଅତ୍ୟନ୍ତ ଜରୁରୀ ବୋଲି ଅତିଥିମାନେ କହିଥିଲେ। ଶେଷରେ ଝୁମର ଟିମ୍ ମୟୂରଭଞ୍ଜ ଝୁମର ମେଲଡି ତାଙ୍କର ଝୁମର ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## ଅବକାରୀ ବିଭାଗର ଦୃଷ୍ଟି ଆଢୁଆଳରେ ମୟୂରଭଞ୍ଜ ଜିଲ୍ଲା

# ୧୪୭ଟି ମଞ୍ଜୁରୀ ପଦବୀରୁ ୫୫ ଖାଲି

**ବାରିପଦା, ୫।୯ (ସମିସ)**

ରାଜ୍ୟର ବୃହତ୍ତମ ତଥା ସୀମାନ୍ତ ଜିଲ୍ଲା ମୟୂରଭଞ୍ଜ ଅବକାରୀ ବିଭାଗର ଦୃଷ୍ଟି ଆଢୁଆଳରେ ରହିଛି। ରାଜସ୍ୱ ସଂଗ୍ରହରେ ଏହି ଜିଲ୍ଲା ନିଜର ସ୍ଥାନ ଅକ୍ଷୁଣ୍ଣ ରଖୁଥିବା ବେଳେ ଅଫିସର/କର୍ମଚାରୀ ପଦବୀ ଖାଲି ଏବଂ ପ୍ରସ୍ତାବିତ ୪ଟି ନୂତନ ଥାନା ପ୍ରତିଷ୍ଠା ହେଉ ନଥିବାରୁ ଅବକାରୀ ଧରପଗଡ଼ ଅଭାବ ପରିଲକ୍ଷିତ ହେଉଛି। ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ଘଟୁଛି। ସୀମାନ୍ତ ରାଜ୍ୟ ଝାଡଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରୁ ନକଲି ତଥା ଅପମିଶ୍ରିତ ମଦ, ଗଞ୍ଜେଇ ଓ ବ୍ରାଉନସୁଗର ଆଦି ନିଶାଦ୍ରବ୍ୟ ଚୋରାକାରାବାର ରୋକିବା ପାଇଁ ବିଭାଗ ପକ୍ଷରୁ ମାନବ ସମ୍ବଳ ଅଭାବ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ଜିଲ୍ଲାରେ ଅବକାରୀ ଏସପିଙ୍କ କାର୍ଯ୍ୟାଳୟ ଆରମ୍ଭ ହେବା ଦିନରୁ ଆଜିଯାଏ ନିଜସ୍ୱ ଗୃହ ନିର୍ମାଣ ହୋଇପାରିନାହିଁ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ଏକ ପରିତ୍ୟକ୍ତ କୋଠରୀରେ ଏହି କାର୍ଯ୍ୟାଳୟ କାର୍ଯ୍ୟ କରୁଛି। ପୂର୍ବ ସରକାର ସମୟରେ ପୁଲିସଲାଇନ ନିକଟରେ ନିଜସ୍ୱ ସ୍ଥାନ ଦିଆଯାଇଥିଲେ ହେଁ ନୂତନ କୋଠା ନିର୍ମାଣ ପାଇଁ ଟେଣ୍ଡର ହୋଇନାହିଁ। ସେହିପରି ଜିଲ୍ଲାରେ ୨ଟି ଡିଏସପି ପଦବୀ ସୃଷ୍ଟି କରାଯାଇଥିଲେ ହେଁ ତାଙ୍କ ପାଇଁ କାର୍ଯ୍ୟାଳୟ କି ଗାଡି ନାହିଁ। ବାରିପଦା ଡିଏସପି ଏସପିଙ୍କ କାର୍ଯ୍ୟାଳୟର ଏକ ପ୍ରକୋଷ୍ଠରେ ଅଫିସକାର୍ଯ୍ୟ ତୁଲାଉଥିବା ବେଳେ ପାଳି କରି ଏସପିଙ୍କ ଗାଡି ବ୍ୟବହାର କରୁଛନ୍ତି। ରାଇରଙ୍ଗପୁରରେ ଅବକାରୀ ଉପଖଣ୍ଡ କାର୍ଯ୍ୟାଳୟ ବା ରେଞ୍ଜ କାର୍ଯ୍ୟାଳୟରେ ଅନ୍ୟ ଜଣେ ଡିଏସପି କାର୍ଯ୍ୟ କରୁଥିବା ବେଳେ ରାଇରଙ୍ଗପୁର ଅବକାରୀ ଥାନା ଗାଡି ପାଳି କରି ବ୍ୟବହାର କରୁଛନ୍ତି। ଜିଲ୍ଲାରେ ପୁଲିସ ବିଭାଗ ପକ୍ଷରୁ ୫ଟି ଉପଖଣ୍ଡ କାର୍ଯ୍ୟାଳୟ ଓ ୩୨ଟି ଥାନା ଥିବାବେଳେ ଅବକାରୀ ବିଭାଗ ପକ୍ଷରୁ ୪ଟି ରେଞ୍ଜ କାର୍ଯ୍ୟାଳୟ ଓ ୧୪ଟି ଥାନା ସୀମିତ ଅଫିସର ଓ କର୍ମଚାରୀଙ୍କୁ ନେଇ ଚାଳଇଛି। କାର୍ଯ୍ୟଭାର ଅଧିକ ପାଇଁ ବିଭାଗ ପକ୍ଷରୁ ଝାରପୋଖରିଆ, କପ୍ତିପଦା, ବଡ଼ସାହି ଓ ରାସଗୋବିନ୍ଦପୁରରେ ନୂତନ ଥାନା ପ୍ରସ୍ତାବ ଗତ ସରକାରଙ୍କ ଅମଳରୁ ଥିବାବେଳେ ଏ ଯାଏ କାର୍ଯ୍ୟକାରୀ ହୋଇନି। କୁଳିଅଣା ଅବକାରୀ ଥାନା ଅଧୀନରେ କୁଳିଅଣା, ବାଙ୍ଗିରିପୋଷି, ଝାରପୋଖରିଆ ଓ ଚାନ୍ଦୁଆ ଥାନା ଅଞ୍ଚଳ ଥିବାବେଳେ ଗୋଟିଏ ମାତ୍ର ଅବକାରୀ ଥାନା କିପରି କାର୍ଯ୍ୟ ତୁଲାଉଥିବ ତାହା ସ୍ପଷ୍ଟ ଅନୁମେୟ। ସେହିପରି ଜିଲ୍ଲାରେ ୧୪୭ଟି ମଞ୍ଜୁର ପଦବୀ ମଧ୍ୟରୁ ୫୫ଟି ଖାଲି ପଡ଼ିଛି। ତନ୍ମଧ୍ୟରୁ ସର୍ବାଧିକ ୪୧ଜଣ କନେଷ୍ଟବଳ ପଦବୀ ଖାଲି ରହିଛି। ସେହିପରି ୭ଜଣ ସହକାରୀ ସବ ଇନିସପେକ୍ଟର, ୩ଟି ଇନିସପେକ୍ଟର ଓ ୨ଟି ସବଇନିସପେକ୍ଟର ପଦବୀ ଖାଲି ପଡ଼ିଛି। ସମସ୍ତ ଗାଡି ଭଡାରେ ଚାଲିଥିବା ବେଳେ ଚାଳକ ବସିବସି ଦରମା ନେଉଛନ୍ତି। ତେଣୁ ଚୋରା ନିଶାଦ୍ରବ୍ୟ କାରବାରରେ ଅଙ୍କୁଶ ଆଣିବା ସହିତ ରାଜସ୍ୱ (ବାର୍ଷିକ ୩୨କୋଟି ଟଙ୍କାରୁ ଊର୍ଦ୍ଧ୍ୱ) ବୃଦ୍ଧିରେ ଉଲ୍ଲେଖନୀୟ ସଫଳତା ମିଳିବ ବୋଲି ଆଶା କରାଯାଉଛି। ଏ ନେଇ ଜିଲ୍ଲା ଅବକାରୀ ପ୍ରଶାନ୍ତ କୁମାର କହଁରଙ୍କୁ ପଚାରିବାରୁ ସମସ୍ୟା ସମ୍ବନ୍ଧରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଚୋରା ନିଶାକାରବାର ରୋକିବା ପାଇଁ ବହୁମୁଖୀ ଶୃଙ୍ଖଳାଗତ ସ୍କ୍ୱାର୍ଡ (ଏମଡିଏସ) ଗଠିତ ହୋଇଥିବା କହିଛନ୍ତି। ଜିଲ୍ଲାପାଳ ଅଧ୍ୟକ୍ଷ ଥିବା ବେଳେ ଅବକାରୀ, ପୁଲିସ, ବନ, ରାଜସ୍ୱ, ସ୍ୱାସ୍ଥ୍ୟ ଓ ଭେଷଜ ନିୟନ୍ତ୍ରକ ବିଭାଗର ଅଧିକାରୀ ଓ କର୍ମଚାରୀ ମିଳିତ ଭାବେ ଚଢଉ କରିବା ଯୋଜନା ସରିଛି ବୋଲି କହିଛନ୍ତି।

**୪ଟି ଅବକାରୀ ଥାନା ପ୍ରତିଷ୍ଠା ଜରୁରୀ**

# ଦନ୍ତା ଭାଙ୍ଗିଲା ଘର; ଖାଇଲା ଧାନ, ଚାଉଳ



**ରାସଗୋବିନ୍ଦପୁର, ୫।୯ (ସମିସ):** ରାସଗୋବିନ୍ଦପୁର ରେଞ୍ଜରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ି ଚାଲିଛି। ବର୍ଷତମାମ ହାତୀ ଉପଦ୍ରବ ଲାଗି ରହୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ କାଳାତିପାତ କରୁଛନ୍ତି। ବୁଧବାର ଭୋରୁ ଏକ ହାତୀପଲ ଭଦୁଆଶୋଳ ଗ୍ରାମରେ ପହଞ୍ଚି ମକରା ବାସ୍କେ, ମାୟାବିନୀ ହାଁସଦା ଓ ନାରାୟଣ ହାଁସଦାଙ୍କ ଘର ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଆଦି ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲକୁ ଘଉଡାଇବାରେ ବନବିଭାଗ ବିଫଳ ହୋଇଥିବାରୁ ଲୋକେ ଭୟଭୀତ ହୋଇରହିଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ରାଇରଙ୍ଗପୁର, ୫।୯ (ସମିସ):** ଗୋରୁମହିଷାଣୀ ଥାନା ଅଞ୍ଚଳର ବିଜାତଳା ବ୍ଲକ ମାଣିକପୁର ପଞ୍ଚାୟତରେ ବୁଧବାର ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଥିବା ନେଇ ଅଭିଯୋଗ ହୋଇଛି। ଶୁକ୍ରବାର ସରପଞ୍ଚ ସୁଶାନ୍ତ ମୁଣ୍ଡା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଟୁଡୁ ପଞ୍ଚାୟତ ଅଫିସ୍ ଯାଇ ଦେଖନ୍ତି ତ ତାଲା ଭଙ୍ଗା ଯାଇଛି। ଅଫିସ ଭିତରେ ଥିବା ଇନଭର୍ଟର, ସୋଲାର ବ୍ୟାଟେରୀ, କମ୍ପ୍ୟୁଟର, ଏଲସିଡି ଆଦି ଚୋରି ହୋଇଛି। ପରେ ସରପଞ୍ଚ ସୁଶାନ୍ତ ମୁଣ୍ଡା ଗୋରୁମହିଷାଣୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଜାରି ରହିଛି।

# ସମ୍ପାଦକୀୟ



ସମାଜ ଉପରେ ସାମାଜିକ ଗଣମାଧ୍ୟମର ନକାରାତ୍ମକ ପ୍ରଭାବକୁ ପ୍ରତିହତ କରିବା ପାଇଁ ଖୁବ୍‌ଶୀଘ୍ର ପ୍ରଭାବଶାଳୀ ନିୟାମକ ଆସିବା ଆବଶ୍ୟକ ।
-ଏଲନ୍ ମସ୍କ

ସକାଳ
THE SAKALA

## ଉପଯୋଗୀ ଇଥାନଲ୍

ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶ୍ରଣ ବିରୋଧରେ ଅଦାଲତରେ କରାଯାଇଥିବା ଆବେଦନ ଖାରଜ ହୋଇଯାଇଛି । ଏପ୍ରକାର ଇନ୍ଧନ ପାଇଁ ପ୍ରଚଳିତ ମୋଟର ଇଞ୍ଜିନ ଉପଯୋଗୀ ହୋଇନଥିବାରୁ ତାହାର ପ୍ରତିକୂଳ ପ୍ରଭାବ ଅନୁଭୂତ ହେଉଛି ଏବଂ ଗାଡ଼ିର ମାଇଲେଜ ମଧ୍ୟ ହ୍ରାସ ପାଉଛି ବୋଲି ଅଭିଯୋଗ କରି ଉପରୋକ୍ତ ଆବେଦନ କରାଯାଇଥିଲା । ଏହି ପ୍ରସଙ୍ଗରେ କେତେକ ରାଜନୈତିକ ବିବାଦ ଥିବା ଚର୍ଚ୍ଚା ହେଉଛି । ସେବେ ସବୁର ଊର୍ଦ୍ଧ୍ୱରେ ବିଚାର କଲେ ସାମ୍ପ୍ରତିକ କ୍ରମବର୍ଦ୍ଧିଷ୍ଣୁ ପରିବେଶ ପ୍ରଦୂଷଣ ଦୃଷ୍ଟିକୋଣରୁ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ନିଶ୍ଚୟ । ବର୍ଦ୍ଧିତ ଯାନବାହନ ଚଳାଚଳରୁ ନିର୍ଗତ ଅଙ୍ଗାର (କାର୍ବନ) ବାୟୁ ପ୍ରଦୂଷଣର ମୁଖ୍ୟ କାରଣ । ଏଭଳି ଏକ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବିଶ୍ୱ ସମୁଦାୟ ବିକଳ୍ପ ବ୍ୟବସ୍ଥା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦେବା ସ୍ୱାଭାବିକ । ଆଖୁ ଓ ମକାରୁ ପ୍ରସ୍ତୁତ ଇଥାନଲ ଜଳେଣୀରୁ କାର୍ବନ ଓ ମନୋକ୍ସାଇଡ ଭଳି ଅନ୍ୟ ପ୍ରଦୂଷଣ ସୃଷ୍ଟିକାରୀ ବାୟୁ ନିର୍ଗମନ ହେଉ ନ ଥିବାରୁ ପେଟ୍ରୋଲରେ ତାହାର ୨୦ ପ୍ରତିଶତ (ଇ୨୦) ମିଶ୍ରଣକୁ ଏକ ଗ୍ରହଣଯୋଗ୍ୟ ପ୍ରସ୍ତାବ ରୂପେ ମାନ୍ୟତା ମିଳିଛି । ରାଜଧାନୀ ଦିଲ୍ଲୀର ବାୟୁପ୍ରଦୂଷଣ ଏକ ବିପଦଜ୍ଜନକ ସ୍ଥିତିରେ ଅଛି । ସେଠାରେ ଅପେକ୍ଷାକୃତ ଅଧିକ ଯାନବାହାନ ଚଳାଚଳ କରୁଥିବାରୁ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବାହାର ନିଶ୍ଚିତ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି । ଏବେ ସୁପ୍ରିମକୋର୍ଟଙ୍କ ରାୟ କାର୍ଯ୍ୟକାରୀ ହେବା ପରେ ଅଙ୍ଗାର ନିର୍ଗମନ ହ୍ରାସ ପାଇବା ସହିତ ସରକାର ଇ୨୦ ଇନ୍ଧନ ବ୍ୟବହାର ମାଧ୍ୟମରେ ବର୍ଷକୁ ୪ ବିଲିୟନ ଡଲାର ସଞ୍ଚୟ କରିବେ ।

ଏଠାରେ କିନ୍ତୁ ଆଉ ଦୁଇଟି ପ୍ରସଙ୍ଗ ଆମକୁ ବିବ୍ରତ କରୁଛି । ରୁଷରୁ ସରକାର ଶସ୍ତାରେ ଅଶୋଧିତ ତୈଳ ସଂଗ୍ରହ କରି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବିରାଗଭାଜନ ହୋଇଛନ୍ତି । ଅନ୍ୟପକ୍ଷରେ ଇଥାନଲର ଲିଟର ପିଛା ମୂଲ୍ୟ ୬୦ ରୁ ୬୫ ଟଙ୍କା । ଏହି ଦୁଇଟି ଦିଗକୁ ବିଚାର କରି ପେଟ୍ରୋଲ ମୂଲ୍ୟ ହ୍ରାସ କରାଯିବା ଜରୁରୀ ନୁହେଁକି ? ଅଥଚ ଲିଟର ପିଛା ମୂଲ୍ୟ ସେହି ଶହେଟଙ୍କାରେ ଅପରିବର୍ତ୍ତିତ ରହିଛି । ଦ୍ୱିତୀୟରେ ଇଥାନଲ ଉତ୍ପାଦନର ଚାହିଦା ବୃଦ୍ଧି ସହିତ ଆଖୁ ଓ ମକା ଚାଷ କରୁଥିବା ଚାଷୀଙ୍କ ସକାଶେ ଅତିରିକ୍ତ ଆୟ ବା ଉପାର୍ଜନର ସୁଯୋଗ ଆସିବ ସତ, କିନ୍ତୁ ଅତିରିକ୍ତ ଲାଭ ସକାଶେ ଚାଷୀ ଯଦି ଇଥାନଲ ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେବେ ତେବେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ । ବଜାରରେ ଆଖୁ ଓ ମକାର ଯେଉଁ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବ ତାହା ମୂଲ୍ୟ ବୃଦ୍ଧି ପାଇଁ ବାଟ କଢ଼ାଇନେବେ । ସାଧାରଣ ଖାଉଟି ଉଭୟ ଦୃଷ୍ଟିରୁ କ୍ଷତି ସହିବେ । କାରଣ ଏକ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ୨୦୩୦ ସୁଦ୍ଧା ଦେଶର ଚାହିଦା ପୂରଣ ପାଇଁ ୧୫୦୦ କୋଟି ଲିଟର ଇଥାନଲ ଉତ୍ପାଦନ କରିବାକୁ ହେବ ।

ଯାହା ବି ହେଉ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଆଜିର ଦିନରେ ଓ ଭବିଷ୍ୟତ ପାଇଁ ଇଥାନଲ୍ ଏକ ଅପରିହାର୍ଯ୍ୟ ଆବଶ୍ୟକତା । ଆମଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର ୨୦୧୩-୧୪ ରୁ ଆରମ୍ଭ ହୋଇଛି । ୧.୫ ଶତାଂଶ ମିଶ୍ରଣ ଅନୁପାତ କ୍ରମେ ବୃଦ୍ଧି ପାଇ ୨୦ ଶତାଂଶରେ ପହଞ୍ଚିଛି । ୨୦୩୦ରେ ଏହି ଅନୁପାତ ୩୦ ଶତାଂଶକୁ ବୃଦ୍ଧି କରିବାର ପ୍ରସ୍ତାବ ରହିଛି । ଆମେ ଏହି ପ୍ରୟୋଗ ଆରମ୍ଭ କରିବା ପୂର୍ବରୁ ବ୍ରାଜିଲ ସମଗ୍ର ବିଶ୍ୱକୁ ବାଟ ଦେଖାଇଥିଲା । ଏବେ ଆମେରିକା ମଧ୍ୟ ଏହି ପଦ୍ଧତିକୁ ଅନୁସରଣ କରୁଛି । ଯଦି ଆମ ଦେଶରେ ଏହି ବ୍ୟବସ୍ଥା ୧୦ ନିୟୁତ ଟନ ଅଙ୍ଗାରକାମ୍ଳ ନିର୍ଗମ ହ୍ରାସ କରିବାରେ ସହାୟକ ହେବ ତାହାକୁ ଆମେ ଏକ ଚମତ୍କାରିତା ଭାବେ ମାନିନେବା ।

## ବସ୍ତାନି ବୋଝ

ପ୍ରଚଳିତ ଶିକ୍ଷା ଅବସ୍ଥାର ଭିତ୍ତିଭୂମି ଏତେ ଦୁର୍ବଳ ହୋଇଯାଇ ଯେ ତଥାକଥିତ ସଂସ୍କାରର କୌଣସି ପ୍ରଭାବ ଅନୁଭୂତ ହେଉନାହିଁ । ସରକାରୀ ଓ ବେସରକାରୀ ସ୍ତରରେ ପରିଚାଳିତ ବିଦ୍ୟାଳୟର ଶୈକ୍ଷିକ ଢାଞ୍ଚା ସେମିତି ଅପରବର୍ତ୍ତିତ ରହିଛି । କେଉଁଠି ଆଦୌ ପାଠପଢ଼ା ହେଉନାହିଁ ତ ଆଉ କେଉଁଠି ଶିକ୍ଷା ନାମରେ ବ୍ୟବସାୟିକ ଦୃଷ୍ଟିଭଙ୍ଗୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଆମେ ଏଠାରେ ପବ୍ଲିକ ସ୍କୁଲ ବା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂପର୍କରେ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରୁଛୁ । ସେଠାରେ ଦୈନନ୍ଦିନ ୮ଟି ବିଷୟରେ ପାଠପଢ଼ା ପାଇଥିବାରୁ ସେହି ବିଷୟର ପୁସ୍ତକ ଓ ତତ୍‌ସଂଲଗ୍ନ ଏକାଧିକ ନୋଟବୁକ୍ ସାଙ୍ଗରେ ନେଇ ବିଦ୍ୟାଳୟକୁ ଯିବାର ବାଧ୍ୟବାଧକତା ପିଲାଙ୍କ ଉପରେ ଲଦି ଦିଆଯାଇଛି । ବସ୍ତାନି ଭାର ଏତେ କଷ୍ଟଦାୟକ ଯେ ପିଲାଙ୍କୁ ବିଦ୍ୟାଳୟକୁ ନେବା ଆଣିବା କରୁଥିବା ଅଭିଭାବକଙ୍କୁ ହିଁ ବହନ କରିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ । ବସ୍ତାନି ବୋଝ ପିଲାଙ୍କ ଶାରୀରିକ ଅଭିବୃଦ୍ଧିରେ ବାଧକ ସାଜିଛି । ଅଧିକାଂଶ ଆଗକୁ ଝୁଙ୍କି ଚଳପ୍ରଚଳ କରୁଥିବାରୁ ସେମାନଙ୍କ ପିଠି ବଙ୍କା ହୋଇଯିବା ସହ କାନ୍ଧ ଓ ବେକରେ ଅସମ୍ଭବ ଯନ୍ତ୍ରଣା ହୋଇଥାଏ । ସେମାନଙ୍କ ମେରୁଦଣ୍ଡ ଉପରେ ମଧ୍ୟ ଗୁରୁତର ପ୍ରଭାବ ପଡୁଥିବାର ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ତଥ୍ୟାନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି ।

ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପ୍ରତି ବିପଦ ସୃଷ୍ଟିକାରୀ ଏହି ବ୍ୟବସ୍ଥାରେ ଯେ ପରିବର୍ତ୍ତନ ଜରୁରୀ ଏକଥା ସମସ୍ତେ ଅନୁଭବ କରୁଥିଲେ ମଧ୍ୟ ତାହା ଅପରିବର୍ତ୍ତିତ ରହିଛି । ଭାର ବହନ କରିବାର କ୍ଷମତା ପୁଅଙ୍କ ଠାରୁ ଝିଅମାନଙ୍କ କମ୍ ଥିବାରୁ ଏହି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ଛାତ୍ରୀମାନେ । ରିପୋର୍ଟରୁ ପ୍ରକାଶ ଯେ ପିଲାଙ୍କ ଶରୀରର ଓଜନର ୧୫ ରୁ ୨୫ ପ୍ରତିଶତ ଭାର କାନ୍ଧରେ ବହନ କରିଥା'ନ୍ତି । ଅନେକ କ୍ଷେତ୍ରରେ ଘରକୁ ଫେରିବା ପର୍ଯ୍ୟନ୍ତ ସେହି ବସ୍ତାନି ବୋଝ ପିଲାଙ୍କ କାନ୍ଧରେ ରହିଥାଏ । ପିଲାଙ୍କ ନିୟମିତ ଅସୁସ୍ଥତା ଓ ପାଠପଢ଼ା ପ୍ରତି ଅମନଯୋଗୀ ହେବା ପଛରେ ଏହି ବ୍ୟାଗ ବୋଝ ଅନେକାଂଶରେ ଦାୟୀ । ସଚେତନ ଅଭିଭାବକଙ୍କ ପକ୍ଷରୁ ଏନେଇ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ କ୍ରମାଗତ ଆପତ୍ତି ଦର୍ଶାଯାଉଥିଲେ ମଧ୍ୟ କୌଣସି ପ୍ରତିକାର ନହେବା କ୍ଷୋଭର ବିଷୟ ।

ସମୟାନୁସାରେ ପାଠ୍ୟକ୍ରମ ଶେଷ ହେଉନଥିବାରୁ କୌଣସି ପ୍ରକାରେ ଶିକ୍ଷକ କିଛି ନୋଟ ଡାକି ଦାୟିତ୍ୱ ତୁଲାଉଥିବାର ଲକ୍ଷ୍ୟ କରାଯାଉଛି । ତେଣିକି ପିଲା ଖାତାରେ କ'ଣ ଲେଖିଲା ତାହା ଯାଞ୍ଚ କି ସଂଶୋଧନ ହୁଏ ନାହିଁ । ଏ ସଂପର୍କରେ ଅଭିଭାବକ ଆପତ୍ତି ଦର୍ଶାଇଲେ ତାଙ୍କ ପିଲା ଅକ୍ରୋଶର ସମ୍ମୁଖୀନ ହୁଏ । ତେଣୁ ବିଦ୍ୟାଳୟ ଅପେକ୍ଷା ପିଲାଙ୍କ ଟ୍ୟୁସନ ଉପରେ ଦିନକୁ ଦିନ ନିର୍ଭରଶୀଳତା ବୃଦ୍ଧି ପାଉଛି । ଏସବୁକୁ ଯାଞ୍ଚ କରିବା ସକାଶେ ଆମ ବ୍ୟବସ୍ଥାରେ କିଛି ସୁଯୋଗ ନାହିଁ । ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଉନ୍ନତ ହାରର ଫଳାଫଳର ପ୍ରଚାର କରି ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିଭାବକଙ୍କୁ ଆକର୍ଷିତ କରିଥା'ନ୍ତି । ହେଲେ ସେଥିରେ ସେମାନଙ୍କ ଅବଦାନ କେତେ ତାହା ଜାଣିବାର ବାଟ ନାହିଁ । ସେହିପରି ବିଦ୍ୟାଳୟରେ ବସ୍ତାନି ବୋଝ ଯାଞ୍ଚ କରିବା ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା ଥିଲେ ମଧ୍ୟ ତାହା ହୁଏ ନାହିଁ । ଅଥଚ ସ୍କ୍ୱାଡ ଗଠନ କରାଯାଇଛି ଏବଂ କାଗଜ ପତ୍ରରେ ରିପୋର୍ଟ ଦରଜ କରାଯାଇଛି । ବିଦ୍ୟାଳୟର ପ୍ରଥମ ତିନିଟି ଶ୍ରେଣୀ ପିଲାଙ୍କ ସକାଶେ ହୋମୱାର୍କ ନଦେବାକୁ କଟକଣା ବା ନିୟମ ଥିଲେ ମଧ୍ୟ ଘରୋଇ ବିଦ୍ୟାଳୟ ସେଥିପ୍ରତି ଧ୍ୟାନ ଦିଅନ୍ତି ନାହିଁ । ସବୁ ଅଛି, କିଛି ନଥିଲା ଭଳି ଅବସ୍ଥାରେ ପାଠପଢ଼ା ଚାଲିଛି । କାହାର ସେଥିପ୍ରତି ନିଘାନାହିଁ ।

## ଏଆଇ-ଉଦ୍ୟୋକ୍ତାଙ୍କ ଚିତ୍ରନାଟ୍ୟ ଓ ମେଧାର ଅନ୍ତଃସଂଘାତ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ଓପେନ୍ ଏଆଇ'ର ସର୍ବେସର୍ବା ସାମ୍ ଅଲ୍‌ଟାମାନ୍ ପ୍ରଥମେ ଆମକୁ 'ଚାଟ୍‌ଜିପିଟି' ପରି ଭାଷାଭିତ୍ତିକ ବୃହତ୍ କୃତ୍ରିମ-ବୁଦ୍ଧିମତ୍ତାଯୁକ୍ତ ପ୍ରବିଧି୍ଟି ଭେଟି ଦେଲେ । ଏବେ ସେ ଦେଇଛନ୍ତି ଏହାର ନୂଆ ସଂସ୍କରଣ ଚାଟ୍‌ଜିପିଟି-୫ । କିନ୍ତୁ ବିଚିତ୍ର କଥାଟି ହେଉଛି ଯେ ଏ ବିଜ୍ଞାନୀ ଯନ୍ତ୍ରୀ-ବିଶାରଦ ଜଣକ ମଝିରେ ମଝିରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ସମ୍ଭାବ୍ୟ ବିପଜ୍ଜନକ ପ୍ରଭାବ ସମ୍ପର୍କରେ ଅଚ୍ୟୁତ-ବଚନମାନ ଆମକୁ ଶୁଣାଇ ଏକପ୍ରକାର ସନ୍ତ୍ରସ୍ତ କରି ଚାଲିଛନ୍ତି । ଜଣାଯାଉଛି ଏ ବୁଦ୍ଧିମାନ ବ୍ୟକ୍ତି ଜଣକ ଏକାଥରକେ ଦୁଇଟି ଗୁରୁଦାୟିତ୍ୱ ନିଜ କାନ୍ଧ ଉପରକୁ ନେଇଯାଇଛନ୍ତି । ପ୍ରଥମଟି ହେଉଛି- ଏଆଇ ପ୍ରବିଧିମାନଙ୍କର ଉତ୍ତରୋତ୍ତର ବିକାଶ ଓ ବହୁଳ ବ୍ୟବହାର ନିଶ୍ଚିତ କରି ମାନବ ଜାତିର ତଥାକଥିତ କଲ୍ୟାଣ ସାଧନ କରିବା; ନିରବଚ୍ଛିନ୍ନ ପ୍ରଗତି ଓ ସମୃଦ୍ଧିର ଯେଉଁ ସ୍ୱପ୍ନ ମଣିଷ ତା'ର ସଭ୍ୟତାର ଉଷାକାଳରୁ ଦେଖିଆସିଛି, ଅଥଚ ଏ ପର୍ଯ୍ୟନ୍ତ ପୂର୍ଣ୍ଣମାତ୍ରାରେ ସାକାର କରିପାରିନାହିଁ, ଏବେ ତା'ହାତରେ ଏଆଇ ପ୍ରବିଧିମାନ ଧରାଇ ଦେଇ ତାକୁ ତା'ର ସେଇ ସ୍ୱପ୍ନ ସାକାର କରିବା ପାଇଁ ସମର୍ଥ କରିବା । ମଣିଷ ଜାତିର ଅନ୍ୟତମ ତ୍ରାଣକର୍ତ୍ତାଟିଏ ସାଜିବାର ମହତ୍ତ୍ୱାକାଂକ୍ଷା ପୋଷଣ କରିଛନ୍ତି ସେ ସତେଯେପରି! ଏ ଦାୟିତ୍ୱଟି ଖୁବ୍ ନିଷ୍ଠାପର ଭାବରେ ସେ ନିର୍ବାହ କରିଚାଲିଥିବା ସହିତ ଅନ୍ୟ ଯେଉଁଟି ନିର୍ବାହ କରିବାକୁ ସେ ସମପ୍ରକାର ନିଷ୍ଠା ପ୍ରଦର୍ଶନ କରି ଆସୁଛନ୍ତି, ସେଥିରୁ ତାଙ୍କର ଉଦ୍ଦେଶ୍ୟଟି ପ୍ରକୃତରେ କ'ଣ ସେଥିନେଇ ଘୋର ଦ୍ୱନ୍ଦ୍ୱ ଓ ସନ୍ଦିଗ୍ଧତାରେ ଆମକୁ ପକାଇ ଦେଇଥାଏ । ଏଇ ମାତ୍ର ଗୋଟିଏ କି ଦୁଇଟି ସପ୍ତାହ ତଳେ ସେ 'ଚାଟ୍‌ଜିପିଟି -୫'ର ଉଦ୍‌ଘାଟନ ସମୟରେ ଦ୍ୱିତୀୟ ଗୁରୁ ଦାୟିତ୍ୱଟି ନିର୍ବାହ କରିବା ବେଳେ ଆପଣାକୁ ଦୋଷବୋଧର ଜ୍ୱଳନରୁ ମୁକ୍ତ କରିବାକୁ କିପରି ପ୍ରୟାସଟିଏ କରିଛନ୍ତି ଆସନ୍ତୁ ଜାଣିବା ।

ସେହି ଅବସରରେ ଏ କରିତ୍‌କର୍ମା ଜଣକ କହିଦେଲେ, 'ମୁଁ ଏହି ଏଆଇ ବଟ୍‌ର ଅତୁଳନୀୟ ଶକ୍ତି ଦେଖି ଆତଙ୍କିତ । ମୁଁ ଭାବୁଛି ଏହା ଏକ 'ମାନ୍‌ହାଟେନ୍ ପ୍ରୋଜେକ୍ଟ'ର ମୁହୂର୍ତ୍ତ' । ୧୯୪୨ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକା ଆରମ୍ଭ କରିଥିଲା ମାନ୍‌ହାଟେନ୍ ପ୍ରୋଜେକ୍ଟ, ଆଇନଷ୍ଟାଇନଙ୍କ ବାରଣ ସତ୍ତ୍ୱେ । ଏହି ଅବିମୃଶ୍ୟକାରୀ ଯୋଜନାର ଫଳଶ୍ରୁତି ଥିଲା ପରମାଣୁ ବୋମା । ଅଲ୍‌ଟାମାନ୍ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ଭଳି ମାରାତ୍ମକ କହି ଆମମାନଙ୍କୁ ଅବଶ୍ୟ ଚେତାବନୀଟିଏ ଦେଇଛନ୍ତି, ମାତ୍ର ସତ କଥାଟି ହେଉଛି ସେ ଏପରି କହି ଆପଣାକୁ ଦୋଷବୋଧରୁ ମୁକ୍ତ କରିବାର ଅସାଧୁ ପ୍ରୟାସଟିଏ କରିଛନ୍ତି । ସେ ଅଧାସତ କହିଛନ୍ତି । ପରମାଣୁ ବୋମା ଯେଉଁ ସଂହାରଲୀଳା ସୃଷ୍ଟି କରିବ, ତା'ର ଭୟାବହତା ଦେଖିବା ପାଇଁ ମଣିଷ ନଥିବ । ମାତ୍ର ବର୍ତ୍ତମାନର ରକ୍ତବୀର୍ଯ୍ୟ କୃତ୍ରିମ ବୁଦ୍ଧିମତ୍ତାର ଧ୍ୱଂସାତ୍ମକତାର ବୀଭତ୍ସ ରୂପକୁ ହୁଏତ ହଠାତ୍ କେହି ଦେଖିପାରିବେ ନାହିଁ କି ଅନୁଭବ କରିପାରିବେ ନାହିଁ । ଏହାର ରାହୁଛାୟା ଧୀରେ ଧୀରେ ଗ୍ରାସ କରିଚାଲିବ ଆମକୁ । ଆମେ ବଞ୍ଚିରହିଥିବା ଓ ସ୍ୱଚକ୍ଷୁରେ ଦେଖି ଚାଲୁଥିବା ସେ ଛାୟାର କ୍ରମବିସ୍ତାର ଆମ ଜୀବନର ପ୍ରତିଟି ମଞ୍ଚରେ । ଯେଉଁସବୁ ମଞ୍ଚରେ ଆମେ ଅପୂର୍ବ କଳାତ୍ମକତାର ସହ ଅଭିନୟମାନ କରିଚାଲିଥିଲେ, ସେଇଠି ଏଣିକି ଅଭିନୟ କରୁଥିବେ ଏଆଇ ପ୍ରବିଧିମାନ ଓ ଆମେ ନିରୋଳା ବିମୂଢ଼ତା, ଅସହାୟତାର ସହ ଠିଆ ହୋଇ ରହିଥିବା ନିର୍ବେଦ ଦର୍ଶକ ହୋଇ । ମରଣ ନୁହେଁ, ଜୀବନ୍ତ ମରଣର ମଞ୍ଚିରା ଯନ୍ତ୍ରଣାଭୋଗ କରି ଚାଲୁଥିବା ଆମେ ।

କେବଳ ସାମ୍ ଅଲ୍‌ଟାମାନ୍ ନୁହନ୍ତି, ଆହୁରି ବେଶ୍ କେତେଜଣ ତଥାକଥିତ ପ୍ରଚଣ୍ଡ ମେଧାସମ୍ପନ୍ନ ବିଜ୍ଞାନୀ ରାତିଦିନ ଶକ୍ତିଶାଳୀରୁ ଅସାଧାରଣ ଶକ୍ତିଶାଳୀ ଏଆଇ ପ୍ରବିଧିମାନ ନିର୍ମାଣ କରିଚାଲିବା ସଙ୍ଗେ ସଙ୍ଗେ ପ୍ରାୟ ପ୍ରତି ସପ୍ତାହରେ ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ କହିଥା'ନ୍ତି- 'ଏଆଇ ମଣିଷକୁ ଦିନେ ପୂରାପୂରି ଅଲୋଡ଼ା, ଅନାବଶ୍ୟକ କରିଦେବାର ବିମର୍ଷକର ଆଶଙ୍କାକୁ ଅସ୍ୱୀକାର କରାଯାଇ ନ ପାରେ ।' ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଏହି ବିଶେଷଜ୍ଞ, ବିଶାରଦମାନଙ୍କୁ ନରନାରାୟଣ ଭାବରେ ଅସରନ୍ତି ଶ୍ରଦ୍ଧାସୁମନ ବାଢୁଥିବା ଥୋକେ ଭକ୍ତ ହୁଏତ କହିବେ - 'ଆହା, ମାନବସମାଜର ସମୃଦ୍ଧି ପାଇଁ ନିଜ ନିଜର ସୁଖଶାନ୍ତିକୁ ବିସର୍ଜନ ଦେଇଥିବା ଅଲ୍‌ଟାମାନ୍ ବା ମସ୍କମାନଙ୍କ ଭିତରେ ଏଆଇକୁ ନେଇ ଏ ଯେଉଁ ଅନ୍ତର୍ଦ୍ୱନ୍ଦ୍ୱଜନିତ ମାନସିକ ସଂଘାତ, ଏହା ସେମାନଙ୍କ ନିରୁତା ମଣିଷପଣିଆ, ସେମାନଙ୍କ ସମ୍ବେଦନଶୀଳ ଅନ୍ତର୍ସତ୍ତାର ନିର୍ଭୁଲ ପ୍ରମାଣ' ।

ନା ଏହା ଆଦୌ ସତ ଅନ୍ତର୍ଦ୍ୱନ୍ଦ୍ୱ ନୁହେଁ । ଏହା ସେମାନେ ମଞ୍ଚସ୍ଥ କରୁଥିବା ନାଟକର ଚିତ୍ରନାଟ୍ୟ ମାତ୍ର । ଏ ନାଟକ ହେଉଛି ଏକ ବୃହତ୍ କର୍ପୋରେଟ୍ ଖେଳ । ଏହା 'ମେସିନ୍ ବନାମ ମଣିଷ' ଯୁଦ୍ଧ କି ଦ୍ୱନ୍ଦ୍ୱ ନୁହେଁ । ଏହା ହେଉଛି ହାତଗଣତି କେତେଜଣ ମେଧାସମ୍ପନ୍ନ ଅଥଚ ପ୍ରଚଣ୍ଡ ସ୍ୱାର୍ଥୀ, ଚତୁର ପ୍ରଯୁକ୍ତିବିଦ୍ୟା ବିଶାରଦ ଏବଂ ଅର୍ବପତି ବ୍ୟବସାୟୀ (ତଥାକଥିତ ଏଲିଟ୍) ବନାମ କୋଟି କୋଟି ଅଳ୍ପ ମେଧାସମ୍ପନ୍ନ ଶିକ୍ଷିତ, ସାକ୍ଷର କି ପୂରାପୂରି ନିରକ୍ଷର ଜନସାଧାରଣଙ୍କ ମଧ୍ୟରେ ଅନ୍ତଃସଂଘାତ । ଯୁଗ ଯୁଗ ଧରି ସୀମାନ୍ତରିତ ହୋଇରହିଥିବା ଅଗଣିତ ଦରିଦ୍ର, ସମ୍ବଳହୀନମାନେ, ଯେଉଁମାନଙ୍କ ପାଖରେ ବିଜ୍ଞାନ ବା ପ୍ରଯୁକ୍ତିବିଦ୍ୟାରେ ଦକ୍ଷତା ଅର୍ଜନ କରିବା ପାଇଁ ଆବଶ୍ୟକ ସୂକ୍ଷ୍ମ ବୁଦ୍ଧିମତ୍ତା ନାହିଁ କିମ୍ବା ସେମାନଙ୍କ ପାଇଁ ସୁଲଭ ହେବାକୁ ଯାଉଥିବା ଏଆଇ ବଟ୍ ବା ପ୍ରବିଧିମାନଙ୍କର ବ୍ୟବହାର, ପରିଚାଳନା ପାଇଁ ଲୋଡ଼ା ପଡୁଥିବା କଳାକୌଶଳ ନାହିଁ, ସେମାନେ ଆହୁରି ଆହୁରି ସୀମାନ୍ତରିତ ହୋଇଚାଲିବେ ଏବଂ ଏଆଇର ଅର୍ବପତି ବିଜ୍ଞାନୀ ଓ ବ୍ୟବସାୟୀମାନଙ୍କ କୋମଳ ଶୋଷଣର ବିକଳ ଶରବ୍ୟ ହୋଇ ନିଃଶବ୍ଦ ଆର୍ତ୍ତନାଦ ହିଁ କରି ଚାଲିବେ । ବିବ୍ରତକର ଏ ସତ୍ୟଟି ଜାଣି ମଧ୍ୟ କାହିଁକି ଯେ ଆମେ ପ୍ରତ୍ୟେକ 'ଗିନ୍ ପିଗ୍' ସାଜିବାକୁ ସଜବାଜ ହୋଇ ରହୁଛେ ଏବଂ କାହିଁକି ଏ ପ୍ରକାର ଅସହ୍ୟ ନିରବତା ଅବଲମ୍ବନ କରି ଚାଲିଛେ, ତାହା ବୁଝିବା ଦୁରୁହ ।

ଏଆଇ ମଣିଷର ସାମର୍ଥ୍ୟ ଓ ଦକ୍ଷତାକୁ ବହୁଗୁଣିତ କରିଦେବ ବୋଲି ଯେଉଁ ଆଶ୍ୱାସନାଟି ଆମକୁ ଦିଆଯାଇଚାଲିଛି, ତାହା କେତେ ନିରାଧାର ଜଣାପଡ଼ିସାରିଲାଣି ଏଇ କେତୋଟି ଦିନ ମଧ୍ୟରେ । କ୍ଷମତାଧାରୀ ଓ କ୍ଷମତାହୀନ, ଥିଲା ବାଲା ଓ ନଥିଲାବାଲାମାନଙ୍କ ମଧ୍ୟରେ ଏକ ବିରାଟ ବିଭାଜନ ଏଆଇ ସୃଷ୍ଟି କରିବାର ଯଥେଷ୍ଟ ପ୍ରାକ୍-ଆଭାସ ଆମେ ପାଇ ସାରିଲେଣି । ଦୁଃଖଦ ବିଡ଼ମ୍ବନାଟି ହେଉଛି ଯେ ଆମ ବୁଦ୍ଧିଜୀବୀ ଓ ରାଜନୈତିକ କ୍ଷମତାଧାରୀମାନେ ଗୋଟିଏ ମୁହଁରେ ଗାଣତାନ୍ତ୍ରିକ ସମାନତା, ସାର୍ବଜନୀନ ଅର୍ଥନୈତିକ ସମାନତା କଥା କହୁଥିବା ବେଳେ ଘୋର ବୈଷମ୍ୟ ଓ ଅସମାନତା ସୃଷ୍ଟି କରିବାକୁ ଯାଉଥିବା ଏଆଇର ପ୍ରସ୍ତୁତି ଓ ବ୍ୟାପକ ବ୍ୟବହାରକୁ ରୀତିମତ ପ୍ରୋତ୍ସାହନ ଦେଇ ଚାଲିଛନ୍ତି । କାହିଁକି ଯେ ଆମେ ଏଇ ଅଲ୍‌ଟାମାନ୍, ମସ୍କମାନଙ୍କୁ କହୁନାହେଁ ଯେ ଯେତିକି ଶକ୍ତିଶାଳୀ ଏଆଇ ପ୍ରବିଧିମାନ ସେମାନେ ଦେଇ ସାରିଛନ୍ତି, ସେତିକିରେ ସେମାନେ ସନ୍ତୁଷ୍ଟ ରୁହନ୍ତୁ; ଆହୁରି ଅଧିକ ଶକ୍ତିଶାଳୀ ଓ ଚେତନାଯୁକ୍ତ (ଏଜିଆଇ) ପ୍ରବିଧିମାନ ନିର୍ମାଣ କରିବା ପାଇଁ ସେମାନେ ଚଳାଇ ରଖିଥିବା ସମସ୍ତ ପ୍ରକାର ଗବେଷଣା ଓ ପରୀକ୍ଷଣ ଉପରେ ପୂର୍ଣ୍ଣଚ୍ଛେଦଟିଏ ପକାଇ ଦିଅନ୍ତୁ; ଏହା ସହଜରେ ବୁଝି ହୁଏନା ।

ନିର୍ଦ୍ଦିଷ୍ଟ ଭାବରେ ସାମ୍ ଅଲ୍‌ଟାମାନଙ୍କୁ କାହିଁକି କହୁନାହେଁ - "ଆପଣ ଚାଟ୍‌ଜିପିଟି-୫କୁ ପରମାଣୁ ବୋମା ସହ ତୁଳନା କରିଥିବାରୁ ଅଶେଷ ଧନ୍ୟବାଦ । ଅନୁରୋଧ, ଆପଣଙ୍କ 'ଓପେନ୍ ଏଆଇ' ଗବେଷଣାଗାରକୁ ଏଥର କେବଳ ଏଆଇ କିପରି ପୂରାପୂରି କଲ୍ୟାଣକର ହେବ, କିପରି ସର୍ବଜନହିତାୟ ହେବ, ସେହି କାମଟିରେ ଲଗାଇ ଦିଅନ୍ତୁ । ସତରେ ଯଦି ଆପଣ ମାନବଜାତିର ମଙ୍ଗଳ ଚାହୁଁଛନ୍ତି, ତେବେ ନିଜର ଅମିତ ଉଚ୍ଚାକାଂକ୍ଷାରେ ଲଗାମ୍ ଦେଇ ଦିଅନ୍ତୁ ଏବଂ ଆପଣଙ୍କ ସମଧର୍ମାମାନଙ୍କୁ ବି ସେମାନଙ୍କ 'ମାନ୍‌ହାଟ୍‌ନ୍ ପ୍ରୋଜେକ୍ଟ'ଗୁଡ଼ିକରୁ ଓହରି ଆସିବାକୁ ପରାମର୍ଶ ଦିଅନ୍ତୁ । ଅନୁରୋଧ, ମଣିଷକୁ ତା' ନିଜ ଜୀବନ ଓ ସଭ୍ୟତାର ମଙ୍ଗ ଧରିବାକୁ ଦିଅନ୍ତୁ, ଯେମିତି ସେ ଧରି ଆସିଛି ଦୀର୍ଘ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ବର୍ଷ ଧରି । ଏକବିଂଶ ଶତାବ୍ଦୀ ଓ ପର ଶତାବ୍ଦୀଗୁଡ଼ିକରେ ସକ୍ରେଟିସ୍, ବୁଦ୍ଧ, କଲମ୍ବସ, ଗାନ୍ଧୀ, ଆଇନଷ୍ଟାଇନ, ଟଲଷ୍ଟୟ, ବିଥୋଭେନ୍, କାଳିଦାସ, ଭର୍ତ୍ତୃହରି ଓ ସେକ୍ସପିୟରମାନେ ଜନ୍ମ ନିଅନ୍ତୁ; ମଣିଷର ସହଜାତ ପ୍ରତିଭା, ମଣିଷର ସହଜାତ ଚେତନା ମଣିଷର ହୋଇ ରହୁ, ଏଆଇର ନୁହେଁ । ମଣିଷକୁ କବନ୍ଧପ୍ରାୟ କରିବାର ଏ ଯେଉଁ ନିଶା ଆପଣଙ୍କୁ ଓ ଆପଣଙ୍କ ସତୀର୍ଥମାନଙ୍କୁ ଘାରିଛି, ସେ ନିଶାର ଶେଷ ହେଉ ।"

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଓଡ଼ିଶାରେ ସବୁଜ ଅର୍ଥନୀତିର ଭବିଷ୍ୟତ

**ଆଦିତ୍ୟ ମାଲହୋତ୍ରା**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜୁନ୍ ମାସରେ ଉନ୍ମୋଚିତ 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ'ରେ ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଆମେରିକୀୟ ଡଲାରର ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାରର ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ୨୦୪୭ ସୁଦ୍ଧା ଓଡ଼ିଶାକୁ ୧୦୦ ଲକ୍ଷ କୋଟି ଟଙ୍କାର ନିବେଶ ଆବଶ୍ୟକ ହେବ ଏବଂ ଏହାର ଏକ ପ୍ରମୁଖ ଅଂଶ ସବୁଜ ଅର୍ଥନୀତି ଆଡ଼କୁ ପ୍ରବାହିତ ହେବ । ଏକ ସବୁଜ ଅର୍ଥନୀତି ଓଡ଼ିଶାର ଅର୍ଥନୀତିକୁ ଅଭିବୃଦ୍ଧି କରିବା ସହିତ ପରିବେଶକୁ ସୁରକ୍ଷିତ ରଖିବ ଏବଂ ନିଯୁକ୍ତି ସୃଷ୍ଟି କରିବ, ଯଦ୍ୱାରା ବିବିଧତା ଓ ଅଭିବୃଦ୍ଧି ଲକ୍ଷ୍ୟକୁ ପୂରଣ କରାଯାଇପାରିବ ।

ସବୁଜ ଅର୍ଥନୀତି, ଏକ ନୂତନ ଅର୍ଥନୈତିକ ସଂସ୍କରଣ, ଯାହା ସ୍ୱଚ୍ଛ ଶକ୍ତି କ୍ଷେତ୍ର ଅପେକ୍ଷା ବହୁତ ବଡ଼ । ଏଥିରେ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ସମାଧାନ ଭଳି ନୂତନ କ୍ଷେତ୍ର ଅନ୍ତର୍ଭୁକ୍ତ । ଶକ୍ତି, ପରିବେଶ ଓ ଜଳ ପରିଷଦ (ସିଇଇଡବ୍ଲୁ) ଦ୍ୱାରା କରାଯାଇଥିବା ଗବେଷଣା, ଯାହା ରାଜ୍ୟ ସହିତ ଏକ ନେଟ୍-ଶୂନ୍ୟ କାର୍ବନ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ କାର୍ଯ୍ୟ କରୁଛି, ସମ୍ପ୍ରତି ଆକଳନ କରିଛି ଯେ ଯଦି ଓଡ଼ିଶା ଏକ ସବୁଜ ଅର୍ଥନୀତିରେ ନିବେଶ କରେ, ତେବେ ଏହା ୧୦ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି କରିପାରିବ । ରାଜ୍ୟର ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଡ଼ିପାରିବ ଏବଂ ୨୦୩୦ ସୁଦ୍ଧା ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆଣିପାରିବ । ଏହାର ଅର୍ଥ ହେଉଛି ଯେ ଓଡ଼ିଶାର ଜିଡିପିର ଅତିରିକ୍ତ ୨୦ ପ୍ରତିଶତରୁ ଅଧିକ ସବୁଜ କ୍ଷେତ୍ରରୁ ଆସିପାରିବ ଏବଂ ନିଯୁକ୍ତି ସୃଷ୍ଟି ମଧ୍ୟ କରିପାରିବ ।

ରାଜ୍ୟ ସରକାର ଏହି କ୍ଷେତ୍ରର ବିକାଶ ପାଇଁ ଅନେକ ପଦକ୍ଷେପ ନେବା ଆରମ୍ଭ କରିସାରିଛନ୍ତି । ଓଡ଼ିଶାର ମହତାକାଂକ୍ଷୀ ସବୁଜ କ୍ଷେତ୍ରର ଅଭିବୃଦ୍ଧିକୁ ସମର୍ଥନ କରିବା ପାଇଁ ଏଠାରେ ତିନୋଟି ଉପାୟ ଅଛି । ପ୍ରଥମେ, ଓଡ଼ିଶାର ନିବେଶ ନୀତିଗୁଡ଼ିକ ସବୁଜ ଶକ୍ତି ନିବେଶକଙ୍କ ମଧ୍ୟରେ ବିଶ୍ୱାସ ସୃଷ୍ଟି କରିବା ଆବଶ୍ୟକ । ରାଜ୍ୟର ମହତାକାଂକ୍ଷୀ ଶିଳ୍ପ ନୀତି ସଂକଳ୍ପ ପୂର୍ବରୁ ସବୁଜ ଶକ୍ତି, ସବୁଜ ଉଦ୍‌ଜାନ ଓ ଜୈବିପ୍ରଯୁକ୍ତି ବିଦ୍ୟା ଭଳି ପ୍ରମୁଖ କ୍ଷେତ୍ର ପାଇଁ ୩୦ ପ୍ରତିଶତ ପର୍ଯ୍ୟନ୍ତ ପୁଞ୍ଜି ରିହାତି ସହିତ ଆର୍ଥିକ ଲାଭ ପ୍ରଦାନ କରେ । କିନ୍ତୁ ଉଦ୍ୟୋଗୀମାନଙ୍କୁ ଯୋଗ୍ୟ ହେବା ପାଇଁ ପୁନଃଚକ୍ରିକରଣ ଅର୍ଥନୀତି, ଜୈବ-ଅର୍ଥନୀତି ଓ ପ୍ରକୃତି-ଆଧାରିତ ଆହ୍ୱାନଗୁଡ଼ିକୁ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରାଯିବା ଆବଶ୍ୟକ ।

ଲିଥିୟମ୍-ଆୟନ୍ ବ୍ୟାଟେରୀ ପୁନଃଚକ୍ରଣ ଏବଂ ଜୈବ-ଆଧାରିତ ଉତ୍ପାଦନ ଭଳି ଶିଳ୍ପଗୁଡ଼ିକ ପାଇଁ ଅଧିକ ପୁଞ୍ଜି ନିବେଶ ଆବଶ୍ୟକ । ଦ୍ୱିତୀୟତଃ, ଓଡ଼ିଶା ସବୁଜ କ୍ଷେତ୍ର ପାଇଁ ଯୋଗାଣ ଶୃଙ୍ଖଳ ହେବା ନିମନ୍ତେ 'ହବ୍ ଓ ସ୍ପୋକ୍' ମଡେଲ୍ ବିକଶିତ କରିବା ଉଚିତ । ଏକ କେନ୍ଦ୍ରୀୟ ହବ୍ ନିକଟସ୍ଥ ଅଞ୍ଚଳର ଛୋଟ ଉତ୍ପାଦକଙ୍କଠାରୁ ସାମଗ୍ରୀ ସଂଗ୍ରହ ଓ ପ୍ରକ୍ରିୟାକରଣ କରେ । ସେମାନଙ୍କୁ ବଡ଼ ବଜାର ସହିତ ସଂଯୋଗ କରିବାରେ ସାହାଯ୍ୟ କରେ । ଓଡ଼ିଶାରେ ପୂର୍ବରୁ ଡେରାସରେ ସାମୁଦ୍ରିକ ଖାଦ୍ୟ ପାର୍କ ଭଳି ଉଦାହରଣ ଅଛି । କିନ୍ତୁ ଏହା ଆହୁରି ଆଗକୁ ଯାଇପାରିବ । ଉଦାହରଣ ସ୍ୱରୂପ, ତାମିଲନାଡୁରେ ଏକ ବହୁମୁଖୀ ସାମୁଦ୍ରିକ ଖାଦ୍ୟ ପାର୍କ ଏକ ହବ୍ ଭାବରେ କାର୍ଯ୍ୟ କରେ ଏବଂ ଉପକୂଳରେ ଛୋଟ ସାମୁଦ୍ରିକ ଖାଦ୍ୟ ଫାର୍ମଗୁଡ଼ିକୁ ସମର୍ଥନ କରେ । ଏହି ପାର୍କ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ଏକ ଗବେଷଣା ଓ ତାଲିମ କେନ୍ଦ୍ର ଭାବରେ ମଧ୍ୟ କାର୍ଯ୍ୟ କରେ । ଏହି ମଡେଲ୍ ଅନ୍ୟ ସ୍ଥାନରେ ଭଲ କାମ କରିଛି । ଜର୍ମାନୀରେ କଫି ବର୍ଜ୍ୟରୁ ଜୈବ-ଉତ୍ପାଦ ତିଆରି କରିବାଠାରୁ ଆରମ୍ଭ କରି କର୍ଣ୍ଣାଟକରେ କୃଷି-ଆବର୍ଜନାରୁ ଇଥାନଲ୍ ଉତ୍ପାଦନ ପର୍ଯ୍ୟନ୍ତ ।

ତୃତୀୟତଃ, ରାଜ୍ୟ ସବୁଜ ଉତ୍ପାଦର ଚାହିଦା ବୃଦ୍ଧି କରିପାରିବ । ଗୋଟିଏ ଉପାୟ ହେଉଛି ସରକାରୀ ପ୍ରକଳ୍ପରେ ସବୁଜ ଶକ୍ତି ସାମଗ୍ରୀ କିଣିବା ପାଇଁ ସ୍ପଷ୍ଟ ନିୟମ ସ୍ଥିର କରିବା । ସରକାରୀ ଓ ଘରୋଇ କ୍ଷେତ୍ର ଉଭୟ ବିଭାଗକୁ ପ୍ରାକୃତିକ ଝଡ଼ ପ୍ରତିରୋଧୀ ଭାବରେ ହେନ୍ତାଳ ବନ, ଜୈବ-ସାର, ବାଉଁଶ ଫର୍ଣ୍ଣିଚର ଭଳି ଉତ୍ପାଦର ସର୍ବନିମ୍ନ ଅଂଶ ବ୍ୟବହାର କରିବାକୁ କୁହାଯାଇପାରେ । ଏହା ଭାରତର ଜାତୀୟ ପରିବେଶ ନୀତି ୨୦୦୬କୁ ଅନୁସରଣ କରେ, ଯାହା ବିଶେଷକରି ସରକାରୀ କ୍ଷେତ୍ର ଦ୍ୱାରା ପରିବେଶ ଅନୁକୂଳ ସାମଗ୍ରୀ କିଣିବାକୁ ଉତ୍ସାହିତ କରେ । ସରକାରୀ ବିଭାଗ, ଏମଏସଏମଇ ଏବଂ ଅନ୍ୟାନ୍ୟ କମ୍ପାନୀଗୁଡ଼ିକର ଆବଶ୍ୟକତା ପୂରଣ କରିବା ପାଇଁ ଓଡ଼ିଶା ଏକ ସବୁଜ ଚାହିଦା ସଂଗ୍ରହକାରୀ ପ୍ଲାଟଫର୍ମ ସୃଷ୍ଟି କରିପାରିବ । ଏହି ଧାରଣା ଭାରତର ରୁଫ୍ ଟପ୍ ସୋଲାର କ୍ଷେତ୍ରରେ ଭଲ କାମ କରିଛି । ଏହା ନବୀକରଣୀୟ ଶକ୍ତି ସମାଧାନର ଚାହିଦାକୁ ମିଶ୍ରଣ କରି ଖର୍ଚ୍ଚ ହ୍ରାସ କରିବା ଏବଂ ବ୍ୟବହାର ବୃଦ୍ଧି କରିବାରେ ସାହାଯ୍ୟ କରିଛି । ଏବେ ଶୂନ୍ୟ-ନିର୍ଗମନ ପରିବହନ ଇନ୍ଧନ ଏବଂ ଇକୋସିଷ୍ଟମ ସେବା ଯୋଗାଣକାରୀ ଭଳି ସ୍ଥାୟୀ ସମାଧାନ ପାଇଁ ମଧ୍ୟ ଚାହିଦା ସଂଗ୍ରହ ବ୍ୟବହାର କରାଯାଉଛି, ବିଶେଷକରି ପ୍ରକୃତି-ଆଧାରିତ ସମାଧାନକୁ ବୃଦ୍ଧି କରିବାରେ ଏହା ଉପଯୋଗୀ ହୋଇଛି ।

୨୦୩୦ ସୁଦ୍ଧା ଓଡ଼ିଶାର ଅର୍ଥନୈତିକ ଉତ୍ପାଦନର ୨୦ ପ୍ରତିଶତକୁ ସବୁଜରେ ପରିଣତ କରିବା ଏକ ସାହସିକ ଲକ୍ଷ୍ୟ । କିନ୍ତୁ ଏହା ହାସଲ କରାଯାଇପାରିବ, ଯଦି ରାଜ୍ୟ ସବୁଜ କ୍ଷେତ୍ରରେ ସଠିକ୍ ନିବେଶକୁ ଆକର୍ଷିତ କରେ । ଏହା କେବଳ ନିଯୁକ୍ତି ଓ ଅଭିବୃଦ୍ଧିକୁ ନିଶ୍ଚିତ କରିବ ନାହିଁ ବରଂ ଏକ ସ୍ୱଚ୍ଛ, ଦୃଢ଼ ଓ ସ୍ଥାୟୀ ଭବିଷ୍ୟତ ମଧ୍ୟ ନିର୍ମାଣ କରିପାରିବ ।

(ଶକ୍ତି, ପରିବେଶ ଓ ଜଳ ପରିଷଦର ପ୍ରୋଗ୍ରାମ ଆସୋସିଏଟ୍)
ନୂଆଦିଲ୍ଲୀ, ମୋ: ୯୩୧୩୧୨୯୯୪୧

## ତିବ୍ବତରେ ଲାମା

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

'ଲାମା'ବାଦ ଭାରତୀୟ ମହାଯାନ ବୌଦ୍ଧଧର୍ମର ଏକ କ୍ରମାନୁବୃତ୍ତି ପରମ୍ପରା, ଯେଉଁଥିରେ ସମସ୍ତ ଧାର୍ମିକ ତଥା ଆଧ୍ୟାତ୍ମିକ କାର୍ଯ୍ୟକଳାପରେ ଗୁରୁହିଁ ମୁଖ୍ୟ ତଥା କେନ୍ଦ୍ରସ୍ଥାନୀୟ । ଏହି ସମ୍ପର୍କ ରକ୍ତ ସମ୍ପର୍କଠାରୁ ଅଧିକ ଶକ୍ତିଶାଳୀ ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ ।

**ଦଲାଇଲାମା:** ଏକାଦଶ ଶତାବ୍ଦୀରେ ତିବ୍ବତର ବୌଦ୍ଧ ଧର୍ମାନୁଷ୍ଠାନ ମୁଖ୍ୟମାନେ ଏକ ପୁରୁଷାନୁକ୍ରମିକ କର୍ତ୍ତୃତ୍ୱ ସ୍ଥାପନ କରିବାରେ ସଫଳ ହୋଇଗଲେ । ଏହାଫଳରେ ସେମାନେ ତିବ୍ବତରେ ବିଭିନ୍ନ ଅଞ୍ଚଳର ରାଜା ବା ଶାସକମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଆରମ୍ଭ କଲେ । ଦେଶର ପୁରୋହିତ ମଣ୍ଡଳୀ ତାଙ୍କ ହାତରେ ଉଭୟ ଆଧ୍ୟାତ୍ମିକ ଓ ଶାସକୀୟ ପ୍ରଭୁତ୍ୱ ଠୁଳ କରିବାରେ ସକ୍ଷମ ହୋଇଗଲେ । ଶାସନର ସୁଦୃଢ଼ତା ପାଇଁ କ୍ଷମତା ପରିବର୍ତ୍ତନ କ୍ରମରେ ନିରାପତ୍ତା ତଥା ନିୟମିତତା ପାଇଁ ସେମାନଙ୍କର ନିରବଚ୍ଛିନ୍ନ ଏକାଧିକତ୍ୟତାର ମଧ୍ୟ ଆବଶ୍ୟକତା ପଡ଼ିଲା ।



ଯେହେତୁ ରକ୍ଷଣଶୀଳ ବୌଦ୍ଧଧର୍ମରେ ପୁରେହିତମାନଙ୍କ ପାଇଁ ଅନୂଢ଼ ଜୀବନ ବାଧ୍ୟବାଧକତା ଥିଲା, ଏହି ପ୍ରଥାକୁ କ୍ରମେ ଉଚ୍ଛେଦ କରାଯାଇ ପୁରୋହିତମାନେ ବିବାହ କରି ପାରିବାର ନିୟମ ଘୋଷଣା କରାଗଲା ।

ଏହି ନୂତନ ପ୍ରଥା କ୍ରମେ ପୁରୋହିତ ମଣ୍ଡଳୀ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ସମ୍ମାନ ନଷ୍ଟ କରି ବସିଲା । ପରିବର୍ତ୍ତୀ ସମୟରେ ଏହି ଜନ ଅସନ୍ତୋଷ

### ଦ୍ୱିତୀୟ-ବୁଦ୍ଧ କଥା

ଏକ ଆନ୍ଦୋଳନରେ ପରିଣତ ହୋଇଗଲା । ପଞ୍ଚଦଶ ଶତାବ୍ଦୀରେ ବିଶିଷ୍ଟ ସମାଜ ସଂସ୍କାରକ ଓ ବୌଦ୍ଧ ସନ୍ନ୍ୟାସୀ ସଂଗ-ଖା-ପାଙ୍କର ଉଦ୍ୟମରେ ଏକ ସଂସ୍କାରିତ ଧର୍ମାନୁଷ୍ଠାନ ମଣ୍ଡଳୀ ଗଠିତ ହୋଇପାରିଥିଲା । ଏହି ନୂତନ ସଂପ୍ରଦାୟ 'ହଳଦିଆ ବା ପୀତବର୍ଣ୍ଣ ଧର୍ମଗୋଷ୍ଠୀ' ଭାବେ ନାମିତ ହେଲା । ପୁରାତନ ଗୋଷ୍ଠୀ 'ଲାଲରଙ୍ଗ ଧର୍ମଗୋଷ୍ଠୀ' ଭାବେ ନାମିତ ହୋଇଥିଲା । ଏ ଘଟଣା ଖ୍ରୀ ୧୪୫୦ କାଳର ।

ସଂଗ-ଖା-ପା ଧର୍ମୀୟ ଗୋଷ୍ଠୀରେ ବିଭିନ୍ନ ପ୍ରକାର ନୂଆ ନୂଆ ନୀତିନିୟମ ପ୍ରଚଳନ କଲେ ଏବଂ ଅନେକ ପୁରାତନ ପ୍ରଥାର ଅଦଳବଦଳ କରାଇଲେ । ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ପୁରାତନ ସଂପ୍ରଦାୟକୁ କ୍ଷମତାଶୂନ୍ୟ କରି ନିଜର ନୂତନ 'ହଳଦିଆ ଗୋଷ୍ଠୀ' ହାତରେ ସମସ୍ତ ପ୍ରକାର କ୍ଷମତା ଠୁଳ କରାଇବା । ସଙ୍ଗ-ଖା-ପା ଙ୍କର ଉଦ୍ୟମ ଓ ଲକ୍ଷ୍ୟ ଜନ ସମର୍ଥନ ଓ ସହଯୋଗ ହାସଲ କରି ପାରିଥିଲା ଏବ ତାହା ଏବେ ମଧ୍ୟ ଚାଲୁ ରହିଛି । ସଂଗ-ଖା-ପା ତାଙ୍କର ଏହି ସଂସ୍କାର ଉଦ୍ୟମରେ ଚୀନ ସରକାରଙ୍କ ସମର୍ଥନ ହାସଲ କରିଥିଲେ ।

ସଂଗ-ଖା-ପା ତାଙ୍କର ଦୁଇ ପ୍ରଧାନ ଶିଷ୍ୟଙ୍କୁ ସମସ୍ତ କ୍ଷମତାର କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରାଇଲେ । ଜଣେ ଶାସନ ମୁଖ୍ୟ ଓ ଅନ୍ୟଜଣକ ଧାର୍ମିକ ମୁଖ୍ୟ । ଶାସନ ମୁଖ୍ୟ ଜଣଙ୍କର ପଦବୀ ହେଲା 'ଦଲାଇ ଲାମା' । ଧାର୍ମିକ ମୁଖ୍ୟଙ୍କ ପଦବୀ ହେଲା 'ପଞ୍ଚେନ୍ ଲାମା' । ଏଇ ଦୁଇ ପଦବୀ କ୍ରମାଗତଭାବେ ଅବତାର ଭିତ୍ତିରେ ପରିବର୍ତ୍ତନ ହେବାର ନୂତନ ଘୋଷଣାନାମା ଜାରି କରାଗଲା । ଏହି ଦୁଇ ପଦବୀରୁ କେହି ଦେହ ତ୍ୟାଗ କଲେ ସେ ସଂଗେ ସଂଗେ ନୂତନ ଜନ୍ମ ଲାଭ କରିବେ । ମଣିଷଭାବେ ପିଢ଼ିକୁ ପିଢ଼ି ଏହି ଭଳି ଦେହ ତ୍ୟାଗ ପରେ ଅନ୍ୟ ଜଣେ ତୁରନ୍ତ ଗାଦିନସୀନ ହେବେ । ଦଲାଇଲାମା 'ଅବଲୋକିତେଶ୍ୱର' ଓ ପଞ୍ଚେନଲାମା 'ମଞ୍ଜୁଶ୍ରୀ'ଙ୍କ ଅବତାର ଭାବେ ପରିଚିତ ହୋଇଛନ୍ତି । ଏହି ଉତ୍ତରାଧିକାରୀ ମୃତ ଲାମାଙ୍କର ଦିବ୍ୟ ପ୍ରତିରୂପ ଭାବେ ଗୃହୀତ ହେଉଛନ୍ତି । ଏହି ପ୍ରଥା ଏପର୍ଯ୍ୟନ୍ତ ମଧ୍ୟ ଜାରି ରହିଛି ।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗରେ କର୍ମଚାରୀ ମରୁଡ଼ି

■ ମାଲ ମାଲ ପଦବୀ ଖାଲି; ସରକାର ନିଦାବିଷ୍ଟ
■ ସରକାରୀ ଯୋଜନାର ଲାଭ ପାଉନାହାନ୍ତି ଚାଷୀ

ଭୁବନେଶ୍ୱର, ୫।୯ (ସମିସ): ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)କୁ କୃଷି କ୍ଷେତ୍ରରୁ ପାଖାପାଖି ୨୧ ପ୍ରତିଶତ ଅବଦାନ। ମାତ୍ର ସଂପୂର୍ଣ୍ଣ ସରକାରୀ ଅଣଦେଖାର ଶିକାର କୃଷି ବିଭାଗ। ବର୍ଷ ବର୍ଷ ଧରି ଏହି ବିଭାଗରେ ଶତାଧିକ ସଂଖ୍ୟାରେ ପଦବୀ ଖାଲି ପଡ଼ିଛି। ପଦବୀ ପୂରଣ ଦିଗରେ ସରକାର ସାମାନ୍ୟତମ ପଦକ୍ଷେପ ନେଉନାହାନ୍ତି। ଫଳସ୍ୱରୂପ ତୃଣମୂଳସ୍ତରରେ ଚାଷୀମାନେ ସଚେତନ ହୋଇପାରୁନାହାନ୍ତି। ଚାଷୀମାନଙ୍କ ପାଇଁ ସରକାର କରୁଥିବା ଯୋଜନାର ଲାଭ ବି ପାଉନାହାନ୍ତି। ଅଧିକାରୀ ନଥିବା କାରଣରୁ କୃଷକଙ୍କ ପାଖରେ କୃଷି ସୂଚନା ବି ଠିକ୍ ଭାବେ ପହଞ୍ଚିପାରୁନି। ତେଣୁ ଧାନ ସମେତ ଅନ୍ୟାନ୍ୟ ଫସଲ ଆଦି କରି ଚାଷୀର ଆର୍ଥିକ ଉନ୍ନତି ହୋଇପାରୁନଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ, ରାଜ୍ୟରେ ମୋଟ ୭୮୯ ମଞ୍ଜୁର ପ୍ରାପ୍ତ ସହକାରୀ କୃଷି ଅଧିକାରୀ ପଦବୀ ରହିଛି। ମାତ୍ର ଏଥିରୁ ୩୬୬ ପଦବୀ ଖାଲିପଡ଼ିଛି। ପାଖାପାଖି ୪୬ ପ୍ରତିଶତ ପଦବୀ ଫାଙ୍କା ପଡ଼ିଥିବାରୁ ଜିଲ୍ଲା ଏବଂ ବ୍ଲକ୍‌ସ୍ତରରେ କୃଷି ବିଭାଗର କାମ ସବୁ ଠପ୍ ହୋଇଯାଇଛି। ଚାଷୀଙ୍କୁ ସାର ଯୋଗାଣଠାରୁ ଆରମ୍ଭ କରି ଫସଲର ବିବିଧ ସୂଚନା ଚାଷୀ ପାଖରେ ପହଞ୍ଚୁନି। ଏଭଳି ସମସ୍ୟାର ପ୍ରତିକାର ପାଇଁ ସରକାର ଦୃଷ୍ଟିଦେଉ ନାହାନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। କୃଷି ବିଭାଗର ବୈଜ୍ଞାନିକ ପରାମର୍ଶକୁ ଆଧାର କରି ଅଧିକ ଅମଳ କରି ଶସ୍ୟ ଯୋଗାଇବ। ହେଲେ କୃଷି ବିଭାଗରେ କର୍ମଚାରୀ ମରୁଡ଼ି ଯୋଗୁ ଚାଷୀ ବୈଜ୍ଞାନିକ ପରାମର୍ଶ ପାଇବା ତ ଦୂରର କଥା ଆବଶ୍ୟକ ସୂଚନା ବି ପାଇପାରୁନି। ଏଭଳି ଅଚଳାବସ୍ଥା ଚାଷୀଙ୍କୁ ବିମୁଖ କରିଛି। ଅଧିକାରୀଙ୍କ ସଙ୍କଟ ଯୋଗୁଁ ସରକାରଙ୍କ ବିଭାଗର ବିଭିନ୍ନ ଜନହିତକର ଯୋଜନା ସଫଳ କାର୍ଯ୍ୟକାରିତାରେ ବାଧା ସୃଷ୍ଟି ହେଉଛି। କର୍ମଚାରୀ ସଙ୍କଟ ଯୋଗୁଁ କୃଷି ବିଭାଗର ଜଳନିଧି ଯୋଜନା, ଏନ୍‌ଏଫ୍‌ଏସ୍‌ଏମ୍, ମୁଗ ଯୋଜନା ଓ ଅଏଲସିଡ୍ ଚିନାବାଦାମ, ବିହନ ଯୋଗାଣ ଆଦି ଏକାଧିକ ଯୋଜନା କାର୍ଯ୍ୟକାରୀ କରିବାରେ ଅସୁବିଧା ସୃଷ୍ଟି ହେଉଛି।

ଅନୁରୂପ ଭାବେ ରାଜ୍ୟରେ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ଗୁଡ଼ିକ ଖାଲି ପଡ଼ିଛି। ମୋଟାମୋଟି ଭାବେ ଦେଖିବାକୁ ଗଲେ, ଏହି ବିଭାଗରେ କର୍ମଚାରୀଙ୍କ ମରୁଡ଼ି ହୋଇଯାଇଛି। ମୋଟ ଉପରେ ୨୦୪ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ପଦବୀ ରହିଛି। ଏଥିରୁ ୧୯୧ଟି ପଦବୀ ଖାଲିପଡ଼ିଛି। ୯୩ ପ୍ରତିଶତ ପଦବୀ ଖାଲିପଡ଼ିଥିବାରୁ ବିଭାଗର କୌଣସି କାମ ହୋଇପାରୁନଥିବା ଅଭିଯୋଗ ହେଉଛି। କୃଷିକ୍ଷେତ୍ର ସହ ଜଙ୍ଗଲ ସମ୍ପଦ ଭଳି ମୃତ୍ତିକାକୁ ସଂରକ୍ଷଣକୁ ଗୁରୁତ୍ୱ ଦେବା ପାଇଁ ମୃତ୍ତିକା ସଂରକ୍ଷଣ ବିଭାଗ ଖୋଲାଯାଇଛି। ମାତ୍ର କର୍ମଚାରୀ ଅଭାବ କାରଣରୁ ବିଭାଗର କୌଣସି କାମ ହୋଇପାରୁନି।

ଏହି ବିଭାଗ ବୃକ୍ଷରୋପଣଠାରୁ ଆରମ୍ଭ କରି ଜମିକୁ ଜଳସେଚନ କରିବା, ଚେକ୍ ଡ୍ୟାମ୍ ନିର୍ମାଣ ଆଦି କରୁଥିଲା। ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ ବିଭିନ୍ନ ଔଷଧୀୟ ଚାରାବଣ୍ଟନ ସହ କୁକୁଡ଼ା ପାଳନ ପାଇଁ ବିଭାଗ ପକ୍ଷରୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିଲା। ଏଥିସହ ଗୋପାଳନ, ପୋଖରୀ ଖନନ, ଜଳ ସଂରକ୍ଷଣ ଆଦି କାର୍ଯ୍ୟ ଏହି ବିଭାଗ ଦାୟତ୍ୱରେ ରହିଛି। ମାତ୍ର କୌଣସି କାର୍ଯ୍ୟ ସଠିକ ଭାବେ ହୋଇପାରୁନି।

ଏ ସମ୍ପର୍କରେ କୃଷି ବିଶେଷଜ୍ଞ ଦେବବ୍ରତ ପାଣିଗ୍ରାହୀ କହିଛନ୍ତି, ରାଜ୍ୟରେ ଆର୍ଥିକ ଉନ୍ନତିରେ ସବୁବେଳେ କୃଷିକ୍ଷେତ୍ରର ଭାଗିଦାରୀ ରହିଆସିଛି। ହରିୟାଣା, ପଞ୍ଜାବ, କେରଳ, ତାମିଲନାଡୁ ଆଦି ରାଜ୍ୟରେ ସରକାର କୃଷି କ୍ଷେତ୍ରକୁ ଫୋକସ୍ କରି ରାଜ୍ୟର ଅର୍ଥନୀତି ସୁଦୃଢ଼ କରିପାରିଛନ୍ତି। ମାତ୍ର ଆମ ରାଜ୍ୟରେ କୃଷି କ୍ଷେତ୍ରକୁ ଅବହେଳା କରାଯାଉଛି। ଫଳସ୍ୱରୂପ କୃଷକମାନେ କୃଷିରୁ ମୁହଁ ଫେରାଇ ନେଉଛନ୍ତି। ସରକାର ଏ ଦିଗରେ ଯଦି ଦୃଷ୍ଟି ନ ଦିଅନ୍ତି, ତେବେ ଭବିଷ୍ୟତରେ ଆମକୁ ଚାଉଳ ପାଇଁ ମଧ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ। ଏଥିସହ ଧାନ ସହ ବିବିଧ ଫସଲ କରିବା ନେଇ ଚାଷୀମାନଙ୍କୁ ସଚେତନ କରାଯିବା ସହ ଆର୍ଥିକ ପ୍ରୋତ୍ସାହନ ଦେବା ଜରୁରୀ। ତେଣୁ କୃଷି ବିଭାଗର ସମସ୍ତ ପଦବୀ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି।

## ଓହ୍ଲାଇ ପାରିଲାନି ବିମାନ

# କୋଲକାତା ଦେଇ ଦିଲ୍ଲୀରୁ ଫେରିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୯ (ସମିସ): ଦିଲ୍ଲୀ ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡ଼ିଶା ଫେରିଛନ୍ତି। ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ସେଠାରେ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଯୋଗଦେବା ସହ ରାଷ୍ଟ୍ରପତିଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ତେବେ ଆଜି ଦିଲ୍ଲୀରୁ ଫେରିବା ବେଳେ ପାଗ ଖରାପ ଯୋଗୁଁ ମୁଖ୍ୟମନ୍ତ୍ରୀଙ୍କ ବିମାନ(ଏୟାର୍‌ଇଣ୍ଡିଆ ଏଆଇ-୪୭୩) ଭୁବନେଶ୍ୱରରେ ଅବତରଣ କରି ପାରିନଥିଲା। ଉକ୍ତ ବିମାନ କୋଲକାତା ପଳାଇଥିଲା। ପରେ ପାଗ ସୁଧୁରିବା ପରେ ମୁଖ୍ୟମନ୍ତ୍ରୀ ଉକ୍ତ ବିମାନରେ ଭୁବନେଶ୍ୱର ଫେରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଦିଲ୍ଲୀରେ ଜିଏସ୍‌ଟି କାଉନସିଲ ବୈଠକରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ଏହାଦ୍ୱାରା କୃଷକ ଓ ମଧ୍ୟବିତ୍ତବର୍ଗ ଉପକୃତ ହେବେ। ୪ଟି ଜିଏସ୍‌ଟି ସ୍ଲାବ୍ ବଦଳରେ ୨ଟି ସ୍ଲାବ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଅତ୍ୟାବଶ୍ୟକ ସାମଗ୍ରୀର ଦର ହ୍ରାସ ପାଇବ ବୋଲି ସେ କହିଛନ୍ତି।

■ ଗୁରୁ ଦିବସରେ ଅଘଟଣ

# ସ୍କୁଲ ଛାତରୁ ପଲସ୍ତରା ଖସି ୩ ଛାତ୍ରୀ ଆହତ

ଭଦ୍ରକ/ବାସୁଦେବପୁର, ୫।୯ (ସମିସ): ଗୁରୁଦିବସରେ ଅଘଟଣ। ଗୁରୁପୂଜା ପାଇଁ ଯାଇଥିବା ଛାତ୍ରୀଙ୍କ ଉପରେ ଖସି ପଡ଼ିଲା ଛାତ ପଲସ୍ତରା। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ କିସ୍ମତ କୃଷ୍ଣପୁର ପଞ୍ଚାୟତ ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଏହି ଘଟଣା ଘଟିଛି। ଏଥିରେ ୩ଜଣ ଛାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ସ୍କୁଲରେ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଆହତ ଛାତ୍ରୀମାନେ ହେଲେ, ବାଲବାଟିକାର ଶକୁନ୍ତଳା ମଣ୍ଡଳ, ଶୁଭଶ୍ରୀ କଳା ଓ ତୃତୀୟ ଶ୍ରେଣୀ ଛାତ୍ରୀ ଶ୍ରାବଣୀ କଳା। ଶୁଭଶ୍ରୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ଶକୁନ୍ତଳାଙ୍କ ମୁଣ୍ଡ ଫୁଲିଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଆହତ ଛାତ୍ରୀଙ୍କୁ ତୁରନ୍ତ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମୁଣ୍ଡରେ ଆଘାତ ଲାଗି ଥିବାରୁ ଆବଶ୍ୟକ ସ୍ଥଳେ ସିଟି ସ୍କାନ୍ କରାଯାଇପାରେ ବୋଲି ଡାକ୍ତର କହିଛନ୍ତି।

# ରଥଯାତ୍ରାରେ ବଣ୍ଟା ଯାଇଥିଲା ୨୪,୭୫୦ ପାସ୍

**କେବଳ ଭିଆଇପି କର୍ଡନ ପାସ୍ ଦିଆଯାଇଥିଲା ୨,୫୦୦**

ପୁରୀ, ୫।୯ (ସମିସ): ଚଳିତବର୍ଷ ରଥଯାତ୍ରାରେ ବ୍ୟାପକ ବିଭ୍ରାଟ ଦେଖାଦେଇଥିଲା। ସିଂହଦ୍ୱାରରୁ ଶରଧାବାଲି ପର୍ଯ୍ୟନ୍ତ ନାନା ପ୍ରକାର ବିଶୃଙ୍ଖଳା ସୃଷ୍ଟି ହୋଇଥିଲା। ଏବର୍ଷ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟାରେ ୩ଜଣ ଭକ୍ତଙ୍କ ମୃତ୍ୟୁ ମଧ ଘଟିଥିଲା। ବିଡ଼ମ୍ବନାର ବିଷୟ ଥିଲା, ଏଥର ନନ୍ଦିଘୋଷ ରଥ ସିଂହଦ୍ୱାରରୁ ରଥଯାତ୍ରା ଦିନ ଗଡ଼ି ପାରି ନଥିଲା। କର୍ଡନ ଭିତରେ ମାତ୍ରାଧିକ ପାସ୍‌ଧାରୀଙ୍କ ଯୋଗୁଁ ବିଶୃଙ୍ଖଳା ଏବଂ ବିଳମ୍ବ ହୋଇଥିଲା ବୋଲି ସାଧାରଣରେ ଚର୍ଚ୍ଚା ହୋଇଥିଲା। ତେବେ ଏବର୍ଷ ରଥଯାତ୍ରାରେ କେତେ ପାସ୍ ବଣ୍ଟନ କରାଯାଇଥିଲା, ଇତିମଧ୍ୟରେ ତାହାର ତଥ୍ୟ ଏବେ ପଦାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏ ବର୍ଷ ମୋଟ୍ ୨୪,୭୫୦ ପାସ୍ ବଣ୍ଟନ କରାଯାଇଛି। ଯେଉଁଥିରେ କାର୍ ପାସ୍, ଭେଇକିଲ ପାସ୍, ନଟ୍ ଟୁ ବି ଡିଟେନ୍, ବାଇକ୍ ସମେତ କର୍ଡନ ପାସ୍ ଆଦି ରହିଥିଲା। ମୋଟ୍ ପାସ୍ ଭିତରେ କେବଳ ୨,୫୦୦ ଭିଆଇପି କର୍ଡନ ପାସ୍ ରହିଥିଲା। ଅର୍ଥାତ୍ କର୍ଡନ ଭିତରେ ଅଢ଼େଇ ହଜାର ଲୋକଙ୍କୁ ରହିବା ପାଇଁ ପାସ୍ ବଣ୍ଟନ ହୋଇଥିଲା।

# ରାଜ୍ୟରେ ଗଡ଼ିବ ୬ଶହ ନୂଆ ଇ-ବସ୍

ଭୁବନେଶ୍ୱର, ୫।୯ (ସମିସ): ରାଜ୍ୟରେ ଆହୁରି ୬ଶହ ଇ-ବସ୍ ଚାଲିବ। ବର୍ତ୍ତମାନ ୪ଶହ ବସ୍ ଚଳାଚଳ କରୁଥିବାବେଳେ ଆଉ ୬ଶହ ବସ୍ ଚାଲିଲେ, ମୋଟ ଇ-ବସ୍ ସଂଖ୍ୟା ଏକ ହଜାରକୁ ବୃଦ୍ଧି ପାଇବ। ଆଜି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି, ଖୁବଶୀଘ୍ର ସମ୍ବଲପୁରକୁ ୨୫ଟି ନୂଆ ଇ-ବସ୍ ଆସୁଛି। ପରିବେଶକୁ ସୁରକ୍ଷା ଦେବା ପାଇଁ ରାଜ୍ୟରେ ଅଧିକରୁ ଅଧିକ ଇ-ବସ୍ ଚାଲିବାର ଆବଶ୍ୟକତା ରହିଛି। ବର୍ତ୍ତମାନ ରାଜ୍ୟ ସରକାର ୨୦୦ ଇ-ବସ୍ ଆଣିବାକୁ ଯୋଜନା କରିଛନ୍ତି। ଆଉ ୪୦୦ ଇ-ବସ୍ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଓଡ଼ିଶାକୁ ମିଳିବାକୁ ଯାଉଛି। ରାଜ୍ୟରେ ଏସବୁକୁ ମିଶାଇ ମୋଟ ୧ ହଜାର ଇ-ବସ୍ ଚାଲିବାର ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ସାଧାରଣ ଲୋକଙ୍କ ଯାତାୟାତ ସୁଗମ ହେବ। ପରିବେଶ ପ୍ରଦୂଷଣ ମଧ ବହୁ ମାତ୍ରାରେ ହ୍ରାସ ପାଇବ। ରାଜଧାନୀ ଅଞ୍ଚଳ ସହରାଞ୍ଚଳ ପରିବହନ (କ୍ରୁଟ୍) ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଏବଂ ଅନୁଗୁଳକୁ 'ଆମ ବସ୍' ସେବାର ସମ୍ପ୍ରସାରଣ ପାଇଁ ମଧ ପ୍ରସ୍ତୁତି ଚଳାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷା ପରେ...

ହେଉଥିବାରୁ ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ ଆଦି ବ୍ଲକ୍ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖାରେ ମଧ ଜଳ ଭରି ରହିଛି। ଫଳରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବନ୍ୟା ବିପଦ ଜାରି ରହିଛି। ମହାନଦୀ ସ୍ଥିତି ଏବେ ସବୁଠୁ ଜଟିଳ ହୋଇଛି।

ଗତ ଲଘୁଚାପ ପ୍ରଭାବରେ ମହାନଦୀ ତଳମୁଣ୍ଡରେ ୫୬ ମିମି ବର୍ଷା ହୋଇଥିବା ବେଳେ ଉପମୁଣ୍ଡରେ ୮୭ ମିମି ବର୍ଷା ରେକର୍ଡ ହୋଇଛି। ତେଣୁ ମହାନଦୀ ପୂର୍ଣ୍ଣ ଅବସ୍ଥାରେ ଥିବା ବେଳେ ଡ୍ୟାମ୍‌ରୁ ନିଷ୍କାସିତ ହେଉଥିବା ଜଳ ନଦୀକୁ ଆହୁରି ଫୁଲାଉଛି। ବର୍ତ୍ତମାନ ସମ୍ବଲପୁର-ସୁବର୍ଣ୍ଣପୁର ୧୫ ନଂ ରାଜ୍ୟ ରାଜପଥରେ ବର୍ତ୍ତମାନ ବନ୍ୟା ପାଣି ପ୍ରବାହିତ ହେଉଛି। ଆସନ୍ତା ୩-୪ ଦିନ ପର୍ଯ୍ୟନ୍ତ ସମୁଦ୍ର ଭଲ ପାଣି ନ ନେବାର ଆଶଙ୍କା ରହିଥିବାରୁ ମହାନଦୀକୂଳିଆ କିଛି ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ହେବାର ମଧ ଆଶଙ୍କା କରାଯାଉଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବର୍ତ୍ତମାନ ଛତିଶଗଡ଼ ଅତିକ୍ରମ କରି ମଧ୍ୟପ୍ରଦେଶ ଉପରେ ରହିଛି। ତେବେ ଓଡ଼ିଶା ଉପରେ ବର୍ତ୍ତମାନ ମୌସୁମୀ ଟ୍ରଫ୍ ଥିବାରୁ ଏହାର ପ୍ରଭାବରେ ଶୁକ୍ରବାର ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ସକାଳେ ଭୁବନେଶ୍ୱରରେ ୩୨ମିମି ଓ କଟକରେ ୫୦ ମିମି ବର୍ଷା ହୋଇଥିବା ରେକଡର୍ କରାଯାଇଛି। ଶନିବାର ଉପକୂଳବର୍ତ୍ତୀ ବିଭିନ୍ନ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ହେବେ ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ୧୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ବର୍ଷାର ପ୍ରଭାବ ବଢ଼ିପାରେ ବୋଲି ଆକଳନ କରାଯାଉଛି।

ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ମହାନଦୀ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦରେ ଅଧିକ ଗେଟ୍ ଖୋଲାଯାଇଛି। ଆସନ୍ତା ୭ ତାରିଖ ବେଳକୁ ମୁଣ୍ଡଳୀରେ ସାଢ଼େ ୪ ଲକ୍ଷରୁ ୫ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପହଞ୍ଚିବ। ଏବେ ଜଳକାକୁ ଛାଡ଼ି ଦେଲେ ଅନ୍ୟ କୌଣସି ନଦୀ ଏବେ ବିପଦ ସଙ୍କେତ ଉପରେ ନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି।

### ୨୪ ଗେଟ୍‌ରେ ହୀରାକୁଦରୁ...

ଗେଟ୍ ଖୋଲା ରହିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ନଦୀବନ୍ଧର ଜଳସ୍ତର ୬୨୬.୫୮ ଫୁଟ୍‌ରେ ପହଞ୍ଚିଛି। ଜଳଭଣ୍ଡାରକୁ ବର୍ତ୍ତମାନ ସେକେଣ୍ଡ ପ୍ରତି ୩,୯୯,୨୯୫ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୪,୨୪,୭୦୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୩,୮୮,୩୬୮ ଘନଫୁଟ, ପାୱାର ଚ୍ୟାନେଲ ଦେଇ ୩୨,୦୮୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡରେ ପଥର୍ଲାଠାରେ ୩୭୦୩୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ଖଇରମାଳଠାରେ ୪୧୮୦୦୦ କ୍ୟୁସେକ୍, ବାରମୁଲଠାରେ ୩୧୧୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧୯୬୦୨୬ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଅପରପକ୍ଷେ, ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୧୧.୧୮ ମିମି ଏବଂ ତଳମୁଣ୍ଡରେ ୬.୮୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।

### ଆତଙ୍କୀ ଧମକ ପରେ...

ସାମଗ୍ରୀ, ଗାଡ଼ି ବା ସନ୍ଦିଗ୍ଧ ଗତିବିଧି ଦୃଷ୍ଟିଗୋଚର ହୁଏ; ତେବେ ଏ ସମ୍ପର୍କରେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ବିଭିନ୍ନ ସମୟରେ ମୁମ୍ବାଇରେ ଏକାଧିକ ବାର ସିରିଜ ବୋମା ବିସ୍ଫୋରଣ ହୋଇଛି। ତେଣୁ ପୁଲିସ ଏହାକୁ ଦୃଷ୍ଟିରେ ରଖି ଅତିମାତ୍ରାରେ ସତର୍କ ହୋଇଛି। ୧୯୯୩ ମାର୍ଚ୍ଚ ୧୨ରେ ମୁମ୍ବଇରେ ସବୁଠାର ବଡ଼ ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଲୋକ ମୃତ୍ୟୁବରଣ କରିଥିବା ବେଳେ ୭୦୦ରୁ ଅଧିକ ଲୋକ ଆହତ ହୋଇଥିଲେ।

### ବୁଢ଼ା ହେଉଛି...

ଇନ୍ଧନ ଯୋଗାଉଥିବାବେଳେ ଅଧିକ ବୃଦ୍ଧ ଥିବା ରାଜ୍ୟଗୁଡ଼ିକରେ ଶ୍ରମ ଶକ୍ତି ସଙ୍କୁଚିତ ହୋଇପାରେ ବୋଲି ମଧ କିଛି ଆଶଙ୍କା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯଦି ବର୍ତ୍ତମାନର ଧାରା ଜାରି ରହେ, ତେବେ ଭାରତ ଖୁବ୍ ଶୀଘ୍ର ଚୀନ୍, ଜାପାନ ଏବଂ ୟୁରୋପ ପରି ସମାନ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇପାରେ ବୋଲି ଅନେକ ଆଶଙ୍କା କରୁଛନ୍ତି ।

### ଗୁରୁ ଦିବସରେ...

ପ୍ରଦାନ ଓ ସ୍ଥାୟୀ ନିଯୁକ୍ତି ପାଇଁ ଦୀର୍ଘ ଦିନରୁ ଦାବି ହେଉଛି। ଗତ ଅଗଷ୍ଟ ୧୬ ତାରିଖ ଶିକ୍ଷକ ଦାବି ଦିବସରେ ସମାନ ଦାବି ନେଇ ଗାନ୍ଧୀ ମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ(ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏଣୁ ନ୍ୟାଯ୍ୟ ଦାବି ପାଇଁ ନିର୍ଣ୍ଣାୟକ ଲଢ଼େଇ ଲଢ଼ିବାକୁ ଶିକ୍ଷକ ଓ କର୍ମଚାରୀମାନେ ମନସ୍ଥ କରି ରାଜରାସ୍ତାକୁ ଓହ୍ଲାଇଥିବା ସମିତିର ଆବାହକ ରଞ୍ଜନ କୁମାର ଦାସ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ବିରୋଧୀ ଦଳରେ ଥିବା ବେଳେ ଶିକ୍ଷକଙ୍କ ଆନ୍ଦୋଳନସ୍ଥଳକୁ ଯାଇ ସେମାନଙ୍କୁ ସମର୍ଥନ କରିବା ସହ ସେମାନଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିଥିଲେ। ଏବେ ସରକାରକୁ ଆସିବା ପରେ ଶିକ୍ଷକଙ୍କ ଅସୁବିଧା କିପରି ତାଙ୍କୁ ଦେଖାଯାଉନାହିଁ ବୋଲି ବିକ୍ଷୋଭରତ ଶିକ୍ଷକ ଓ କର୍ମଚାରୀମାନେ ପ୍ରଶ୍ନ କରିଛନ୍ତି। ତେଣୁ, ମୁଖ୍ୟମନ୍ତ୍ରୀ ନିଜ କଥା ରଖି ଶିକ୍ଷକମାନଙ୍କ ଦାବି ଅବିଳମ୍ବେ ପୂରଣ କରନ୍ତୁ ବୋଲି ସେମାନେ କହିଛନ୍ତି। ସରକାର ତ୍ୱରିତ ପଦକ୍ଷେପ ନ ନେଲେ ଆସନ୍ତା ୨୫ ତାରିଖରେ ଜେଲ୍‌ଭରୋ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଶିକ୍ଷକମାନେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଶୋଇ ବିକ୍ଷୋଭ ଜାରି ରଖିଛନ୍ତି।

ଏହି ଅହୋରାତ୍ର ଧାରଣାରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ମଧୁସୂଦନ ଦେ'ଙ୍କ ସମେତ ବହୁ ଶିକ୍ଷକ ଯୋଗ ଦେଇଛନ୍ତି।

### ମାରି ଫିଙ୍ଗିଦେଲା...

ଫେବୃୟାରୀ ମାସରୁ ପାତ୍ରପଡ଼ା ଶ୍ରୀକ୍ଷେତ୍ର ଗ୍ରୀନଉଡ୍ ଆପାର୍ଟମେଣ୍ଟରେ ରହୁଥିବା ସମରଜିତ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲେ। ମିତା ଓ ମଝିଆଖଣ୍ଡର ଦେବାଶିଷ ମଧ୍ୟରେ ପୂର୍ବରୁ ବନ୍ଧୁତା ରହିଥିଲା। ଗତ ଜାନୁୟାରୀ ୨୪ ତାରିଖ ସକାଳେ ସମରଜିତଙ୍କ ପରିବାର ଭଞ୍ଜନଗର ଯାଇଥିବା ବେଳେ ମିତା ଏକାକୀ ଫ୍ଲାଟରେ ଥିଲେ। ମିତା ଦିନ ପ୍ରାୟ ୧୦ଟା ବେଳେ ସମରଜିତଙ୍କ ପତ୍ନୀଙ୍କୁ ଫୋନ୍ କରି ଘରକୁ ଯାଉଥିବା କହିଥିଲେ। ସହିଦ ନଗରରେ ଫୋନ୍ ମରାମତି କରିବା ପରେ ଦେବାଶିଷ ସହ ଖୋର୍ଦ୍ଧା ଆଡ଼କୁ ଯାଇଥିଲେ। ଅପରାହ୍ଣ ପ୍ରାୟ ୪ଟା ବେଳେ ଖୋର୍ଦ୍ଧା ଅତିକ୍ରମ କରୁଥିବା ନେଇ ଘର ଲୋକଙ୍କୁ ଜଣାଇଥିଲେ ମଧ ଆଉ ଘରେ ପହଞ୍ଚି ନ ଥିଲେ। ଦେବାଶିଷ ଓ ମିତା ମିଶି ଖୋର୍ଦ୍ଧା ତାପଙ୍ଗ ଅଞ୍ଚଳକୁ ଯାଇଥିଲେ। ସେଠାରେ କଥାବାର୍ତ୍ତା ହେବା ବେଳେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଦେବାଶିଷ ମିତାଙ୍କୁ ହତ୍ୟା କରିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମିତାଙ୍କ ମୃତଦେହରେ ପଥର ବାନ୍ଧି କଳିଙ୍ଗ ମୁଣ୍ଡିଆକୁ ଫୋପାଡ଼ି ଦେଇଥିଲା। ହେଲେ ମୃତଦେହ ପାଣିରେ ପଡ଼ିବା ବଦଳରେ ନଟିରେ ଲାଗି ଯାଇଥିଲା। ମିତାଙ୍କୁ ହତ୍ୟା କରିବା ପରେ ଦେବାଶିଷ ତାଙ୍କ ଏଟିଏମ୍ କାର୍ଡ ନେଇ ଫେରାର ହୋଇ ଯାଇଥିଲା। ସେହି ଏଟିଏମ୍ କାର୍ଡ ଦ୍ୱାରା ମିତାଙ୍କ ଆକାଉଣ୍ଟରୁ ଜାନୁୟାରୀ ୨୫ ତାରିଖ ସନ୍ଧ୍ୟାରେ ୧୦ ହଜାର ଓ ୨୬ ତାରିଖ ୬୦ ହଜାର ଟଙ୍କା ଉଠାଇଥିଲା।

ମିତାଙ୍କର ଖୋଜଖବର ନମିଳିବାରୁ ସମରଜିତ ଜେନା ଜାନୁୟାରୀ ୨୭ ତାରିଖରେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମ୍ୟାନ ମିସିଂ ରିପୋର୍ଟ (ଏମ୍‌ଏମ୍‌ଆର୍) ପଞ୍ଜୀକରଣ କରି ଦାୟିତ୍ୱ ସାରି ଦେଇଥିଲା। ସେପଟେ ଝିଅକୁ ନ ପାଇ ପରିବାର ଲୋକେ ବାର ଦୁଆର ହୋଇଥିଲେ। ଭରତପୁର, ରଣପୁର ଥାନା ଠାରୁ ଆରମ୍ଭ କରି ନୟାଗଡ଼ ଏସପି ଓ ଭୁବନେଶ୍ୱର ଡିସିପିଙ୍କ ନିକଟରେ ମଧ ଦ୍ୱାରସ୍ଥ ହୋଇଥିଲେ। ଦେବାଶିଷ ଉପରେ ସନ୍ଦେହ କରୁଥିବା ନେଇ ଅଭିଯୋଗ କରିଥିଲେ ପରିବାର ଲୋକେ। ଏମିତିକି ଦୁଇ ମିସ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା।

ନିଖୋଜ ହେବାର ପରଦିନ ମିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨ଟି ପର୍ଯ୍ୟାୟରେ ୭୦ ହଜାର ଟଙ୍କା ଉଠା ଯାଇଥିବା ପୁଲିସ ଜାଣିବାକୁ ପାଇଛି। ଦେବାଶିଷ ସେହି ଟଙ୍କା ଉଠାଇଥିବା ଜଣାପଡ଼ିବା ପରେ ଗତ ୩ ଦିନ ତଳେ ଭରତପୁର ଥାନା ପୁଲିସ ତାକୁ ଉଠାଇ ଆଣିଥିଲା। ନିଖୋଜ ଦିନ ମିତା ଓ ଦେବାଶିଷ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଥିଲା। ପୁଲିସର ଅଡୁଆ ପ୍ରଶ୍ନରେ ଦେବାଶିଷ ଫସି ଯାଇଥିଲା। ହତ୍ୟାକାଣ୍ଡ ଠାରୁ ଆରମ୍ଭ କରି ପ୍ରମାଣ ନଷ୍ଟ ପର୍ଯ୍ୟନ୍ତ ସବୁକଥା ପୁଲିସ ଆଗରେ ଓଗାଳିଥିଲା। ଆଜି ଭରତପୁର ଥାନା ପୁଲିସ ଦେବାଶିଷକୁ ନେଇ ଘଟଣାସ୍ଥଳରେ ସିନ୍ ରିକ୍ରିଏସନ୍ କରିଛି। ସେଠାରୁ ମିତାଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଏମସ ଡାକ୍ତରଖାନାରେ ଭର୍ତ୍ତି କରିଛି। ତେବେ ୭ ମାସ ପୂର୍ବରୁ ନିଖୋଜ ଏତଲା ଦିଆଯାଇଥିଲେ ମଧ ପୁଲିସର ନିଷ୍କ୍ରିୟତା ଯୋଗୁଁ ମିତାଙ୍କ ପତ୍ତା ମିଳିନଥିଲା। ଫଳରେ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେପଟେ ହତ୍ୟାକାଣ୍ଡରେ ଦେବାଶିଷ ସହ ଆଉ ଜଣେ ସହଯୋଗୀ ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଗାଁରୁ ସହର...

ବିଭିନ୍ନ ସ୍ଥାନରେ ବର୍ଷାର ପାଣି ଲହଡି ମରୁଥିବାରୁ ଯାନବାହନର ଯାତାୟାତ ବାଧାପ୍ରାପ୍ତ ହୋଇଛି। ଉତ୍ତର ବାଲେଶ୍ୱରରେ ସୁବର୍ଣ୍ଣରେଖାର ୬ ଥର ବନ୍ୟାର କଷଣ ଦେଇ ସାରିଥିବା ବେଳେ ସପ୍ତମ ଥର ମଧ ବନ୍ୟାର ଆଶଙ୍କା ଦେଖାଦେଇଛି। ଝାଡଖଣ୍ଡର ଉପର ମୁଣ୍ଡରେ ଲଘୁଚାପ ଜନିତ ବର୍ଷା ପୁଣି ଭୋଗରାଇ ଏବଂ ବାଲିଆପାଳବାସୀଙ୍କୁ ଆଉ ଏକ ବନ୍ୟା ପାଣିରେ ଭାସିବାର ଆଶଙ୍କା ରହିଛି। ଅନ୍ୟପଟେ ଜଳକା ନଦୀ ଫୁଲି ବସ୍ତା ବ୍ଲକ ଓ ବାଲେସ୍ୱର ସଦର ବ୍ଲକ ବାସୀଙ୍କୁ କହଦହ କରିଥିବା ବେଳେ ବୁଢ଼ା ବଳଙ୍ଗ ମଧ ଉଚ୍ଛୁଳା ଅବସ୍ଥାରେ ବାଲେଶ୍ୱରବାସୀଙ୍କୁ ଭୟ ଦେଖାଉଛି। ଏବର୍ଷ ସର୍ବାଧିକ ବର୍ଷା ବାଲେଶ୍ୱର ଜିଲ୍ଲାରେ ହୋଇଛି ବୋଲି ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାନୁଯାୟୀ, ଆଜି ବାଲେଶ୍ୱର ଜିଲ୍ଲାରେ ୨୭୪ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଏଥିମଧ୍ୟରୁ ସବୁଠାରୁ ଅଧିକ ବାହାନଗା ବ୍ଲକ୍‌ରେ ୭୦ ମିମି ବର୍ଷା ହୋଇଛି। ଏହାବ୍ୟତୀତ ସୋରୋ ବ୍ଲକରେ ୬୦ ମିମି ଏବଂ ନୀଳଗିରିରେ ୪୦ ମିମି ବର୍ଷା ହୋଇଛି। ବିଶେଷକରି ଆଜି ଦକ୍ଷିଣପଟରେ ଅଧିକ ବର୍ଷା ହୋଇଛି। ସେହିପରି ଗତ ୪ ତାରିଖ ଦିନ ଜିଲ୍ଲାରେ ୪୫୯ ମିମି ବର୍ଷା ରେକର୍ଡ ହୋଇଥିଲା। ବାଲେଶ୍ୱର ସହରରେ ସର୍ବାଧିକ ୯୨ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଥିଲା। ୩ ତାରିଖ ଦିନ ୩୬୬ ମିମି ବର୍ଷା ହୋଇଥିବା ବେଳେ ସର୍ବାଧିକ ସୋରରେ ୪୫ ମିମି ବର୍ଷା ହୋଇଥିଲା। ବାଲେଶ୍ୱର ସହରର ୩୫ ମିମି ବର୍ଷା ହୋଇଥିଲା। ସେହିପରି ୨ ତାରିଖ ଦିନ ୬୦୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସର୍ବାଧିକ ସଦରରେ ୧୨୮ ମିମି ବର୍ଷା ହୋଇଥିଲା। ତେବେ ଏହା ସବୁଠୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଏବର୍ଷ ଏମିତି ବର୍ଷା ଆଉ ହୋଇନାହିଁ ବୋଲି ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଜେନା ସୂଚନା ଦେଇଛନ୍ତି। ସେପଟେ ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବା ଫଳରେ ବସ୍ତାରେ ପୁଣି ଥରେ ବନ୍ୟା ଆସିଛି। ଗୁରୁବାର ସନ୍ଧ୍ୟାରୁ ନଦୀର ଜଳସ୍ତର ଅହେତୁକ ଭାବେ ବଢ଼ିବାକୁ ଲାଗିଥିଲା। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୬,୫୦ ମିଟର ଥିବା ବେଳେ ଗତକାଲି ଠାରୁ ଏହାର ଜଳସ୍ତର କ୍ରମାଗତ ଭାବେ ବଢ଼ି ଆଜି ଦିନ ୧୧ଟା ସୁଦ୍ଧା ଏହା ୬.୭୯ରେ ପହଞ୍ଚିବା ସହିତ ବିପଦ ସଂକେତ ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଥିଲା। ଫଳରେ ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା, ମୋରଡା, ତିତ୍ରଡା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବଢ଼ିବାରେ ଲାଗିଥିବାରୁ ଜଳକା ନଦୀର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପଟେ ବୁଢ଼ାବଳଙ୍ଗରେ ଏହି ପାଣି ମାଡିଯିବା ଫଳରେ ସଦର ବ୍ଲକର ଶାସଙ୍ଗ ପଞ୍ଚାୟତର ୨୦୦ରୁ ଅଧିକ ଲୋକେ ପାଣିଘେରରେ ରହିଥିବା ଜଣାଯାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିବା ବେଳେ ଆବଶ୍ୟକ ପଡିଲେ ଲୋକମାନଙ୍କୁ ସ୍ଥାନାନ୍ତରିତ ମଧ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### ନକଲି ସୁନା ଇଟା...

ସୁନାଇଟା ଦେବ ବୋଲି ବିଷ୍ଣୁ ପ୍ରଲୋଭିତ କରିଥିଲା। ସୁନାଇଟା ଦେବା ପାଇଁ ସେ ତାଙ୍କୁ ବରହମପୁର ଥାନା ଅନ୍ତର୍ଗତ ତେଲିପାଳ ଅଞ୍ଚଳକୁ ଡକାଇଥିଲା। ୧୬ ଲକ୍ଷ ଟଙ୍କାରେ ମୂଲଚାଲ ଛିଡ଼ିଥିଲା। କିନ୍ତୁ ସୁନାଇଟା ଦେବା ପରିବର୍ତ୍ତେ ବିଷ୍ଣୁ ଓ ତା'ର ସହଯୋଗୀମାନେ ସେଠାରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲେ। ଜୀବନ ବିକଳରେ କୃଷ୍ଣ ସେଠାରୁ ଦୌଡ଼ି ପଳାଇଥିଲେ। ପରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂପର୍କରେ ସେ ୧ ତାରିଖରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ୧୧୨/୨୫ରେ ଏକ ମାମଲା ରୁଜୁ କରିଥିଲା। ପୁଲିସ୍ ଏହାର ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ବିଷ୍ଣୁକୁ ଗିରଫ କରିବା ପରେ ରାକେଟ୍‌ର ପର୍ଦ୍ଦାଫାସ ହୋଇଥିଲା। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଓ ବରହମପୁର ଆଇଆଇସି ପ୍ରେମଦା ନାୟକ ମିଳିତ ଭାବେ ଚଢ଼ଉ କରି ବିଷ୍ଣୁର ଘରୁ ନକଲି ସୁନା ଇଟା ସହ ନଗଦ ୩ଲକ୍ଷ ଟଙ୍କା ଜବତ କରିଥିଲେ। ପରେ ତା' ସୂଚନା ଆଧାରରେ କେନ୍ଦ୍ରାପଡ଼ା ଅଞ୍ଚଳର ମୁନାକୁ ଗିରଫ କରାଯାଇଥିଲା। ତା'ଠାରୁ ପୁଲିସ୍ ୧୧ହଜାର ଟଙ୍କା ଜବତ କରିଥିଲା। ସେହିପରି ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଜଣେ ଯୁବକ ଏବଂ ନୀଳଗିରି ଥାନା ଅନ୍ତର୍ଗତ ଧୋବଶିଳା ଗ୍ରାମର ନଳିନୀ ମହାନ୍ତି ଓ ସାରୁପାଳ ଗ୍ରାମର ଆଶିଷ ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିଲା।


**AFFIDAVIT**

By virtue of an affidavit sworn before Excutive Magistrate, Soro on 02.09.2025 I, Manga Prasad Behera, S/o Hadibandhu Behera, At/ Po-Gud, Ps-Soro, Balasore, declare that I have changed my name from Mangala Prasad Behera to Manga Prasada Behera. Henceforth, I shall be known as **Manga Prasad Behera** for all purposes.

**AFFIDAVIT**

I, Prince Shah, aged about 25 years, S/o- Gudra Prasad Saha, resident of At- Ward No-21, Near Kala Talav, Ps-Jharsuguda, Dist-Jharsuguda, Odisha, Pin-768201 declare by this affidavit No.1807, dtd. 05.09.2025, that now onwards I shall be known as **PRINCE KUMAR SAHA** for all future purposes.

**AFFIDAVIT**

I, Bhagaban Natha, aged about 43 years, S/o- Late Bhabagrahi Nath, resident of At-Bhagabanpur, Kankadapal, Ps- Town, Dist- Dhenkanal, Odisha, Pin- 759013 declare by this affidavit No. 4996, dtd- 03/08/2023, that now onwards I shall be known as **BHAGABAN NATH** for all future purposes.

**DOCUMENT LOST**

I, **Prasnta Kumar Patra,** aged about 48 years, S/o Late Balabhadra Patra, resident of Somanath Nagar, 2nd lane, PS-B.Bazar, Dist- Ganjam, Odisha do hereby declare that, Original link document of Berhampur 1 registration office, (Mayuree Majestic Apartment) vide No. 1009/2010 which is purchased from J Venketeswar have been lost on 02.09.2025 while I was returning from Nimakhandi village to my home near Nimakhandi School in somewhere. If anyone finds it kindly contact to my address or my number: 9861222111.

**Prasnta Kumar Patra**

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCVSKP-RGDA NewDiv-OT115, ତା.30.08.2025ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ନିୟନ୍ତ୍ରଣ (Control) କାର୍ଯ୍ୟାଳୟ, ରାୟଗଡ଼ା ମଣ୍ଡଳର ଅସ୍ଥାୟୀ ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟାଳୟ ସହିତ ନୂତନ ରାୟଗଡ଼ା ମଣ୍ଡଳ ମୁଖ୍ୟାଳୟର ସଂସ୍ଥାପନ ସମ୍ବନ୍ଧୀୟ ଦୂରସଂଚାର କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,26,77,199.88, EMD : ₹ 6,13,400/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.22.09.2025ରିଖ 1530 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ସଙ୍କେତ ଏବଂ ଦୂରସଂଚାର ଯନ୍ତ୍ରୀ, (ନିର୍ମାଣ)/କୋରାପୁଟ

PR-98/CI/25-26

Infosys Navigate your next | SGI Sustainable Green Initiative Foundation | INFINITE SOLUTIONS | Gold Standard Climate Security & Sustainable Development

**ଖବରକାଗଜ ବିଜ୍ଞାପନ**

ଇନଫୋସିସ୍ ଲିମିଟେଡ୍, ସସ୍ଟେନେବଲ୍ ଗ୍ରିନ୍ ଇନିସିଆଟିଭ୍ (SGI) ଫାଉଣ୍ଡେସନ୍ ସହିତ ସହଯୋଗରେ ଏବଂ କାର୍ବନ୍ ପରାମର୍ଶଦାତା *ଇନଫିନିଟ୍ ଇନଭାଇରନମେଣ୍ଟାଲ୍ ସୋଲୁସନ୍ସ ଲିମିଟେଡ୍‌ଙ୍କ* ପ୍ରାୟୋଗିକ ସହାୟତାରେ, "ଭାରତରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23373) ଶୀର୍ଷକରେ ଗୋଟିଏ କାର୍ଯ୍ୟକ୍ରମ (PoA) ଗଠନର ପ୍ରସ୍ତାବ ରଖିଛି।

ଏହି PoA ଅଧୀନରେ, "ଓଡ଼ିଶାରେ ଜୀବିକା ଏବଂ ଜଳବାୟୁ ସହନଶୀଳତା ପାଇଁ କୃଷିବନୀକରଣ: ଇନଫୋସିସ୍ ଏବଂ SGI ଫାଉଣ୍ଡେସନ୍‌ର ସଂଯୁକ୍ତ ପ୍ରୟାସ" (GS23374) ନାମରେ ଗୋଟିଏ ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ (VPA), ଲକ୍ଷ୍ୟଭିତ୍ତିକ କୃଷିବନୀକରଣ ଚାଷିବାଡ଼ି ପ୍ରତିଷ୍ଠାପନା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟାନ୍ୱିତ କରାଯିବ। ଏହି ପ୍ରକଳ୍ପଟି ଗୋଲ୍ଡ ଷ୍ଟାଣ୍ଡାର୍ଡ ପ୍ରାଟିକାଳାରେ ସ୍ୱଇଚ୍ଛିକ କାର୍ବନ୍ ପ୍ରକଳ୍ପ ଭାବେ ନିବନ୍ଧିତ କରାଯିବାକୁ ଉଦ୍ଦିଷ୍ଟ।

ଏହି ପ୍ରୟାସଟି ବହୁ ସସ୍ଟେନେବଲ୍ ଡେଭଲପମେଣ୍ଟ ଗୋଲ୍ (SDGs) ପ୍ରାପ୍ତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବାକୁ ଆଶା କରାଯାଉଛି। ଗୋଲ୍ଡ ଷ୍ଟାଣ୍ଡାର୍ଡ ନୀତିମାଳା ଅନୁସାରେ ଏବଂ ପ୍ରକଳ୍ପର ଦୀର୍ଘମିୟାଦୀ ସଫଳତା ସୁନିଶ୍ଚିତ କରିବାରେ ସ୍ଥାନୀୟ କୃଷକ ସମ୍ପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି, ତାଙ୍କର ମତାମତ ସଂଗ୍ରହ କରିବା ଏବଂ ବର୍ତ୍ତମାନର ସ୍ୱଇଚ୍ଛିକ ପ୍ରକଳ୍ପ କାର୍ଯ୍ୟକଳାପ ସହିତ ସମ୍ପର୍କିତ କୌଣସି ଚିନ୍ତା ବିଷୟରେ ସ୍ୱଷ୍ଟତା ପ୍ରଦାନ କରିବା ଅତ୍ୟନ୍ତ ଆବଶ୍ୟକ।

ସେହିପାଇଁ, ସାର୍ବଜନୀନ ପରାମର୍ଶ (ସାର୍ବଜନୀନ ସଭା) ପାଇଁ ନିମ୍ନଲିଖିତ କାର୍ଯ୍ୟସୂଚୀ ଘୋଷଣା କରାଯାଉଛି —

ସଭାର ବିବରଣୀ:

1. ସ୍ଥାନ: କ୍ଷତ୍ରିୟ ସମାଜ ଭବନ, ୱାର୍ଡ୍ ନଂ-1, ଖରିଆର ସ୍ୱାୟତ୍ତଶାସିତ କଲେଜ୍ ସାମ୍ନାରେ, ରାଜଖରିଆର, ନୂଆପଡ଼ା, ଓଡ଼ିଶା, ଭାରତ
2. ତାରିଖ: ୦୬/୧୦/୨୦୨୫
3. ସମୟ: ପୂର୍ବାହ୍ଣ ୧୧:୦୦

ସମସ୍ତ ସମ୍ପର୍କିତ କୃଷକମାନେ ଏବଂ ସ୍ଥାନୀୟ ଲୋକମାନଙ୍କୁ ସଭାରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଉଛି।

ପ୍ରକଳ୍ପ କାର୍ଯ୍ୟକଳାପ ବିଷୟରେ ଅଧିକ ସୂଚନା କିମ୍ବା ସ୍ୱଷ୍ଟତା ପାଇଁ, ନିମ୍ନୋଲ୍ଲେଖିତ ଆମର ପ୍ରତିନିଧିଙ୍କ ସହିତ ସଂଯୋଗ ସ୍ଥାପନ କରନ୍ତୁ। ଯେଉଁମାନେ ବ୍ୟକ୍ତିଗତଭାବେ ସଭାରେ ଯୋଗଦେଇପାରିବେ ନାହିଁ, ସେମାନେ ତାଙ୍କର ସୂଚନା, ପ୍ରସ୍ତାବ କିମ୍ବା ଚିନ୍ତାବୋଧଗୁଡ଼ିକୁ ନିମ୍ନୋଲ୍ଲେଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।

ଯୋଗାଯୋଗ ବିବରଣୀ:
ନାମ: ଶ୍ରୀଦୁର୍ଗେଶ୍ ରତୁରୀ
ସଂସ୍ଥା:SGIFoundation
ଇ-ମେଲ୍:info@sgi.foundation
ଫୋନ୍: +91 917848969985

## ହନୁମାନ ମନ୍ଦିରରେ ଜଳସଂକଟ

ଖିଚିଂ, ୫।୯(ସମିସ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଐତିହାସିକ ଓ ଆଧ୍ୟାତ୍ମିକ ପୀଠ ଖିଚିଂଠାରୁ ମାତ୍ର ୩ କିମି ଦୂରରେ ରହିଛି ଶିଳ୍ପୀଗ୍ରାମ କେଶନା। ଆଜକୁ ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ବଜରଙ୍ଗ କମିଟି ଓ ଗ୍ରାମବାସୀଙ୍କ ସହାୟତାରେ ଗ୍ରାମ ଛକର ଅନତି ଦୂରରେ ନିର୍ମିତ ହୋଇଛି ସଙ୍କଟମୋଚନ ହନୁମାନଙ୍କ ଭବ୍ୟ ମନ୍ଦିର। ସେହିଦିନଠାରୁ ପ୍ରତ୍ୟହ ଶ୍ରୀ ହନୁମାନଙ୍କ ପୂଜାର୍ଚ୍ଚନା ସହିତ ବିଭିନ୍ନ ସମୟରେ ହେଉଥିବା ପାର୍ବଣ ଓ ମହୋତ୍ସବ ପାଳିତ ହୋଇଆସୁଛି; କିନ୍ତୁ ମନ୍ଦିର ପରିସରରେ ନଳକୂପ ନ ଥିବାରୁ ପୂଜକ ଏବଂ ଶ୍ରଦ୍ଧାଳୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଗ୍ରହଙ୍କୁ ସ୍ନାନ କରାଇବା ପାଇଁ ପୂଜକ ଅନେକ ଦୂରରୁ ସାଇକଲରେ ପାଣି ଆଣିବାକୁ ପଡୁଛି। ତେଣୁ ସରପଞ୍ଚ ତଥା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ କମିଟି ତରଫରୁ ରାଜେନ୍ଦ୍ର ମନ୍ତ୍ରୀ, ଅଜିତ ଘଡ଼ାଇ, ସମ୍ବିତ ଘଡ଼ାଇ, ଅଭୟ ବେହେରା, ରୁଦ୍ର ମନ୍ତ୍ରୀ, କେଦାର ବେହେରା, ସୌମ୍ୟ ମନ୍ତ୍ରୀ, ଯଶୋବନ୍ତ ଘଡ଼ାଇ, ଶତ୍ରୁଜିତ ଘଡ଼ାଇ ପ୍ରମୁଖ ଦାବି କରିଛନ୍ତି।

### ବେତନଟୀ ନୂଆ ବସ୍‌ଷ୍ଟାଣ୍ଡକୁ ପ୍ରବେଶ କରୁନି ସରକାରୀ ବସ୍

# ଅଣଓସାରିଆ ରାସ୍ତା ବାଧକ; ଯାତ୍ରୀ ହନ୍ତସନ୍ତ

ବେତନଟୀ, ୫।୯(ସମିସ): ବେତନଟୀସ୍ଥିତ ୧୮ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ନିର୍ମାଣ ହୋଇଛି ନୂତନ ସରକାରୀ ବସ୍‌ଷ୍ଟାଣ୍ଡ। ଏହା ଲୋକାର୍ପଣ ଉତ୍ସବ ହେବାର ୧୮ ମାସ ବିତିଯାଇଥିଲେ ହେଁ ଆଜିଯାଏ କେବଳ ଲକ୍ଷ୍ମୀବସ ପ୍ରବେଶ କରୁଛି; କିନ୍ତୁ ଅନ୍ୟ କୌଣସି ସରକାରୀ ପ୍ରବେଶ କରୁନାହିଁ। ଅଣ ଓସାରିଆ ଆପ୍ରଚ ରୋଡ଼ ପାଇଁ ବସଗୁଡିକ ପ୍ରବେଶ ଓ ବାହାରିବା ସମସ୍ୟା ହେଉଛି। ଫଳରେ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କୌଣସି ଘରୋଇ ବସ୍ ମଧ୍ୟ ପ୍ରବେଶ କରୁନାହିଁ। ରାଜ୍ୟ ପରିବହନ ନିଗମର ୩ଟି ସରକାରୀ ବସ୍ ବେତନଟୀ ରାସ୍ତା ଦେଇ ପୁରୀ, ଭୁବନେଶ୍ୱର, ରାଉରକେଲାକୁ ଯାତାୟାତ କରୁଛି; କିନ୍ତୁ ବେତନଟୀ ନୂଆ ବସଷ୍ଟାଣ୍ଡକୁ ପ୍ରବେଶ କରୁନାହିଁ। ଏ ନେଇ ଯାତ୍ରୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ଦୀର୍ଘ ୫୦ବର୍ଷରୁ ଊର୍ଦ୍ଧ୍ୱ ହେଲା ବେତନଟୀ ଠାରେ ଅସ୍ଥାୟୀ ବସଷ୍ଟାଣ୍ଡ ଚାଲୁଥିଲା। ତେବେ ଦୀର୍ଘଦିନର ଦାବି ପରେ ନୂତନ ସରକାରୀ ବସଷ୍ଟାଣ୍ଡ ନିର୍ମାଣ ହେଲା। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବଙ୍ଗଳାଛକ ନିକଟରେ ୨୦୨୩ ମସିହାରେ ଲୋକାର୍ପଣ କରାଯାଇଛି। ଯାତ୍ରୀଙ୍କୁ ପୂର୍ବ ଭଳି ୧୮ ନମ୍ବର ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଖରାବର୍ଷାରେ ଠିଆ ହେବାକୁ ପଡୁଛି। ଯାତ୍ରୀମାନଙ୍କ ପାଇଁ ବିଶ୍ରାମଗୃହ, ଶୌଚାଳୟ, ପାନୀୟଜଳ ସୁବିଧାରୁ ଯାତ୍ରୀ ବଞ୍ଚିତ ହେଉଛନ୍ତି। ଏହି ରାସ୍ତା ଦେଇ ପ୍ରତିଦିନ ମୟୂରଭଞ୍ଜ ଜିଲ୍ଲାର ସମଗ୍ର ଅଞ୍ଚଳକୁ ବସ ଯାଉଥିବା ବେଳେ ବାଲେଶ୍ୱର, ଭୁବନେଶ୍ୱର, ପୁରୀ, ରାଉରକେଲା, କେନ୍ଦୁଝର ଝାରସୁଗୁଡା, ସମ୍ବଲପୁର ଏବଂ ଅନୁଗୁଳ ଆଦି ସ୍ଥାନକୁ ଯିବା ଆସିବା ପାଇଁ ଯାତ୍ରୀମାନେ ପ୍ରତିଦିନ ରାତି ୩ ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି। ଏହିସବୁ ବସଗୁଡିକ ଜାତୀୟ ରାଜପଥର ଅଣଓସାରିଆ ସଂଯୋଗୀ ରାସ୍ତାରେ ରହୁଥିବାରୁ ଟ୍ରାଫିକ ସମସ୍ୟାରେ ବାଧା ସୃଷ୍ଟି ହେଉଛି। ଏ ନେଇ ମୟୂରଭଞ୍ଜ ବସ ସିଣ୍ଡିକେଟର ସଦସ୍ୟ ପ୍ରକାଶ କୁମାର ବେହେରାଙ୍କୁ ପଚାରିବାରୁ ୧୮ ନମ୍ବର ଜାତୀୟ ରାଜପଥର ବେତନଟୀ ଥାନା ଛକ ଗୋଲାପୋଲଠାରୁ ନୂତନ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଗୋଟିଏ ପଥରେ ବସ ପ୍ରବେଶ ଓ ଅନ୍ୟ ପଥରେ ବସ ବାହାରିବା ପାଇଁ ଆପ୍ରଚ ରୋଡ଼ ନିର୍ମାଣ ହେଲେ ଏହି ପ୍ରତିବନ୍ଧକ ଦୂର ହୋଇପାରିବ। ବସଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ଏହି ଆପ୍ରୋଚରୋଡ଼ ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ଥିଲା। ଆପ୍ରୋଚ ରୋଡ଼ ହେବା ପାଇଁ ଯଥେଷ୍ଟ ସରକାରୀ ଜାଗା ରହିଛି ବୋଲି ସେ କହିଛନ୍ତି।




## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ମୋରଡ଼ା, ୫।୯(ସମିସ): ଚିତ୍ରଡା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ବୁଧବାର ଉଦଯାପିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡାଅଧିକାରୀ ସୁଭାଶିଷ ନାୟକ, ମୁଖ୍ୟବକ୍ତା ଭାବେ ମୋରଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାଣିଗ୍ରାହୀ, କ୍ରୀଡା ଶିକ୍ଷକ ଶୋଭାକାର ମହାନ୍ତ ଏବଂ ନୋଡାଲ କ୍ରୀଡା ଶିକ୍ଷକ ସୁନୀଲ କୁମାର ମହାନ୍ତ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। କବାଡି, ଖୋ-ଖୋ, ଏବଂ ଫୁଟବଲ ଖେଳରେ ୬୧ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଶିକ୍ଷକ ଅରୁଣ କୁମାର ଦେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକର୍ମୀଙ୍କ ଘରୁ ଟଙ୍କା, ଅଳଙ୍କାର ଚୋରି

କୁଆମରା, ୫।୯(ସମିସ): ଖୁଣ୍ଟା ଥାନା କୁଆମରା ଗ୍ରାମର ସ୍ୱାସ୍ଥ୍ୟ କର୍ମୀ ସଞ୍ଜିବ କୁମାର ଜେନାଙ୍କ ଘରେ ଦୁର୍ବୃତ୍ତମାନେ ତାଲା କାଟି ଅଳଙ୍କାର ଓ କିଛି ନଗଦ ଅର୍ଥ ଚୋରି କରି ନେଇଥିବା କୁଆମରା ଫାଣ୍ଡିରେ ଅଭିଯୋଗ ହୋଇଛି। ଶ୍ରୀ ଜେନା ତାଙ୍କ ପରିବାର ସହ ମା'ଙ୍କୁ ନେଇ ୧୯ ତାରିଖରେ ବାରିପଦା ଏବଂ ପରେ ଭୁବନେଶ୍ୱର ଯାଇଥିଲେ। ଗତକାଲି ରାତିରେ ଫେରିବା ପରେ ଘରେ ତାଲା କାଟି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। କୁଆମରା ଫାଣ୍ଡି ଅଧିକାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



## ୩ ବର୍ଷ ପରେ ବି ନିର୍ମାଣ ସରୁନି ଓଭରହେଡ୍ ଟାଙ୍କି

ବେତନଟୀ, ୫।୯(ସମିସ): ବେତନଟୀ ବ୍ଲକ ଆମ୍ବଗଡ଼ିଆ ଗ୍ରାମ ପଞ୍ଚାୟତର ପୁରୁଣା ପାଣି ଗ୍ରାମରେ ୩ ବର୍ଷ ଧରି ଚାଲିଥିବା ଏକ ଓଭରହେଡ୍ ପାଣିଟାଙ୍କିର ନିର୍ମାଣ ଶେଷ ହେଉନାହିଁ। ଫଳରେ ଲୋକେ ପାଣି ପାଇଁ ନାନା ହନ୍ତସନ୍ତ ହେଉଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ପ୍ରାୟ ୩ ବର୍ଷ ହେବ ବସୁଧା ଯୋଜନାରେ ଏକ ଓଭରହେଡ୍ ପାଣି ଟାଙ୍କିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଫଳରେ ଗାଁରେ ପାଣି ପାଇଁ ଲୋକମାନେ ବହୁତ୍ ହଇରାଣ ହରକତ ହେଉଛନ୍ତି। ଗାଁରେ କେବଳ ଗୋଟିଏ ସୌର ଚାଳିତ ନଳକୂପ ରହିଛି; ଯାହା ଚାହିଦା ପୂରଣ କରିପାରୁନାହିଁ। ଦୀର୍ଘ ୩ ବର୍ଷ ହେଲା ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ କାହାର ଅବହେଳା ଯୋଗୁଁ ଟାଙ୍କି ନିର୍ମାଣ ସରୁନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଗାଁରେ ଆଦିବାସୀ ହରିଜନ ଲୋକ ବସବାସ କରୁଥିବାରୁ ପାଣି ପାଇଁ ବହୁ ହଇରାଣ ହରକତ ହେଉଛନ୍ତି। ଏହି ସମସ୍ୟା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନେ କୌଣସି ଉତ୍ତର ରଖିବାକୁ ମନା କରୁଛନ୍ତି। ବିଭାଗୀୟ ଅଧିକାରୀ କହିଛନ୍ତି ଯେ ନିର୍ମାଣ କାର୍ଯ୍ୟରେ ମିସ୍ତ୍ରି ଏବଂ ଶ୍ରମିକ ଅଭାବ ଏବଂ କାର୍ଯ୍ୟକର୍ତ୍ତାଙ୍କ ଅସତର୍କତା ଯୋଗୁଁ ପ୍ରକଳ୍ପ ବିଳମ୍ବିତ ହୋଇଛି। କିନ୍ତୁ ଗ୍ରାମବାସୀ ସରକାରଙ୍କୁ ତୁରନ୍ତ ହସ୍ତକ୍ଷେପ କରି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ସହ ଅତିରିକ୍ତ ପାଣି ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

## ୧୮ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବହଳଦା, ୫।୯(ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ସେପ୍ଟେମ୍ବର ୨୦୨୪ରୁ ଜୁଲାଇ ୨୦୨୫ ମଧ୍ୟରେ ଅବସର ନେଇଥିବା ୧୮ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବହଳଦା ଗୋଷ୍ଠୀ ଶିକ୍ଷାଧିକାରୀ ଶୁଭଶ୍ରୀ ସିଂହ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ (କୁଳିଅଣା) ଶ୍ୟାମାଶଙ୍କର ତ୍ରିପାଠି ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବହଳଦା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯଥା ଦେବେନ୍ଦ୍ରନାଥ ସାହୁ ଏବଂ ସୁଜାତା କର ମହାପାତ୍ର ଉପସ୍ଥିତ ଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀ ଗୋଓ୍ୱାଲା (ତିଖିଆ ୟୁପି ସ୍କୁଲ), ମାଇନୋ ମାଣ୍ଡି (ମଝିଗାଁ, ୟୁପି ସ୍କୁଲ), ରାମଚରଣ ମୁର୍ମୁ (ସୁରୁଦା, ୟୁପି ସ୍କୁଲ), ଶ୍ୟାମସୁନ୍ଦର ମାଣ୍ଡି (ମଝିଗାଁ, ୟୁପି ସ୍କୁଲ), ରାସବିହାରୀ ମହାନ୍ତ (କେନ୍ଦୁଆ, ୟୁପି ସ୍କୁଲ), ସମେଶ୍ୱରୀ କାରୁଆ (କାଙ୍କି, ୟୁପି ସ୍କୁଲ), କୃପାସିନ୍ଧୁ ପାତ୍ର (ୟୁପି ସ୍କୁଲ, ସୋନାପୋଷି), ବନମାଳୀ ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବୁରୁପଳସା), ଦୀନବନ୍ଧୁ ସାହୁ (ପ୍ରାଥମିକ ବିଦ୍ୟାଳୟ, ନିମଡିହି), ବିନୋଦିନୀ ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବାଗଡ଼େଗା), ନକୁଳଚନ୍ଦ୍ର ମହାନ୍ତ (ପ୍ରାଥମିକ ବିଦ୍ୟାଳୟ, ବିକ୍ରମପୁର), କୌଶଲ୍ୟା ମୁଣ୍ଡାରୀ (ପ୍ରାଥମିକ ବିଦ୍ୟାଳୟ, ସିଜୁକଳା), ନଳିନ କୁମାର (ୟୁପି ସ୍କୁଲ, କାଙ୍କି), କନକଲତା ମାଣ୍ଡି (ପ୍ରାଥମିକ ସ୍କୁଲ, ସାପଘେରା), ଶରତଚନ୍ଦ୍ର ମହାନ୍ତ (ୟୁପି ସ୍କୁଲ, ବଡକେଡମ), ଦ୍ୱିଜଲାଲ ମହାନ୍ତ (ପ୍ରାଥମିକ ସ୍କୁଲ, ବାଗେଡ଼ିହି), ଜୁରିଲାଲ ମହାନ୍ତ (ୟୁପି ସ୍କୁଲ, କାଦୁଆଣି) ଏବଂ ବୁଦ୍ଧେଶ୍ୱର ମହାନ୍ତ (ୟୁପି ସ୍କୁଲ, ତିଖିଆ)ଙ୍କୁ ମାନପତ୍ର, ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶିବ ନନ୍ଦନ ମହାନ୍ତ, ସମ୍ପାଦକ ସଞ୍ଜୟ କୁମାର ମହାନ୍ତ ଏବଂ କୋଷାଧ୍ୟକ୍ଷ ଶାନ୍ତନୁ କୁମାର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପେନ୍ଦ୍ର ନାଥ ବାରିକ ଧନବାଦ ଅର୍ପଣ କରିଥିଲେ।



## 'ମାସା' ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର



ରାଇରଙ୍ଗପୁର, ୫।୯(ସମିସ): ସାମାଜିକ ଅନୁଷ୍ଠାନ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଘ (ମାସା) ପକ୍ଷରୁ ବାମନଘାଟୀ ଉପଖଣ୍ଡ ଉପଜିଲ୍ଲାପାଳଙ୍କୁ ବିଭିନ୍ନ ସମସ୍ୟା ଦେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଇରଙ୍ଗପୁର କଲେଜରେ ପଢୁଥିବା ଛାତ୍ର ଓ ମାସା ସଂଗଠନର କର୍ମକର୍ତ୍ତା ଉପଜିଲ୍ଲାପାଳଙ୍କୁ ସାକ୍ଷାତ କରିଥିଲେ। ରାଇରଙ୍ଗପୁର କଲେଜରେ ୟୁଜିସି ବଏଜ୍ ଛାତ୍ରାବାସରେ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ସମସ୍ତ ବିଦ୍ୟାର୍ଥୀ ରହନ୍ତି। କଲେଜ ଅଧ୍ୟକ୍ଷଙ୍କ କହିବା ଅନୁସାରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ ସେହି ୟୁଜିସି ଛାତ୍ରାବାସରେ ଏକ ଦକ୍ଷତା ବିକାଶ କେନ୍ଦ୍ର ଏକ ବର୍ଷ ପାଇଁ ପ୍ରତିଷ୍ଠା କରାଯିବ। ଯଦ୍ଦ୍ୱାରା ସେଠାରେ ରହୁଥିବା ଛାତ୍ରମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ଗତବର୍ଷଠାରୁ ଛାତ୍ରଛାତ୍ରୀଙ୍କ ସିଟ୍ ସଂଖ୍ୟା ବୃଦ୍ଧି ହେଇଛି। ସେହି ଅନୁପାତରେ ଏ ଯାଏ ଛାତ୍ରାବାସରେ ସିଟ୍ ବୃଦ୍ଧି କରାଯାଇନାହିଁ। ଚଳିତ ବର୍ଷ ଛାତ୍ରାବାସରେ ଆଡମିଶନ ନିମନ୍ତେ କୌଣସି ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇନାହିଁ। ଏଣୁ ୟୁଜିସି ଛାତ୍ରାବାସରେ ହେବାକୁ ଥିବା ଦକ୍ଷତା ବିକାଶ କେନ୍ଦ୍ରକୁ ରଦ୍ଦ କରିବା ସହିତ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି କରିଛନ୍ତି। ବାମନଘାଟୀ ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ରାମ ମୁର୍ମୁ, ବାମନଘାଟୀ ଉପସଭାପତି ପିଥ ସୋରେନ, ଯୁକ୍ତ ତିନି ଛାତ୍ର ସୁନାରାମ ହେମ୍ବ୍ରମ, ରାମଦାସ ସୋରେନ ତଥା ମାସା ସଂଗଠନର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଆଦିବାସୀ ସ୍ୱଶାସନ ବ୍ୟବସ୍ଥାରେ ସୁଧାର ପାଇଁ ଦାବିପତ୍ର


## ବିକାଶ ଓ ସମାନତାକୁ ମାନନ୍ତି ନାହିଁ ମାଝୀ ପାର୍ଗାନା

ବାରିପଦା/ଖୁଣ୍ଟା, ୫।୯(ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଖୁଣ୍ଟା ବ୍ଲକ କମିଟି ପକ୍ଷରୁ ବିଡିଓ ଏବଂ ଥାନା ଅଧିକାରୀ ଖୁଣ୍ଟାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ସମାଜରେ ପ୍ରଚଳିତ ସ୍ୱ-ଶାସନ ବ୍ୟବସ୍ଥା, ବିଶେଷକରି ସାନ୍ତାଳ ସମାଜରେ ପ୍ରଚଳିତ ବ୍ୟବସ୍ଥା, ସ୍ୱ-ଶାସନ ଯାଗାରେ ସ୍ୱ-ଶୋଷଣର ପ୍ରତୀକ ପାଲଟିଛି। ଏହା ଏବେ ଗୁଣ୍ଡାଗିରି ଏବଂ ସ୍ୱେଚ୍ଛାଚାରିତାର ଏକଛତ୍ରବାଦୀ ରୂପ ନେଇଛି। ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥାଟି ସମ୍ବିଧାନ ଏବଂ ଗଣତନ୍ତ୍ରର ବିରୋଧୀ। ଏହି ବ୍ୟବସ୍ଥାଟି ବଂଶବାଦୀ।ଏବଂ ମାଝୀ-ପାର୍ଗନାର ଅଧିକାଂଶ ଗ୍ରାମ ମୁଖ୍ୟମାନେ ନିରକ୍ଷର, ମଦ୍ୟପ ଏବଂ ଅଶିକ୍ଷିତ। ସେମାନେ ଦେଶ ଏବଂ ଦୁନିଆ ବିଷୟରେ ଅଜ୍ଞ। ସେମାନେ ଗାଁର ସମସ୍ତ ଲୋକଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାର ଅନୁପସ୍ଥିତିରେ ଗାଁରେ ଉପଲବ୍ଧ ଶିକ୍ଷିତ ଲୋକ ଏବଂ ମହିଳା ଅଂଶଗ୍ରହଣ କରିବାର ସୁଯୋଗ ପାଆନ୍ତି ନାହିଁ। ସାମାଜିକ ବହିଷ୍କାରର ଧମକ ଯୋଗୁଁ ବାକି ଲୋକମାନେ ଗୁଲାମୀର ଜୀବନଯାପନ କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ସମସ୍ତଙ୍କ ପାଇଁ ବିକାଶ ଏବଂ ସମାନତା ପାଇଁ ମାଝୀ-ପାର୍ଗାନା ବ୍ୟବସ୍ଥାକୁ ଅବିଳମ୍ବେ ଜନତାନ୍ତ୍ରିକୀକରଣ କରାଯିବା ପାଇଁ ଦାବି କରାଯାଇଛି। ମାଝୀ-ପାର୍ଗନା ବ୍ୟବସ୍ଥାର ମୁଖ୍ୟମାନେ ସମ୍ବିଧାନ, ଆଇନ ଏବଂ ମାନବାଧିକାରକୁ ମାନନ୍ତି ନାହିଁ। ଏହି ବ୍ୟବସ୍ଥାର ବାହକମାନେ ହିଁ ଅନ୍ଧବିଶ୍ୱାସ, ମଦ୍ୟପାନ, ଜରିମାନା, ସାମାଜିକ ବହିଷ୍କାର, ଡାହାଣୀ ହତ୍ୟା, ପ୍ରତାରଣା, ଭୋଟ କିଣାବିକା, ମହିଳା ବିରୋଧୀ ମାନସିକତା, ଈର୍ଷା, ଘୃଣା ଇତ୍ୟାଦିକୁ ଦୂର କରିବା ପରିବର୍ତ୍ତେ ସେମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଏହା ମର୍ଯ୍ୟାଦା ଏବଂ ସମାନତାର ସହିତ ବଞ୍ଚିବାର ସାମ୍ବିଧାନିକ ଅଧିକାରକୁ ଉଲ୍ଲଂଘନ କରିଚାଲିଛି। ତେଣୁ ପ୍ରତ୍ୟେକ ଆଦିବାସୀ ଗ୍ରାମର ନାଗରିକଙ୍କୁ ଏହି ଅପରାଧ ଏବଂ ହିଂସାରୁ ଅବିଳମ୍ବେ ମୁକ୍ତ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।



ତେଣୁ ଜିଲ୍ଲା ପୁଲିସ-ପ୍ରଶାସନ ଏହାକୁ ତୁରନ୍ତ ତଦନ୍ତ କରି ବନ୍ଦ କରିବା ଆବଶ୍ୟକ ବୋଲି ଆଦିବାସୀ ସେଙ୍ଗେଲ ଅଭିଯାନ ଦାବି କରିଛି। ଦାବିପତ୍ର ଦେବା ସମୟରେ କପ୍ତିପଦା ଉପଖଣ୍ଡ କମିଟିର ସେଙ୍ଗେଲ ପାର୍ଗାନା ଉଦୟନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ନୀଳରତ୍ନ ରୁତମାର୍ଣ୍ଡି, ରାମଚନ୍ଦ୍ର ହେମ୍ବ୍ରମ, ବୁଧୁରାମ ଟୁଡୁ, ସୁଦର୍ଶନ ମାର୍ଣ୍ଡି, ରାମଚନ୍ଦ୍ର ସୋରେନ, ଧାନ ମୁର୍ମୁ, ଦ୍ରୌପଦୀ ସୋରେନ, କୁଇଲୁ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡଗାଁ-ମହୁଲତାଣ୍ଡି ରାସ୍ତା ଶୋଚନୀୟ



ବହଳଦା, ୫।୯ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ କାଙ୍କି ଗ୍ରାମପଞ୍ଚାୟତ ଝାଡଗାଁ ଗ୍ରାମର ପଡ଼ାଗ୍ରାମ ମହୁଲତାଣ୍ଡି ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଓ ସ୍କୁଲ ଛାତ୍ରଛାତ୍ରୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସାହିରେ ପାଖାପାଖି ୪୫ ପରିବାର ବସବାସ କରୁଥିବା ବେଳେ ଝାଡଗାଁ ପର୍ଯ୍ୟନ୍ତ ପାଖାପାଖି ଦେଢ କିମି କଚ୍ଚା ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ବର୍ଷା ଋତୁରେ ରାସ୍ତା କାଦୁଅ ପଚପଚ ହୋଇଯାଇଛି। ଜରୁରୀ କାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଗାଁକୁ ପଶିପାରେ ନାହିଁ। ତେଣୁ ପକ୍କା ରାସ୍ତା ନିର୍ମାଣ କରାଯିବାକୁ ସାଧାରଣରେ ଦାବି ହେଉଛି।

## ମହିଳା କଲେଜରେ ସ୍ୱେଚ୍ଛାସେବୀଙ୍କ ପରିଚୟ କାର୍ଯ୍ୟକ୍ରମ




ବାରିପଦା, ୫।୯(ସମିସ): ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ନୂତନ ଭାବେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ଏକ ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର ଅଧିକାରିଣୀ ଯମୁନା ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରିଥିଲେ। ଅଧ୍ୟକ୍ଷା ଡ. ସାଗରିକା ସିଂହ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ କରିବା ସହିତ ମାନସିକ ତଥା ଶାରୀରିକ ବିକାଶ କିପରି ହୋଇଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥିରୂପେ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଡ. ଅନାମ ଚରଣ ରାଉଳ ସ୍ୱେଚ୍ଛାସେବୀମାନେ କିପରି ନିଜର ଦକ୍ଷତା ଜାତୀୟ ସ୍ତରରେ ପ୍ରତିଷ୍ଠା କରିପାରିବେ ସେ ନେଇ ବୁଝାଇଥିଲେ। ଶେଷରେ ସ୍ୱେଚ୍ଛାସେବୀ ଦେବସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା' ତାଲିମ ଶିବିର

ବାରିପଦା, ୫।୯(ସମିସ): ବାରିପଦା ଏମକେସି ଉଚ୍ଚ ବିଦ୍ୟାଳୟ ପରିସରରେ ୫ ଦିନିଆ ବ୍ଲକସ୍ତରୀୟ 'ନିଷ୍ଠା, ସମତା ଓ ଅନ୍ତର୍ନିବେଶୀ ଶିକ୍ଷା' ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାରିପଦା ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ ଉଦଘାଟନ କରିଥିବାବେଳେ ଜିଲ୍ଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକଙ୍କ ଦ୍ୱାରା ଉଦଯାପିତ ହୋଇଥିଲା। ଶିବିରରେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ ମୋଡ୍ୟୁଲ ଅନୁସାରେ ବଞ୍ଚିତ ବର୍ଗ/ଭିନ୍ନକ୍ଷମ ଶିକ୍ଷାର୍ଥୀଙ୍କ ଲାଗି ଭାରତୀୟ ସମ୍ବିଧାନ ଅନୁସାରେ ପ୍ରଣିତ ବିଭିନ୍ନ ନୀତିନିୟମ, ସମସ୍ତ ବର୍ଗର ଶିକ୍ଷାର୍ଥୀଙ୍କ ଲାଗି ଉପଯୁକ୍ତ ଭାବେ ପ୍ରଯୁଜ୍ୟ ହେଉଥିବା ବିଭିନ୍ନ ବିଷୟ ଭିତ୍ତିକ ନୂତନ ପାଠ ଯୋଜନା ପ୍ରସ୍ତୁତି, ବିଭିନ୍ନ ପ୍ରକାର ଭିନ୍ନକ୍ଷମଙ୍କ ଲକ୍ଷଣ, ବିଦ୍ୟାଳୟ ଓ ପାରିବାରିକ ପରିବେଶ ତଥା ଶିକ୍ଷା ଗ୍ରହଣ ସମୟରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ସମସ୍ତ ଶିକ୍ଷାର୍ଥୀଙ୍କ ସୁସ୍ଥ ନିରାମୟ ଜୀବନ ଯାପନ ଲାଗି ଅନୁକୂଳିତ ଯୋଗର ଆବଶ୍ୟକତା ଆଦି ଉପରେ ଆଲୋଚନା ହୋଇଥିଲା। ଶିବିରରେ ବାରିପଦା ବ୍ଲକର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଡକ୍ଟର ଅଭିମନ୍ୟୁ ସେଠୀ ଯୋଗ ଦେଇ ପ୍ରଶିକ୍ଷାର୍ଥୀଙ୍କ ତାଲିମର ବିଭିନ୍ନ ପ୍ରସଙ୍ଗ ଉପରେ ଅନେକ ଦିଗଦର୍ଶନ ଦେଇ ସମାଜର ପ୍ରତ୍ୟେକ ବର୍ଗର ଶିକ୍ଷାର୍ଥୀଙ୍କ ସମାଜର ସମସ୍ତଙ୍କ ସହିତ ସମତାର ସହ ବଞ୍ଚିବାର ଅଧିକାର ରହିଛି ବୋଲି ମତ ରଖିଥିଲେ। ଶିକ୍ଷକମାନଙ୍କୁ ସମାଜ ଗଠନ ଦିଗରେ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ୧୮୦ ଜଣ ଶିକ୍ଷକଙ୍କୁ ତାଲିମ ଦିଆଯାଇଥିଲା।



## କଂଗ୍ରେସର ସଂଗଠନ ସୃଜନ ଅଭିଯାନ



କରଞ୍ଜିଆ, ୫।୯(ସମିସ): ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ମୟୂରଭଞ୍ଜ ପଶ୍ଚିମାଞ୍ଚଳ ସାଙ୍ଗଠନିକ ଜିଲ୍ଲା ପାଇଁ ସଭାପତି ଅନ୍ୱେଷଣରେ ଆଜି କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏଆଇସିସି ଯୁଗ୍ମ ସମ୍ପାଦକ ନୀତିନ କୁମ୍ଭଲକାର କରଞ୍ଜିଆରେ ପହଞ୍ଚିଛନ୍ତି। ତାଙ୍କ ସହିତ କଂଗ୍ରେସ ପକ୍ଷରୁ ପର୍ଯ୍ୟବେକ୍ଷକଭାବେ ବନମାଳୀ ଦାସ ଓ ସଂଗ୍ରାମ ଦାସ ମଧ୍ୟ ଆସିଛନ୍ତି। ରାମବାଟୀକା ଠାରେ ଜିଲ୍ଲା ଅନ୍ତର୍ଗତ ରାଇରଙ୍ଗପୁର, ସାରସକଣା, ଯଶିପୁର ଓ କରଞ୍ଜିଆ ନିର୍ବାଚନମଣ୍ଡଳୀର ସମସ୍ତ ନେତା ଓ କର୍ମୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳକୁ ମଜଭୁତ କରିବା ଲକ୍ଷ୍ୟରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଦାୟିତ୍ୱରେ ଥିବା ଭୁବନ ବିହାରୀ ସାହୁ, ଶ୍ୟାମସୁନ୍ଦର ହାଁସଦା, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଶ୍ୟାମଚରଣ ହାଁସଦା, ପ୍ରଦେଶ କଂଗ୍ରେସ ସମ୍ପାଦକ ଲକ୍ଷ୍ମୀଧର ସିଂ, ରାଜ୍ୟ ମହିଳା କଂଗ୍ରେସ ଉପସଭାପତି ଜବାମଣି ଟୁଡୁ, ଜିଲ୍ଲା ମହିଳା କଂଗ୍ରେସର କାର୍ଯ୍ୟକାରୀ ସଭାନେତ୍ରୀ ଅଞ୍ଜଳି ସାମାଡ଼, ଶେଖ ଜାକିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ।

### ଉଦଳାକୁ ପୌର ପରିଷଦ ମାନ୍ୟତା ଦାବିରେ ସର୍ବଦଳୀୟ ବୈଠକ

# କ୍ରିୟାନୁଷ୍ଠାନ କମିଟି ଗଠନ ପାଇଁ ପ୍ରସ୍ତାବ ଗୃହୀତ

ଉଦଳା, ୫।୯(ସମିସ): ଉଦଳା ଏନ୍‌ଏସିକୁ ପୌର ପରିଷଦର ମାନ୍ୟତା ଦାବିରେ ଗୁରୁବାର ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଭାସ୍କର ମଡେଇଙ୍କ ପରାମର୍ଶ କ୍ରମେ ଉପଜିଲ୍ଲାପାଳ ପକ୍ଷରୁ ଏହି ବୈଠକ ହୋଇଥଲା। ବୈଠକରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନଏସି ଅଧ୍ୟକ୍ଷା ପ୍ରମିକା ପଣ୍ଡା, ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନୀ ଦାସ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦଳା ସମରଜିତ୍ କର, ଭୀମତାଳି, ବଡସିଙ୍ଗାରିଆ ଏବଂ ଖଲାଡିର ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ୱାର୍ଡସଭ୍ୟ ଏବଂ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଯଜ୍ଞନାରାୟଣ ମହାନ୍ତି, ପ୍ରଭାତ ପରିଡା, ବସନ୍ତ ପରିଡ଼ା, ରବିନ୍ ପଟ୍ଟନାୟକ, ନାରାୟଣ ପଟ୍ଟନାୟକ, ନିହାର ରଞ୍ଜନ ମୋଦୀ, କମଳ ଧଳ, ଶରତ ଦାସ, ବନମାଳୀ ବେହେରା, ଲକ୍ଷ୍ମଣ ନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ମଧ୍ୟ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବାବେଳେ ୫୩ ବର୍ଷରେ ପାଦ ଦେଇଥିବା ଉଦଳା ଏନଏସିକୁ ପୌରପାଳିକାର ମାନ୍ୟତା ନ ମିଳିବା ପରିତାପର ବିଷୟ ବୋଲି କହିଥିଲେ। ତେଣୁ ଏ ଦିଗରେ ସମସ୍ତେ ଏକଜୁଟ୍ ହୋଇ କାର୍ଯ୍ୟ କଲେ ନିଶ୍ଚିତ ସୁଫଳ ମିଳିବ। ଏଥିପାଇଁ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ପଞ୍ଚାୟତରେ ଗ୍ରାମସଭାର ଆୟୋଜନ, ସୀମା ନିର୍ଦ୍ଧାରଣ ଆଦି ଶୀଘ୍ର କରିବା ପାଇଁ ବିଡିଓ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାହୀ ଅଧିକାରୀ ପୌରପାଳିକାରେ ସାମିଲ ହେଲେ କ'ଣ ଲାଭ ମିଳିବ ସେ ନେଇ ଭିଡିଓ ପ୍ରଦର୍ଶିତ କରିଥିଲେ। ତେବେ ପୌର ପାଳିକା ଘୋଷଣା ଦିଗରେ ପ୍ରମୁଖ ସମସ୍ୟା ହେଉଛି ଜନସଂଖ୍ୟା ଏବଂ ସୀମା ନିର୍ଦ୍ଧାରଣ। ତେଣୁ ଦଳମତ ନିର୍ବିଶେଷରେ ଏଥିପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ବିଧାୟକ। ବୈଠକରେ ଉପସ୍ଥିତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ପୌରପାଳିକା ଗଠନ ସପକ୍ଷରେ ଦୃଢ ମତପୋଷଣ କରିବା ସହିତ ଏଥିପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଏବଂ ବୁଦ୍ଧିଜୀବିଙ୍କୁ ନେଇ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯିବା ପାଇଁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା।



## ହାତୀ ଆକ୍ରମଣରେ ଜଣେ ଗୁରୁତର

ଯୋଡ଼ା, ୫।୯ (ସମିସ): ଚମ୍ପୁଆ ରେଞ୍ଜ ବିଲେଇପଦା ବନାଞ୍ଚଳ ଅଧୀନସ୍ଥ ଠାକୁରାଣୀ ସଂରକ୍ଷିତ ହାଣ୍ଡିପାଣି ଜଙ୍ଗଲରେ ଶୁକ୍ରବାର ସକାଳୁ ଦନ୍ତା ହାତୀ ଆକ୍ରମଣରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଯୋଡ଼ା ବନେଇକଳା ବସ୍ତିର କରଣ ନାଏକ (୫୫)। କରଣ ଛେଳି ଚରେଇବା ପାଇଁ ଜଙ୍ଗଲକୁ ଯାଇଥିବା ବେଳେ ହଠାତ ହାତୀଟି ସମ୍ମୁଖରେ ଆସିଥିଲା। ହାତୀଟି ତାଙ୍କୁ ଗୁରୁତର ଭାବେ ସେଠାରେ ଦଳି ଦେଇ ଅନ୍ତବୁଜୁଲା ବାହାର କରି ଦେଇଥିଲା। ଉକ୍ତ ସମୟରେ ଜଙ୍ଗଲକୁ ଯାଇଥିବା ଅନ୍ୟ ବସ୍ତି ଲୋକ ତାଙ୍କୁ ଦେଖି ସଙ୍ଗେ ସଙ୍ଗେ ପରିବାରକୁ ଖବର ଦେଇଥିଲେ। ତାଙ୍କ ପୁଅ ଏବଂ ଭାଇ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦୁଝରକୁ ପଠେଇଥିଲେ। ସେଠାରୁ ଏସସିବି ମେଡିକାଲ କଟକକୁ ପଠାଇଥିବା ଜଣାପଡିଛି। ବନ ବିଭାଗ ଘଟଣାର ତଦନ୍ତ କରିଥିବା ବେଳେ ନିୟମାନୁଯାୟୀ, ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି କହିଛି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବେଲବାହାଲି/ରାମଚନ୍ଦ୍ରପୁର, ୫।୯ (ସମିସ): ବୈତରଣୀ ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀର ଅଞ୍ଜିରା ଘାଟଠାରେ ଆଜି ସକାଳୁ ଏକ ମୃତଦେହ ଭାସୁଥିଲା। ସ୍ଥାନୀୟ ଲୋକେ ଏନେଇ ପୁଲିସକୁ ଖବରଦେବା ପରେ ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ପାଣିରୁ ଉଦ୍ଧାର କରିଛି। ତେବେ ମୃତବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଅନ୍ୟପଟେ ଲଗାଣ ବର୍ଷା ଯୋଗୁଁ କୁସେଇ ଓ ବୈତରଣୀ ନଦୀରେ ଆସିଛି ବନ୍ୟାପାଣି। ସେଥିପାଇଁ ଉପରମୁଣ୍ଡରୁ ମୃତଦେହଟି ଭାସିଆସିଥିବାର ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ଶରୀର ପଚିସଡ଼ି ଯାଇଥିବାରୁ ପ୍ରାୟ ୩-୪ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଉଦ୍ଧାର ପରେ ମୃତବ୍ୟକ୍ତିଙ୍କ ପରିଚୟ ଖୋଜିବାସହ କେଉଁ କାରଣରୁ ତାଙ୍କ ମୃତ୍ୟୁ ଘଟିଲା ଓ ମୃତଦେହଟି ନଦୀରେ କିଭଳି ଭାସିଲା ତାକୁ ନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

## କଂଗ୍ରେସର ସୃଜନ ସଂଗଠନ ଅଭିଯାନ

ଚମ୍ପୁଆ,୫।୯ (ସମିସ): ଚମ୍ପୁଆ ନିର୍ବାଚନମଣ୍ଡଳୀସ୍ତରୀୟ ସାଂଗଠନିକ ସୃଜନ ଅଭିଯାନ ବୈଠକ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ତାମିଲନାଡୁ ବିଧାନସଭା ସଦସ୍ୟ ହସନ ମୌଲାନା, ସହପର୍ଯ୍ୟବେକ୍ଷକ ଭାବେ କଂଗ୍ରେସର ୱାର୍କିଂକମିଟି ସଦସ୍ୟା ତଥା ମୟୂରଭଞ୍ଜର ପୂର୍ବତନ ସାଂସଦ ସୁଶୀଳା ତିରିଆ, ଓଡିଶା ପ୍ରଦେଶ କଂଗ୍ରେସର ସୁରେଶ ଅଗ୍ରୱାଲ, ସଂଯୋଜକ ଭାବେ ସୁଦର୍ଶନ ଜେନା, କେନ୍ଦୁଝର ଜିଲ୍ଲା କଂଗ୍ରେସ ନେତ୍ରୀ ସଙ୍ଗିତା ସିଂ, ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ଏମ୍‌ଏଲ୍‌ଏ ସୁବର୍ଣ୍ଣ ନାଏକ, ଯଦୁମଣି ବାରିକ, ଗୁରୁବକ୍‌ସିଂ ଆଲୁଉଲିଆ ପ୍ରମୁଖ ଯୋଗ ଦେଇଥିଲେ। ଏହି ନେତୃବୃନ୍ଦ ସମସ୍ତ କର୍ମୀଙ୍କ ସହ ଆଲୋଚନା କରି ବ୍ଲକ ଓ ଜିଲ୍ଲା ସଭାପତି ଚୟନ କରିବେ। ଏହି ନିଷ୍ପତ୍ତି ହାଇକମାଣ୍ଡଙ୍କ ନିକଟକୁ ପଠାଯାଇ ଶେଷ ନିଷ୍ପତ୍ତି ନିଆଯିବ। କାର୍ଯ୍ୟକ୍ରମକୁ କଂଗ୍ରେସ ବ୍ଲକ ସଭାପତି ରଣଜିତ ବେହେରା ପରିଚାଳନା କରିଥିଲେ।

## ଦେଓଗାଁ-ରାମଚନ୍ଦ୍ରପୁର ରାସ୍ତାରେ ବର୍ଷା ପାଣି



ରାମଚନ୍ଦ୍ରପୁର, ୫।୯(ସମିସ): ଘସିପୁରା ବ୍ଲକ ଦେଓଗା-ରାମଚନ୍ଦ୍ରପୁର ରାସ୍ତାର ଗଣ୍ଡାନାଳ ଉପରେ ପୂର୍ତ୍ତ ବିଭାଗ ତରଫରୁ ନୂତନ ସେତୁ ନିର୍ମଣାକାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ତିନିବର୍ଷ ପରେ ବି ପୋଲ କାମ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡିରହିଛି। ଫଳରେ ପୁରୁଣା ପୋଲରେ ଲୋକମାନେ ଯାତାୟତ କରିଆସୁଛନ୍ତି। ରାଜ୍ୟରେ ଲଗାଣ ବର୍ଷା ଲାଗି ରହିଥିବାରୁ ସମଗ୍ର ବିଲବାଡ଼ି ଚାଷ ଜମି ନଦୀନାଳ ବର୍ଷାପାଣି ଫୁଲିଯାଇ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ରାସ୍ତାରେ ୪ଫୁଟ ଉପରେ ବର୍ଷାଜଳ ଚାଲିଥିଲା। ଯାହାଫଳରେ ଜନସାଧାରଣ ଯାତାୟାତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ରାସ୍ତାରେ ପୋଲ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ପାଟଣା ବିଇଓଙ୍କ ମୋବାଇଲ ହ୍ୟାକ୍ / ୩ ଲକ୍ଷ ୭୪ ହଜାର ଟଙ୍କା ଠକେଇ

ତୁରୁମୁଙ୍ଗା, ୫।୯ (ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତଙ୍କ ମୋବାଇଲକୁ ସାଇବର ଠକ ହ୍ୟାକ କରି ନେଇ ୩ ଲକ୍ଷ ୭୪ ହଜାର ଟଙ୍କାର ଚୂନ ଲଗାଇଛନ୍ତି। ତାଙ୍କ ହ୍ୱାଟ୍ସଆପକୁ ହ୍ୟାକ କରି କର୍ମଚାରୀ ଏବଂ ସମ୍ପର୍କୀୟ ସାଙ୍ଗ ସାଥୀଙ୍କୁ ଠକ ଜଣଙ୍କ ଆରଟିଓ ଇ-ଚାଲାଣ ପଠାଇଥିଲା। ଯାହାକୁ ନେଇ ବିଇଓଙ୍କ ଏକାଉଣ୍ଟରୁ ୨ ଟଙ୍କା କଟିଥିବା ବେଳେ ତାଙ୍କ ହ୍ୱାଟ୍ସଆପରୁ ଯାଇଥିବା ଆରଟିଓ ଇ ଚାଲାଣକୁ ସତ ଭାବି ଆପକୁ ଖୋଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କେନ୍ଦୁଝର ଜିଲ୍ଲା ଶାଖାର ସମ୍ପାଦକ ତଥା ପାଟଣା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ କମଳାକାନ୍ତ ପତି ଟଙ୍କା ଭରିବା ପରେ ତାଙ୍କ ବ୍ୟାଙ୍କ ଜମାଖାତାରୁ ସାଇବର ଠକମାନେ ୩ଟି



ପର୍ଯ୍ୟାୟରେ ମୋଟ ୩ ଲକ୍ଷ ୭୪ ହଜାର ଟଙ୍କା ଉଠାଇ ନେଇଛନ୍ତି। ଗତକାଲି ଶ୍ରୀ ପତିଙ୍କ ମୋବାଇଲ ହ୍ୱାଟ୍ସଆପକୁ ବିଇଓଙ୍କ ହ୍ୱାଟ୍ସଆପରୁ ଏକ ଆପର ଲିଙ୍କ ଆସିଥିବା ବେଳେ ଶିକ୍ଷକ ଶ୍ରୀ ପତି କୌଣସି ସରକାରୀ କାମ ଭାବି ଆପକୁ ଖୋଲି ଏକ ଟଙ୍କା ଭରିଥିଲେ। ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ମୋବାଇଲରୁ ଟଙ୍କା କଟିଥିବାର ୩ଟି ମେସେଜ ଆସିଥିଲା। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ୩୩ ହଜାର, ଦ୍ୱିତୀୟ ପର୍ଯ୍ୟାୟରେ ୧ ଲକ୍ଷ ୪୩ ହଜାର, ଓ ତୃତୀୟ ପର୍ଯ୍ୟାୟରେ ୯୮ ହଜାର ଟଙ୍କା ଏହିପରି ମୋଟ ୩ ଲକ୍ଷ ୭୪ ହଜାର ଟଙ୍କା ଠକ ଜଣଙ୍କ ଉଠାଇ ନେଇଥିଲେ। ଠକେଇ ସମ୍ପର୍କରେ ଶ୍ରୀ ପତି ଜାଣିବା ପାଟଣା ଥାନାଧିକାରୀ ମାନସ ମହାକୁଳଙ୍କୁ ଜଣାଇବା ସହ କେନ୍ଦୁଝର ସାଇବର ଥାନାର ଦ୍ୱାରସ୍ଥ ହୋଇ ବ୍ୟାଙ୍କର ସମସ୍ତ ଏକାଉଣ୍ଟକୁ ଫ୍ରିଜ୍ କରିଛନ୍ତି।

## ଗାଁକୁ ମୋ ବସ୍ ଯାଉ ନଥିବାରୁ ପ୍ରତିବାଦ କଲେ ମହିଳା



ତୁରୁମୁଙ୍ଗା, ୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତର ଉପାନ୍ତ ଅଞ୍ଚଳ ରୋହଣୀଦୁମା, ବଣମହୁଲଡିହା, ପିଛୁଲାବେଡା ଗ୍ରାମକୁ 'ଆମ ବସ' ଯାଉ ନଥିବାରୁ ଯାତାୟାତ ସେବାରୁ ବଞ୍ଚିତ ହୋଇ ୩ ଗ୍ରାମର ଶତାଧିକ ମହିଳା ପ୍ରତିବାଦ କରିଛନ୍ତି। ଜାମୁଲେଇବେଡା ହାଟ ଛକ ନିକଟରେ ଶୁକ୍ରବାର ଉକ୍ତ ବସକୁ ଅଟକ ରଖି ଗାଁକୁ ବସ୍ ଚଳାଚଳ ଦାବି କରିଥିଲେ। ଏହି ୩ ଗାଁ ଅଟେଇ ସଂରକ୍ଷିତ ଜଙ୍ଗଲ ସଂଲଗ୍ନରେ ରହୁଥିବା ଯୋଗୁଁ ଗ୍ରାମବାସୀ, ଛାତ୍ରଛାତ୍ରୀ ଯିବାଆସିବା କରିବା ସମୟରେ ବନ୍ୟଜନ୍ତୁଙ୍କ ଭୟ ଦେଖା ଦେଇଥାଏ। ତୁରନ୍ତ ୩ ଗ୍ରାମକୁ ଏହି ବସ୍ ସେବା ଦାବି ନେଇ ମହିଳାମାନେ ସକାଳ ୭ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ଖବର ପାଇ ବ୍ଲକ ସୁପରଭାଇଜର ସ୍ମୃତିରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ମହିଳାଙ୍କୁ ବୁଝାସୁଝା କରିବା ସହ ଗାଁକୁ ବସ୍ ଯିବାର ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ଆସନ୍ତାକାଲିଠାରୁ ଉକ୍ତ ବସ୍ ଗାଁକୁ ଯିବ ବୋଲି ବ୍ଲକ ସୁପରଭାଇଜର ସ୍ମୃତିରଞ୍ଜନ ସେଠୀ କହିଛନ୍ତି।

## ବ୍ଲକ୍‌ସ୍ତରୀୟ ଚେସ୍, ଭଲିବଲ୍ ପ୍ରତିଯୋଗିତା



ରାମଚନ୍ଦ୍ରପୁର, ୫।୯ (ସମିସ): ସାଇଁକୁଳ ନେହରୁ ହାଇସ୍କୁଲରେ ବ୍ଲକସ୍ତରୀୟ ଚେସ ଏବଂ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ଅନୁଷ୍ଠିତ ହୋଇଛି। ଘସିପୁରା ବ୍ଲକ ଅଳତି, ସାଇଁକୁଳ, ବଳରାମପୁର ଏବଂ କୁଶଳେଶ୍ୱର ଜୋନରୁ ଭଲିବଲ୍ ପାଇଁ ୪୦ ଏବଂ ଚେସ ଖେଳ ପାଇଁ ୧୨ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସ୍ତରକୁ ଚେସ ପାଇଁ ୨ ଏବଂ ଭଲିବଲ ପାଇଁ ୧୦ ଖେଳାଳି ଚୟନ ହୋଇଛନ୍ତି। ପ୍ରଧାନଶିକ୍ଷୟତ୍ରୀ ନିଳିମା ଖୁଣ୍ଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବସନ୍ତ ନାୟକ, ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ କାର୍ତ୍ତିକପ୍ରସାଦ ଶତପଥୀ, ନିରଞ୍ଜନ ଚକ୍ର, ଅଫିସ ସହାୟକ ସୌରଭ ପଣ୍ଡା, ବ୍ଲକ ସମ୍ପାଦକ ବିଜୟ ସାହୁ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଶିକ୍ଷକ ସୁରେଶ ଭୂୟାଁ, ବିଦୁଭୂଷଣ ଜେନା, ବରଦା ପ୍ରସନ୍ନ ଖୁଣ୍ଟିଆ, ଦେବାଶିଷ ରାଉତ, ମୃଣୟୀ ପାତ୍ର, ଶୁଭସ୍ମିତା ରାଉତ ସହଯୋଗ କରିଥିଲେ।

## ବେଲବାହାଲିରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ



ବେଲବାହାଲି, ୫।୯ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ଗ୍ରାମର ସାର୍ବଜନୀନ ଦୁର୍ଗା ପୂଜା କମିଟି ପକ୍ଷରୁ ପବିତ୍ର ସୁନିଆଁ ଏବଂ ବାମନ ଜନ୍ମ ଅବସରରେ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ଗ୍ରାମଦେବତୀ ମା' କୁଣ୍ଡୁଳାଇ ପୀଠରୁ ରୀତିନୀତି ଅନୁସାରେ ପୂଜା କରି ମାଟି ଅନୁକୂଳ କରାଯାଇଥିଲା। ପୂଜକ ଉଗ୍ରେସନ ପଣ୍ଡା ପୂଜା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କମିଟିର ସଦସ୍ୟ ରାଜ ମହାରଣା ମୁଖ୍ୟକର୍ତ୍ତା ଭାବେ ସଂକଳ୍ପ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଦଶରଥ ସାହୁ, ସଦାନନ୍ଦ ସାହୁ, ସୁବାସଚନ୍ଦ୍ର ସାହୁ, ଟୁଟୁ ପଣ୍ଡା, ସୁବାସଚନ୍ଦ୍ର ସାହୁ, ମନ୍ତ୍ରୀ ସାହୁ, ପ୍ରଶାନ୍ତ ସାହୁ, କୃଷ୍ଣଚନ୍ଦ୍ର ସାହୁ, ପ୍ରଦ୍ୟୁମ୍ନ ପୃଷ୍ଟି, କୁନା ସାହୁ, ଶ୍ରୀଧର ସାହୁ ସହଯୋଗ କରିଥିଲେ।

## କଳାଦିବସ ପାଳିଲେ ଅଧ୍ୟାପକ-କର୍ମଚାରୀ ସଙ୍ଘ



ଆନନ୍ଦପୁର, ୫।୯ (ସମିସ): ଗୁରୁଦିବସକୁ କଳା ଦିବସ ଭାବେ ପାଳିଲେ ବେସରକାରୀ କଲେଜ୍ ଅଧ୍ୟାପକ ଓ କର୍ମଚାରୀ ସଙ୍ଘର ସଦସ୍ୟମାନେ। ସମାନ କାମକୁ ସମାନ ଦରମା ଦାବିରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଥିବା ସମସ୍ତ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଘଷିପୁରାସ୍ଥିତ ଝାଡେଶ୍ୱର ମନ୍ଦିରଠାରେ ଏକତ୍ରିତ ହୋଇ ଏଭଳି ପ୍ରତିବାଦ କରିଛନ୍ତି। ୨୦୦୮ରୁ ୨୦୧୮ ମସିହା ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପାଇଁ ଜି.ଆଇ ଲାଗୁ କରିବା ଏକମାତ୍ର ଦାବିନେଇ ଆଜି ପବିତ୍ର ଗୁରୁଦିବସରେ ଏଭଳି ପ୍ରତିବାଦ କରିଥିବା କହିଛନ୍ତି। ଆନ୍ଦୋଳନରତ ଅଧ୍ୟାପିକା ସୌମ୍ୟ ସୁଚରିତା ସାହୁ ଓ ଅଧ୍ୟାପକ ଜଗବନ୍ଧୁ ଜେନା ବକ୍ତବ୍ୟ ରଖିଥିଲେ।

## ସାର୍ବଜନୀନ ଦୁର୍ଗାପୂଜାର ପରିଚାଳନା କମିଟି ଗଠିତ

ଚମ୍ପୁଆ,୫।୯ (ସମିସ): ଚମ୍ପୁଆର ସର୍ବପୁରାତନ ସାର୍ବଜନୀନ ଦୁର୍ଗାପୂଜା କମିଟିର ନୂତନ ପରିଚାଳନା ସଦସ୍ୟ ଓ ପୂଜା ପ୍ରସ୍ତୁତି ନେଇ ସୁବାସ ରାମଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରୁ ଗତ ବର୍ଷର ବାର୍ଷିକ ବୀବରଣୀ ପାଠ କରାଯାଇଥିଲା। ଚଳିତ ବର୍ଷ ୨୦୨୫ ପାଇଁ ସର୍ବସମ୍ମତିକ୍ରମେ ନୂତନ ପରିଚାଳନା କମିଟି ଗଠନ କରାଯାଇଥିଲା। ଏହି ନୂତନ ପରିଚାଳନା କମିଟିର ସଭାପତି ଦିନେଶ କୁମାର ମହାନ୍ତ, ଉପସଭାପତି ମନୋଜ କୁମାର ସାହୁ, ସମ୍ପାଦକ ସୁବ୍ରତ କୁମାର ସହୁ (ଟିକୁ), ସହସମ୍ପାଦକ ଭାବେ ପ୍ରିୟବ୍ରତ ବେହେରା (ଭିକି) ଏବଂ କୋଷାଧକ୍ଷ ଭାବେ ସବ୍ୟସାଚୀ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ଦାୟିତ୍ୱ ନେବା ପରେ କମିଟିର ସମ୍ପାଦକ ସୁବ୍ରତ କୁମାର ସାହୁ ଆଗାମୀ ଦୁର୍ଗା ପୂଜାକୁ ସମସ୍ତଙ୍କ ସହଯୋଗରେ ଆକର୍ଷଣୀୟ ଭାବେ ପାଳନ କରିବାକୁ ସୂଚନା ଦେଇଛନ୍ତି। ଅଷ୍ଟମୀ, ନବମୀ, ଦଶମୀରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାରର ଆନନ୍ଦ ନେବାକୁ ସେ ଅପିଲ କରିଛନ୍ତି। ଏ ବର୍ଷର ଦୁର୍ଗା ମଣ୍ଡପ ରାଷ୍ଟ୍ରପତି ଭବନ ଡିଜାଇନରେ ହେବାକୁ ଥିବା ସେ କହିଥିଲେ।

## ସ୍କୁଲ ପରିଦର୍ଶନ କରି ଶିକ୍ଷାଦାନ କଲେ ପ୍ରାଥମିକ ଶିକ୍ଷା ଉପନିର୍ଦ୍ଦେଶକ



ତୁରୁମୁଙ୍ଗା, ୫।୯ (ସମିସ): ପ୍ରାଥମିକ ଶିକ୍ଷା ବିଭାଗ ଉପନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ ଅଫିସର ହିମାଂଶୁ ଭୂଷଣ ଓଝା ଗୁରୁବାର କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ବିଲ୍ଲା ସରକାରୀ ଉଚ୍ଚବିଦ୍ୟାଳୟ ଏବଂ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ପରିଦର୍ଶନରେ ଆସି ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ାଇନ୍ତି। ଏଥିସହ ପରିଦର୍ଶନ ସମୟରେ ସେ ବିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ହଷ୍ଟେଲ ପରିଦର୍ଶନ କରିଥିଲେ। ଶ୍ରୀ ଓଝାଙ୍କ ସହ ଏଡିଓ ଏକାଡେମୀ ଶ୍ରୀକାନ୍ତ ବେହେରା, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ସାହାରପଡା ଏବିଇଓ କମ ବିଆରସି ଦୟାନିଧି ପାତ୍ରଙ୍କ ସମେତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅନୁପମା ମାଝୀ ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଗୁରୁ ଦିବସ







ଆନନ୍ଦପୁର, ୫।୯ (ସମିସ): ଘସିପୁରାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଗୁରୁ ଦିବସ ଅବସରରେ ପ୍ରଧାନଗୁରୁଜୀ ବାବାଜୀ ପଣ୍ଡାଙ୍କ ସଭାପତିତ୍ୱରୋ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ବସନ୍ତ ସାହୁ, ସଭାପତି ମଦନ ମୋହନ ରାଉତ, ସମ୍ପାଦକ ରାଶ୍ମିରଞ୍ଜନ ନନ୍ଦ ଏବଂ କୋଷାଧକ୍ଷ ଅକ୍ଷୀୟ ସାହୁ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିଥିଲେ। ସେହିପରି ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସରସ୍ୱତୀ ସାହୁ, ନ୍ଦ୍ରିକା ଦୀକ୍ଷିତ, ନିର୍ମଳା ରାଉତ, ନମିତା ମିଶ୍ର, ସବିତାରଣୀ ପାଢୀ, ସବିତାରଣୀ ରାଉତ, ଉଷାରାଣୀ ସାହୁ, ପ୍ରତିଭାମୟୀ ଶତପଥୀ, ପ୍ରତିମା ବାରିକ, ନିରୁପମା ମହାରଣା, ମନୋରମା ମହାପାତ୍ର, ସସ୍ମିତାରାଣୀ ପତି, ପ୍ରମୋଦିନୀ ଓଝା, ମଧୁସ୍ମିତା ସାହୁ ଏବଂ ଗୁରୁଜୀ ଭାନୁଦେବ ସାହୁ, ଦୟାନନ୍ଦ ସାହୁ, ଦେବେନ୍ଦ୍ର ମିଶ୍ର, ଭାଗୀରଥି ରାଉତ, ତପନ ସାହୁ ଏବଂ ସୁବାସଚନ୍ଦ୍ର ରାଉଳ ସହଯୋଗ କରିଥିଲେ।

ଘସିପୁରା ବ୍ଲକ ଦେଓଗାଁ ସର୍କଲ ଶିକ୍ଷକ ଭବନଠାରେ ପ୍ରଧାନଶିକ୍ଷକ କରୁଣାକର ଚକ୍ରଙ୍କ ସଭାପତିତ୍ୱରେ ଗୁରୁଦିବସ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷାଧିକାରୀ ଯୋଗେନ୍ଦ୍ର କୁମାର ପଣ୍ଡା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ରେକୁଟିଆ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ, ଗୋଲକ ବିହାରୀ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବସନ୍ତ ପଣ୍ଡା ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଜୟନ୍ତୀବାଳା ଦେବୀ, ନିର୍ମଳା ନାୟକ, ଭାଗ୍ୟବତୀ ମହାପାତ୍ର, ପ୍ରିୟମ୍ବଦା ରାଉତ, ଅନ୍ନପୂର୍ଣ୍ଣା ପଣ୍ଡା, କୁମୁଦବନ୍ଧୁ ବଳ ଏବଂ ଦେବଗଡ଼ ଜିଲ୍ଲାରୁ ଆସିଥିବା ଶିକ୍ଷକ ପ୍ରଶାନ୍ତ ରାଉତ ଓ କୋରାପୁଟ ଜିଲ୍ଲାରୁ ଆସିଥିବା ଶିକ୍ଷୟିତ୍ରୀ ଶୁଭଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଘସିପୁରା ଶିକ୍ଷକ ସଂଘର ସଭାପତି ଶିବପ୍ରସାଦ ଜେନାଙ୍କ ସଂଯୋଜନାରେ ପ୍ରଶାନ୍ତ ଚକ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ସୁକାନ୍ତ ଜେନା। ସ୍ୱାଧୀନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ସଂପାଦକ ପ୍ରସନ୍ନ ପାଣିଗ୍ରାହୀ, ଦିଲୀପ ରାଉତ, ନିଶିକାନ୍ତ ପୃଷ୍ଟି, ସୁରେନ୍ଦ୍ର ଜେନା, ନିହାର ରଞ୍ଜନ ରାଉତ, ରାହାସ ବିହାରି ମହାନ୍ତି, ଦିନେଶ ଚକ୍ର, ସନ୍ତୋଷ ରାଉତ, ସୋନାଲିନ ରାଉତ, ଜ୍ୟୋତିର୍ମୟୀ ପତି, ସ୍ୱର୍ଣ୍ଣପ୍ରଭା ମିଶ୍ର, ଜୁଲାରାଣୀ ସାହୁ, ଲାବଣ୍ୟ ଜେନା, ସ୍ମୃତିରେଖା ସାହୁ, ଦେବୀଦ୍ୟୁତି ଶ୍ରୀଚନ୍ଦନ, ରଶ୍ମିରାଣୀ ଜେନା ପରିଚାଳନା କରିଥିଲେ।

ଘଷିପୁରା ବ୍ଲକ ବଳରାମପୁର ପଞ୍ଚାୟତ ସରେଇଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁଦିବସ ପାଳନ କରାଯାଇଛି। ପୁରାତନ ଛାତ୍ର ପୂର୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ପୂର୍ବତନ ପ୍ରଧାନ ଶିକ୍ଷକ ତଥା ରାଜ୍ୟପାଳ ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ବୈଲୋଚନ ସାହୁ, ପୂର୍ବତନ ଶିକ୍ଷକ ଶିଶିର ପୃଷ୍ଟି, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଗୋବିନ୍ଦଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ ସାହୁ, ପୂର୍ବତନ ଶିକ୍ଷକ କଳ୍ପତରୁ ଜେନା, ପୂର୍ବତନ ଶିକ୍ଷକ ମାୟାଧର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ଛାତ୍ର ବିବେକ ଖୁଣ୍ଟିଆ, ବିଶ୍ୱନାଥ ସାହୁ, ଭାଗୀରଥି ସାହୁ, ସତ୍ୟଜିତ ସାହୁ, ପୂର୍ବତନ ଛାତ୍ରୀ ଅମ୍ବିକା ସାହୁ, ଲିପି ସାହୁ, ଆଶା ସାହୁ, ଶର୍ମିଷ୍ଠା ସାହୁ, ପୂଜାରାଣୀ ମହାରଣା, ମନି ସାହୁ ଉପସ୍ଥିତ ଥିଲେ।

**ବେଲବାହାଳି:** ଘସିପୁରା ବ୍ଲକ ବଳରାମପୁର ସରସ୍ୱତୀ ଶିଶୁଜ୍ଞାନ ମନ୍ଦିରରେ ଗୁରୁ ଦିବସ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲା ବେଳେ ଗୁରୁମା ତପସ୍ୱିନୀ ସାହୁ, କାମିନୀ ବେହେରା, ବିନିରାଣୀ ବାରିକ, ପୂଜାରାଣୀ ବିଶ୍ୱାଳ, ପ୍ରଭାସିନୀ ଭୁୟା, ପ୍ରଭାତୀ ଭୁୟା, ମୋନାଲିଶା ବେହେରା, ଅନୁପମା ପୃଷ୍ଟି, ଉର୍ବବି ଆଚାର୍ଯ୍ୟ, ଗୁରୁଜୀ ରବୀନ୍ଦ୍ର ଦାସ ବକ୍ତବ୍ୟ ରଖିଥିଲେ।

ଅନ୍ୟପକ୍ଷରେ, ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଟୋଲଙ୍କପଡା ଜୟ ମଙ୍ଗଳା ଆଞ୍ଚଳିକ ଉଚ୍ଚବିଦ୍ୟାଳୟରେ ଗୁରୁଦିବସ ଅବସରରେ ସକାଳ ଆଠଟାରୁ ଛାତ୍ରଛାତ୍ରୀମାନେ ବନ୍ଦାପନା କରି ଶିକ୍ଷକଙ୍କୁ ସଭାଗୃହକୁ ପାଛୋଟି ନେଇଥିଲେ। ପରେ ପ୍ରଧାନ ଶିକ୍ଷକ ଅଜୟ ସାହୁଙ୍କ ସଭାପତିତ୍ୱରେ ସଭାରେ ଶିକ୍ଷକ ରଞ୍ଜନ ଜେନା, ବୁଦ୍ଧଦେବ ପଣ୍ଡା, ମଦନ ମୋହନ ବାରିକ ସାଂପ୍ରତିକ ପରିସ୍ଥିତିରେ ଗୁରୁ ଓ ସମାଜ କିପରି ପ୍ରଭାବିତ ଓ ଛାତ୍ରମାନେ କିପରି ସମାଜ ପ୍ରତି ସମର୍ପିତ ହେବେ କହିଥିଲେ। ଛାତ୍ରୀ ଲକ୍ଷ୍ମୀପ୍ରିୟା, ଶୀତଲ, ଆମେଲା, ଦୀପ୍ତି, ଆଦ୍ୟାଶ୍ୟା, ଶୁଭଶ୍ରୀ, ଶୁଭସ୍ମିତା, ଛାତ୍ର ଓମ୍, ଶୁଭଙ୍କର, ଆଶୁତୋଷ, ଗୌରାଙ୍ଗ, ରବୀନ୍ଦ୍ର ସହଯୋଗ କରିଥିଲେ।

ହାଟଡ଼ିହୀ: ହାଟଡ଼ିହୀ ବ୍ଲକ ଜଳକଳଙ୍ଗସ୍ଥିତ ଜୟଦୁର୍ଗା ଆତ୍ମ ନିର୍ଭରଶୀଳ ସିଲାଇ ଶିକ୍ଷାକେନ୍ଦ୍ରଠାରେ ଏକ ନିଆରା ଢଙ୍ଗରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାଫ ଗୁରୁମା ତୃପ୍ତିମୟୀ ନାୟକ, ସାବିତ୍ରୀ ଜେନାଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠାତା ଡ ସୁରେଶ୍ୱରୀ ସାଗରିକା ଜେନାଙ୍କୁ ସିଲାଇ ଶିକ୍ଷାକେନ୍ଦ୍ରର ଶିକ୍ଷାର୍ଥୀ ମାନେ ନୂତନ ବସ୍ତ୍ରରେ ଆଭୁଷଣ କରାଇ ପୂଜା କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାର୍ଥୀ ତନୁଶ୍ରୀ ପ୍ରଧାନ, ଦିବ୍ୟାଭାରତୀ ଜେନା, ଦୀପାଞ୍ଜଳି ବେହେରା, ପାୟଲ ଚକ୍ର, ପ୍ରିୟଙ୍କା ନାୟକ, କମଳିନୀ ପରିଡ଼ା, ଚନ୍ଦନା ଜେନା, କନକ ମଞ୍ଜରୀ ଧୀର, ବର୍ଷାରାଣୀ ସେଠୀ, ପଙ୍କଜିନୀ ସେଠୀ, ସୁମିତ୍ରା ସେଠୀ, ଆଶାରାଣୀ ଦାସ ପରିଚାଳନା କରିଥିଲେ। ସେହିପରି ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଛୋଟବଡ଼ ଛାତ୍ରଛାତ୍ରୀ ଏକାଠି ହୋଇ ପାରମ୍ପରିକ ରୀତିନୀତିରେ ଗୁରୁପୂଜନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ତଥା ସଭାପତି ଉଦୟନାଥ କରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବସନ୍ତ ମଞ୍ଜରୀ ଫାଉଣ୍ଡେସନ ପକ୍ଷରୁ ଜ୍ଞାନଜ୍ୟୋତି ସମ୍ମାନ ସମାରୋହ

ରାମଚନ୍ଦ୍ରପୁର,୫।୯ (ସମିସ): କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ପକ୍ଷରୁ ଅଳତି ମା' କଲ୍ୟାଣ ମଣ୍ଡପଠାରେ ପବିତ୍ର ଗୁରୁଦିବସ ଅବସରରେ ଏକ ପୂଜ୍ୟପୂଜା ସମାରୋହ ଅନୁଷ୍ଠିତ ହୋଇଛି। ଶିକ୍ଷାଦାନ ଭଳି ମହତ କାର୍ଯ୍ୟରେ ବ୍ରତୀ ଏବଂ ସମର୍ପିତ ୧୧ ଜଣ ସେବା ନିବୃତ୍ତ ଶିକ୍ଷକଙ୍କୁ "ଜ୍ଞାନଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ବ୍ୟଙ୍ଗକବି ଘନଶ୍ୟାମ ବୋଇତେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ବସନ୍ତମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି ସମାଜସେବୀ ଡ. ରତିକାନ୍ତ ବରାଳ, ଡିଏନ ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଯଦୁମଣି ମହାକୁଡ ଏବଂ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଜୟ ସାହୁ ଯୋଗ ଦେଇଥିଲେ। ଅଳତି ପଞ୍ଚାୟତର ସୁରେଶ ତ୍ରିପାଠୀ, ସରୋଜ ଦେଇ, ବାସନ୍ତୀ ଖୁଣ୍ଟିଆ, ତିଳୋତ୍ତମା ମଲ୍ଲିକ, ଦୁର୍ଯ୍ୟୋଧନ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା, ମଦନମୋହନ ବରାଳଙ୍କ ସହ ଗଡବାନ୍ଧଗୋଡା ପଞ୍ଚାୟତ ଦାନ୍ତିଆ ଗ୍ରାମର ବାସୁଦେବ ମଲ୍ଲିକ, ପୁରୁଣାବାନ୍ଧଗୋଡା ପଞ୍ଚାୟତ ଡିଗିରିଆ ଗ୍ରାମର ଇଶ୍ୱରଚନ୍ଦ୍ର ବାରିକ, ରେକୁଟିଆର ନାଥ ସାହୁ, ଯାଜପୁର କିଆପଦାର ଯଦୁମଣି ମହାକୁଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ବିଷ୍ଣୁନାରାୟଣ ସାମଲ ସଭା ପରିଚାଳନା କରିଥିବା ବେଳେ ସମାଜସେବୀ ପ୍ରସନ୍ନ ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାରେ ଶିକ୍ଷାବିତ୍, ଗ୍ରାମବାସୀ ଓ ମିଶନ ଶକ୍ତିର ମା'ମାନେ ଉପସ୍ଥିତ ଥିଲେ।



## ପୋଖରୀରେ ବୁଡ଼ି ଯୁବକ ମୃତ

ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡିହା ପଞ୍ଚାୟତ ହରିଡାଭୋଳ ଗ୍ରାମର କୁଆଁର ଦିଗୀ ପୋଖରୀରେ ଗାଧୋଉଥିବା ବେଳେ ଉକ୍ତ ଗ୍ରାମର ସନ୍ତୋଷ ଦିଗୀଙ୍କ ପୁଅ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଦିନ ୧୧ଟାରେ ଗାଧୋଉଥିବା ବେଳେ ଘଟିଛି ଏ ଅଘଟଣ। ଖବର ପାଇ ଆନନ୍ଦପୁର ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ଯୁବକର ମୃତଦେହ ଉଦ୍ଧାର

ରାଇରଙ୍ଗପୁର, ୫।୯ (ସମିସ): ଜାମଦା ଥାନା ବାନ୍ଦଦୁମା ଗ୍ରାମ ନିକଟ ଏକ ରାସ୍ତାକଡ ବିଲରୁ ଜଣେ ଯୁବକର ମୃତଦେହ ଉଦ୍ଧାର ହୋଇଛି। ଗ୍ରାମର ଜଣେ ଚାଷୀ ବିଲକୁ ଯାଇଥିବାବେଳେ ଜଣେ ଯୁବକର ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି। ତେବେ ପାରିପାର୍ଶ୍ୱିକ ଘଟଣାରୁ ଜଣାପଡିଛି ଯେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଗଲେ ପ୍ରକୃତ କାରଣ ଜଣାପଡିବ ବୋଲି ପୁଲିସ ପ୍ରକାଶ କରିଛି। ବାନ୍ଦଦୁମା ଗ୍ରାମରେ ଗତକାଲି ରାତିସାରା ଯାତ୍ରା ଚାଲୁଥିଲା। ତେଣୁ ମେଳା ଦେଖିବାକୁ ଆସିଥିବା କେହି ଦୁର୍ବୃତ୍ତ ଏଭଳି କାଣ୍ଡ ଘଟାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଚଳାଇଛି।

## ଶିଶୁ ମନ୍ଦିରରେ ଗୁରୁଦିବସ ପାଳିତ



ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିର ବୌଦ୍ଧିକ ମଣ୍ଡପଠାରେ ପବିତ୍ର ଗୁରୁଦିବସ ପାଳିତ ହୋଇଛି। ପରିଚାଳନା ସମିତିର ସଦସ୍ୟ ସୁବାସଚନ୍ଦ୍ର ବେହେରା ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା, ଉପସଭାପତି ଜଗନ୍ନାଥ ସିଂ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ, କୋଷାଧ୍ୟକ୍ଷ ଦିଲ୍ଲୀପ ପାତ୍ର ଗୁରୁଜୀ ଗୁରୁମାମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ। ଶିଶୁମାନେ ଗୁରୁବନ୍ଦନା କରିବା ସହ ବକ୍ତବ୍ୟ ନିଜ ନିଜ ବକ୍ତବ୍ୟ ପରେ ଗୁରୁପୂଜନ ସମ୍ପର୍କିତ ନୃତ୍ୟ ପରିବେଷଣ କରିଥିଲେ। ଦିବା ପର୍ଯ୍ୟାୟ ପ୍ରମୁଖ ଅହଲ୍ୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିଭାବକ ସନ୍ତୋଷ ପାତ୍ର ଶିଶୁ, ଗୁରୁଜୀ, ଗୁରୁମାମାନଙ୍କ ପାଇଁ ଭୋଜନ ବ୍ୟବସ୍ଥା କରିଥିଲେ।

## ଗୋରୁ ବୋଝେଇ ପିକ୍‌ଅପ୍ ଜବତ



ମହୁଲଡିହା/ଠାକୁରମୁଣ୍ଡା, ୫।୯ (ସମିସ): ଠାକୁରମୁଣ୍ଡା ଥାନା ପୁଲିସ ଆଜି ପୁଣି ଏକ ଗୋରୁ ବୋଝେଇ ପିକଅପ ଜବତ କରିଛି। ଠାକୁରମୁଣ୍ଡା ଓ ମହୁଲଡିହା ପୁଲିସ ଭୋରୁ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ଶିଶୁ ବିଦ୍ୟାମନ୍ଦିର ବାଙ୍କରେ ଏକ ପିକଅପକୁ ଅଟକାଇ ଥିଲେ। ପରେ ପୁଲିସ ଯାଞ୍ଚ କରିବାରୁ ୧୧ଟି ବଳଦ ଗାଡିରେ ଥିବା ଜଣାପଡିଥିଲା। ହେଲେ କୌଶଳକ୍ରମେ ଚାଳକ ଫେରାର ହୋଇଯାଇଛି। ଜବତ ବଳଦକୁ କେନ୍ଦୁଝର ଜିଲ୍ଲା ରାଜନଗର ସ୍ଥିତ ନନ୍ଦିନୀ ଗୋଶାଳାକୁ ପଠାଇ ଦିଆଯାଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁ ଦିବସ



କରଞ୍ଜିଆ, ୫।୯ (ସମିସ): କରଞ୍ଜିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଶିଶୁ ଭାଇଭଉଣୀ ଗୁରୁ ପୂଜନ କରିବା ସହିତ ଏହି ଦିବସର ପାଳନର ମହତ୍ତ୍ୱ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଉପସଭାପତି ଇଂ ତ୍ରିଲୋଚନ ସେଠୀ, କୋଷାଧ୍ୟକ୍ଷ କୈଳାଶ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପସଭାପତି ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ ମାସ ପରେ ଧରାପଡିଲା ହାତୀ ଶିକାରୀ

ବାରିପଦା, ୫।୯ (ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ପରିସରରେ ଗତ ୨୦୨୩ ନଭେମ୍ବରରେ ହାତୀ ଶିକାର କରିବା ଏବଂ ହାତୀଦାନ୍ତ କାରବାର ମାମଲାରେ ଜଣେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିଲା। ପୁଲିସ ଅଭିଯୁକ୍ତକୁ ଧରିବା ପାଇଁ ୧୮ ମାସ ହେଲା ଖୋଜୁଥିଲା। ଶେଷରେ ଗୁରୁବାର ତାଙ୍କ ଘରୁ ଗିରଫ କରିଛି ପୁଲିସ। ଅଭିଯୁକ୍ତ ଜଣଙ୍କ ହେଲେ ଯଶିପୁର ଥାନା ଅଧୀନ ଠାକୁରଗୋଡାର ଯୋଗେଶ୍ୱର ଦେହୁରୀ (୨୮)। ଯୋଗେଶ୍ୱର ବାରମ୍ବାର ପୁଲିସର ହାତରୁ ଖସି ପଳାଉ ଥିବାରୁ ତା ବିରୋଧରେ କୋର୍ଟ ଗିରଫ ପରୱାନା ଜାରି କରିଥିଲେ। ଗୁରୁବାର ତାକୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଏ ଯାଏ ୨୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଫେରାର ରହିଛି।

### ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟକୁ ନେଇ ଦୁଇ ପଞ୍ଚାୟତରେ ଦ୍ୱନ୍ଦ୍ୱ

# ସରକାରୀ କର୍ମଚାରୀଙ୍କୁ ଅଟକ, ବିଜେପି ନେତାଙ୍କୁ ଠେଲାପେଲା

ତୁରୁମୁଙ୍ଗା, ୫।୯ (ସମିସ)




କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଧୀନ ଚେମେଣା ପଞ୍ଚାୟତ ଏବଂ ଯମୁନାପଶି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦିନକୁ ଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାରେ ଲାଗିଛି। ଏନେଇ ଗ୍ରାମବାସୀ ଭୟଭୀତ ଏବଂ ଅସୁରକ୍ଷିତ ଅନୁଭବ କରୁଛନ୍ତି। ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ କରାଇ ନଦେବାକୁ ଜିନ୍ଦଲ ପ୍ରତିରୋଧ ମଞ୍ଚ ପକ୍ଷରୁ ବିଭିନ୍ନ ରାଲି କରିବା ସହ ଚାଷ ଜମିରେ ଷ୍ଟିଲ ପ୍ଲାଣ୍ଟ କରାଇ ନଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଏବେ ଦୁଇ ପଞ୍ଚାୟତର ୧୨ରୁ ଊର୍ଦ୍ଧ୍ୱ ଗାଁରେ ଷ୍ଟିଲ ପ୍ଲାଣ୍ଟକୁ ନେଇ ଅସନ୍ତୋଷ ଦେଖାଦେବା ସହ ଦିନକୁ ଦିନ ଅଶାନ୍ତି ହେବା ଦେଖିବାକୁ ମିଳିଛି।

ପ୍ରସ୍ତାବିତ ବାଦାମପାହାଡ଼ କେନ୍ଦୁଝରଗଡ଼ ରେଳ ପ୍ରକଳ୍ପ ପାଇଁ ଜମିର ସର୍ଭେ ଓ ଯାଞ୍ଚ କରିବା ପାଇଁ ଆସିଥିବା କିଛି ସରକାରୀଙ୍କ ସହ ସ୍ଥାନୀୟ ଆରଆଇଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ଜମି ଅଧିଗ୍ରହଣ ପାଇଁ ଆସିଥିବା ସନ୍ଦେହ କରି ଚେମେଣା ନର୍ସରୀ ଛକ ରାସ୍ତାରେ ମହିଳାମାନେ ଦୁଇ ଘଣ୍ଟା ଧରି କର୍ମଚାରୀଙ୍କୁ ଘେରି ଯାଇଥିଲେ। ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଥିଲା। ଖବର ପାଇ ତୁରୁମୁଙ୍ଗା ପୁଲିସ ପହଞ୍ଚିବା ପରେ ସରକାରୀ କର୍ମଚାରୀମାନେ ଉଦ୍ଧାର ପାଇଥିଲେ। ଏଥିସହ ସାଂସଦଙ୍କ ପାଟଣା ବ୍ଲକ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ଖିରେଇଟାଙ୍ଗରୀ ମଣ୍ଡଳ ସଭାପତି ମନୋଜ ମହାନ୍ତ, ଯମୁନାପଶି ପଞ୍ଚାୟତର ସରପଞ୍ଚ ଶଶିଭୂଷଣ ନାଏକ, ଡମ୍ବରୁ ମହାନ୍ତ, ଭଗବାନ ଦାଶଙ୍କୁ ଉତ୍ତ୍ୟକ୍ତ ଲୋକେ ଓ ମହିଳା ଷ୍ଟିଲପ୍ଲାଣ୍ଟ ସପକ୍ଷରେ ଆସିଥିବା ସନ୍ଦେହ କରି ଠେଲାପେଲା କରିଥିଲେ। ଏପରିକି ସେମାନଙ୍କ ଗାଡ଼ିର ଟାୟାର ପମ୍ପ ଖୋଲିଦେବା ସହ କାଗଜପତ୍ର ନେଇ ଯାଇ ଗାଳିଗୁଲଜ କରିଥିଲେ। ଏନେଇ ତୁରୁମୁଙ୍ଗା ଥାନାରେ କେନ୍ଦେଇପଶି ମଣ୍ଡଳ ସଭାପତି ମନୋଜ ମହାନ୍ତ ଅଭିଯୋଗ କରିଛନ୍ତି। ଫଳରେ ପୁଲିସ ୫ ଜଣଙ୍କ ସମେତ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ ପାଇଁ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ରହୁଛି। ଉକ୍ତ ଗ୍ରାମଗୁଡ଼ିକୁ ଗଲେ ଆକ୍ରମଣର ଶିକାର ହେବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଶୁଣୁଛନ୍ତି। ଏପରିକି ସରକାରଙ୍କ କୃଷି ବିଭାଗର କର୍ମଚାରୀମାନେ ମଧ୍ୟ କୌଣସି କାର୍ଯ୍ୟରେ ଆସିଲେ ଷ୍ଟିଲ ପ୍ଲାଣ୍ଟ ଦ୍ୱନ୍ଦ୍ୱ ନେଇ ସେମାନଙ୍କୁ ଗାଁକୁ ପୂରାଇ ଦେଉନାହାନ୍ତି ଲୋକେ। ଏନେଇ ଜିନ୍ଦଲ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, ରକ୍ତ ଦେବୁ ପଛେ ଭିଟାମାଟି ଛାଡିବୁ ନାହିଁ। ଅନ୍ୟପକ୍ଷରେ, ପ୍ରଶାସନ ଏ ଦିଗରେ ଜରୁରୀ ପଦକ୍ଷେପ ନ ନେଲେ ଅନ୍ୟାନ୍ୟ ବିକାଶ ମୂଳକ ଏବଂ ସରକାରୀ କାର୍ଯ୍ୟ ଏହି ଅଞ୍ଚଳରେ ବାଧାପ୍ରାପ୍ତ ହେବ।

## ପାକାଣାପାଟରେ ଐତିହାସିକ ଜାନ୍ତାଲ ମେଳା



ରାଇରଙ୍ଗପୁର, ୫।୯ (ସମିସ): ଜାମଦା ବ୍ଲକ ଅନ୍ତର୍ଗତ କଇଁପୁର ପାକାଣାପାଟରେ ଅନୁଷ୍ଠିତ ଐତିହାସିକ ଜାନ୍ତାଲ ମେଳାରେ ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୟୂରଭଞ୍ଜ ଲୋକସଭା ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ରରୁଆଁ ବ୍ଲକ ଅଧ୍ୟକ୍ଷ ଅଜିତ କୁମାର ତିରିଆ ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିବା ସହିତ ବାବା ନରସିଂହଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ମନ୍ତ୍ରୀ ଓ ସାଂସଦଙ୍କୁ ବସନ୍ତପୁରଠାରେ ପାସନା ପଞ୍ଚାୟତ ସରପଞ୍ଚ ମାଳତୀ ଆଲଡ଼ା, ନାରୀନେତ୍ରୀ ମୋନିକା କଣ୍ଡୁଙ୍କେଲଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ, ସାଂସଦ ଓ ବିଧାୟକ ମହାନ୍ ସ୍ୱତନ୍ତ୍ରତା ସଂଗ୍ରାମୀ ବାମନଘାଟୀ ଆଦିବାସୀ ବିଦ୍ରୋହର ମହାନ୍ ନାୟକ ରଘୁବୀର କଣ୍ଡୁଙ୍କେଲଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେମାନେ ଜାମଦାସ୍ଥିତ ସରକାରୀ (ଏସ୍‌ଏସଡି) ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ଶ୍ରେଣୀଗୃହ, ଛାତ୍ରୀନିବାସ ପରିଦର୍ଶନ କରିଥିଲେ। ନିକଟରେ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପାଇଥିବା କଇଁପୁରର ଐତିହାସିକ ଜାନ୍ତାଲ ମେଳାର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ପାକାଣାପାଟ ପାହାଡ଼କୁ ଯାଇ ବାବା ନରସିଂହଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ବାନ୍ଦଦୁମାଠାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉପସ୍ଥିତ ଜନତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ



ବଡସାହି, ୫।୯ (ସମିସ): ଗୁରୁଦିବସ ଅବସରରେ ବଡସାହି ବ୍ଲକ୍ ପଟିସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ରାମକୃଷ୍ଣ ଜୀଉ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଦାଧର ସିଂ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନିରଂଜନ ପଲେଇ, କବିତା ସ୍ୱାଇଁ, ଗାୟତ୍ରୀ ସେଠୀ, ଉଦୟ କୁମାର ରାଉତ, ପରିଚାଳନା କମିଟି ସଭାପତି ଅଭୟ ବେହେରା, ପରିବାର ପକ୍ଷରୁ ସୁବାସ କୁମାର ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରତିବର୍ଷ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଏହି ପ୍ରିୟମ୍ବଦା ସ୍ମାରକୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ସପ୍ତମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ କୁମାରୀ ତପସ୍ୱିନୀ ଓଝାଙ୍କୁ ଅତିଥିମାନେ ମାନପତ୍ର ସହିତ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ଶ୍ରୀ ଜୀଉ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡାଏନାମିକ୍ କରାଟେ ସ୍କୁଲର ସଫଳତା | ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ୭ ପଦକ




ଆନନ୍ଦପୁର, ୫।୯ (ସମିସ): ଆନନ୍ଦପୁରର ଖପରାଖାଇସ୍ଥିତ ଡାଏନାମିକ କରାଟେ ସ୍କୁଲର ଛାତ୍ରଛାତ୍ରୀ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। କୋଲକାତାଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସ୍କୁଲର ଛାତ୍ର ସ୍ୱାଗତ ସମ୍ପର୍ଣ୍ଣ ଜେନା ଅର୍ଣ୍ଣବ କୁମାର ନାୟକ ସ୍ୱର୍ଣ୍ଣ ପଦକ ଏବଂ ଶୁଭଦୀପ ବାସ ବୁଧାଦିତ୍ୟ ମୁଦୁଲିଙ୍କୁ ରୌପ୍ୟ ସହ ଶ୍ରେୟାଂଶ ଜେନା ପ୍ରତୀକ ରଞ୍ଜନ କୁଁଅର ପ୍ରଜେଶ କୁମାର ରାଉତଙ୍କୁ କାଂସ୍ୟ ପଦକ ମିଳିଛି। ପ୍ରତିଯୋଗିତାରେ ଶ୍ରୀଲଙ୍କା ଭିଏତନାମ ଇରାନ ଭୁଟାନ ନେପାଳ ଭାରତର ବିଭିନ୍ନ ସ୍ଥାନରୁ ଖେଳାଳିମାନେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଏପରି ସଫଳତା ପାଇଁ ସ୍କୁଲର ପ୍ରଶିକ୍ଷକ ସୌମ୍ୟରଞ୍ଜନ ନାୟକ ପରିଚାଳକ ଦୀପକ କୁମାର ବାସ କ୍ରୀଡାବିତ୍ ବୁଲୁ ପଟ୍ଟନାୟକ ଅଭିଭାବକଙ୍କ ପକ୍ଷରୁ ସୁଭଦ୍ରା କର ଗାୟତ୍ରୀ ଚକ୍ର ଶ୍ରୀକାନ୍ତ ଜେନା ଶୁଭେଚ୍ଛା ଜଣାଇଛନ୍ତି।

## ପାଟଣା ବ୍ଲକ୍ ୪ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ତୁରୁମୁଙ୍ଗା, ୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁରୁସୁଆଁ ଉଚ୍ଚବିଦ୍ୟାଳୟର ସଂସ୍କୃତ ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ ସଂସ୍କୃତ ପାଇଁ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପଇଥିବା ବେଳେ ବିଜ୍ଞାନ ପାଇଁ ତୁରୁମୁଙ୍ଗା ଦଧିବାମନ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବିରଞ୍ଚି ନାରାୟଣ ମହାରଣା ଓ ପ୍ରାଥମିକ ଶିକ୍ଷାରେ ସରକାରୀ ପ୍ରଥମିକ ବିଦ୍ୟାଳୟ ମଙ୍ଗଳପୁରର ଶିକ୍ଷୟିତ୍ରୀ ତିଳଉମା ବେହେରା, ଡୁମୁରିଆ ସିଆରସିସି ଯୁଧିଷ୍ଠିର ମହାନ୍ତ ଏହି ପୁରସ୍କାର ପାଇଛନ୍ତି। ଶୁକ୍ରବାର କେନ୍ଦୁଝର ମୁଖ୍ୟାଳୟ ଡି ଏନ୍ ହାଇସ୍କୁଲରେ ଅତିରିକ୍ତ ଜିଲାପାଳ ମନ୍ଦଧର ମହାଲିକଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମପି ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀର ଚରଣ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଡିଆଇଇଟି ଅଧ୍ୟକ୍ଷା କଲ୍ୟାଣୀ ମାଝି ଶିକ୍ଷକଙ୍କୁ ମାନପତ୍ର, ମେଡାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଏଡିଇଓ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ସତ୍ୟନାରାୟଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରବୀର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଚଗଲା ସାହୁଙ୍କୁ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ରାମଚନ୍ଦ୍ରପୁର, ୫।୯ (ସମିସ): କେନ୍ଦୁଝର ଜିଲ୍ଲା ଡିଏନ ହାଇସ୍କୁଲରେ ୫୧ ଜଣ ଶିକ୍ଷକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବେଳେ ଘସିପୁରା ବ୍ଲକରୁ ସାତ ଜଣ ଶିକ୍ଷକ ଏହି ପୁରସ୍କାରରେ ସାମିଲ ହୋଇଛନ୍ତି। ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ଦରିଦ୍ର ନାରାୟଣ ବିଦ୍ୟାପୀଠର ସହକାରୀ ଶିକ୍ଷକ ଚଗଲା ସାହୁ ମୁଖ୍ୟମନ୍ତ୍ରୀ ପୁରସ୍କାର ଦ୍ୱିତୀୟଥର ପାଇ ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନା ସମେତ ସମସ୍ତ ସହକର୍ମୀ ଏବଂ ପୁରାତନ ଛାତ୍ର ସଂସଦ ସଭାପତି ଡ. ରତିକାନ୍ତ ବରାଳ, ପ୍ରଭାତ ବରାଳ ସମେତ ଗ୍ରାମବାସୀ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

### ଜମିଜମା ସଂଶୋଧନରେ ଲୋହାର ସମ୍ପ୍ରଦାୟକୁ ଆଦିବାସୀ ଶ୍ରେଣୀଭୁକ୍ତ କରାଯାଉ

# ଦାବି ପୂରଣ ନ ହେଲେ ମହାସଂଘର ଆନ୍ଦୋଳନ

ମହୁଲଡିହା, ୫।୯ (ସମିସ)




ଠାକୁରମୁଣ୍ଡା ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣୀ/ଲୋହାର ସମ୍ପ୍ରଦାୟ ଉନ୍ନୟନ ମହାସଂଘ ତରଫରୁ ତହସିଲଦାର ସମ୍ବିତ କୁମାର କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ କ୍ରମେ ବିନ୍ଧାଣୀ/ଲୋହାର ସମ୍ପ୍ରଦାୟର ମୂଳ ଆଦିବାସୀ ହୋଇଥିଲେ ବି ସେମାନଙ୍କୁ ଜନ୍ମଗତ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ସମ୍ପ୍ରଦାୟର ମୂଳଜାତି କୋଲହ ଓ ମୁଣ୍ଡା ଏବଂ ତାଙ୍କର ଭାଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ରୀତିନୀତି, ଚଳଣି ସବୁ ଆଦିବାସୀଙ୍କ ସହ ସମାନ। ଜନ୍ମଠାରୁ ମୃତ୍ୟୁ ଯାଏ ସମସ୍ତ ସାମାଜିକ କାର୍ଯ୍ୟକ୍ରମ ସାନ୍ତାଳ, କୋଲହ, ମୁଣ୍ଡା, ମାହାଲି ଓ ଅନ୍ୟ ଆଦିବାସୀଙ୍କ ସହିତ ମିଳିମିଶି ପାଳନ କରିଥାନ୍ତି। ଏମାନଙ୍କୁ ସ୍ଥାନୀୟ ଭାଷାରେ ଚାପୁଆ ବିନ୍ଧାଣୀ, କଳା ପିଠିଆ ବିନ୍ଧାଣୀ, ଆଦିବାସୀ କମାର, ମୁଣ୍ଡା କମାର, କୋଲହ କମାର ଜାତିରେ ନାମିତ କରାଯାଇଛି। ତେବେ ପୁନର୍ବାସ ସମୟରେ ଏମାନଙ୍କର ଜାତିକୁ ଠିକ ଭାବରେ ଅନୁଧ୍ୟାନ ନ କରି ମନମୁଖୀ ଭାବେ ବୃତ୍ତିଗତ ସଂଜ୍ଞା ଭିତ୍ତିକୁ ଆଧାରକରି କମାର ଓ ବିନ୍ଧାଣୀ ଜାତି ଉଲ୍ଲେଖ କରାଯାଇ ମୌଳିକ ଅଧିକାରରୁ କ୍ଷୁଣ୍ଣ କରାଯାଇଛି। ତେଣୁ ସରକାରଙ୍କ ତରଫରୁ ବର୍ତ୍ତମାନ ଚାଲିଥିବା ସ୍ୱତନ୍ତ୍ର ଡ୍ରାଇଭ କଲମ-୨ରେ ଏମାନଙ୍କ ଭୁଲ ଜାତିକୁ ସଂଶୋଧନ କରି ସ୍ୱତନ୍ତ୍ର ତଦନ୍ତ କରି ସଠିକ ଜାତି (କୋହ୍‌ଲ ଲୋହାର, ମୁଣ୍ଡା ଲୋହାର ଓ ଠାରୁଆ ବିନ୍ଧାଣୀ) କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କମିଟିର ସଭାପତି ସଚିନ ମୁଣ୍ଡା ଲୁହାରୀ ଓ ଜିଲ୍ଲା କମିଟି ସଂଗଠନ ସମ୍ପାଦକ ସୁନାରାମ ବିନ୍ଧାଣୀ, ଠାକୁରମୁଣ୍ଡା ତହସିଲ କମିଟି ସଭାପତି ଚରଣ ଲୋହାର, ଉପ ସଭାପତି ରୁକ୍ମଣୀ ଲୋହାର, ସମ୍ପାଦକ କୈଳାଶଚନ୍ଦ୍ର ଲୋହାର, ସହ ସମ୍ପାଦକ ସୁହାଗୀ ବିନ୍ଧାଣୀ, ଉପଦେଷ୍ଟା ଯାଦବ ଲୋହାର, ସଂଗଠନ ସମ୍ପାଦକ କର୍ମୁ ଲୋହାର ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ଉକ୍ତ ସଂପ୍ରଦାୟର ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମହାସଂଘ ଚେତାବନୀ ଦେଇଛି।

## 'ଜାଗ ମୟୂରଭଞ୍ଜ ଜାଗ' ପକ୍ଷରୁ ଗୁରୁପୂଜନ ଉତ୍ସବ

ବାରିପଦା, ୫।୯ (ସମିସ): ପବିତ୍ର ଗୁରୁଦିବସ ଅବସରରେ ସ୍ୱେଚ୍ଛାସେବୀ ସଙ୍ଗଠନ 'ଜାଗ ମୟୂରଭଞ୍ଜ ଜାଗ' ପକ୍ଷରୁ ଗୁରୁ ପୂଜନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଅରୁଣ କୁମାର ବେହେରାଙ୍କ ସଭାପତିତ୍ୱରେ ଲାୟନ୍ସ କ୍ଲବଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବାରିପଦା ପୌର ପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଯୋଗଦେଇ ଗୁରୁଙ୍କୁ ସଂସାରରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉପ-ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡା ଯୋଗଦେଇ ଏବେ ବି ଗୁରୁ ପୂଜନ ପରମ୍ପରା ଆଜିର ସମାଜରେ ପ୍ରତିଷ୍ଠିତ ହୋଇ ରହିଛି ବୋଲି ମତବ୍ୟକ୍ତ କରିଥିଲେ ଓ ଗୁରୁ ହିଁ ସମାଜର ମୁଖ୍ୟ କର୍ଣ୍ଣଧାରା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ଦାସ ଓ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଶିକ୍ଷା ଓ ଶିକ୍ଷକ ବିନା ସମାଜର ଉନ୍ନତି ଅସମ୍ଭବ ବୋଲି କହିଥିଲେ। ଶିକ୍ଷକ ଡ଼ଃ ଶଶୀଧର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ୮୦ ଜଣ ଅବସରପ୍ରାପ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର ଓ ଉପଢୌଉକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅବସର ପ୍ରାପ୍ତ ଶିକ୍ଷକ ବଳରାମ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପରିଶ୍ରମ ଅନୁସାରେ ଫଳ ମିଳିବ। ମାନସମ୍ମାନ ବୃଦ୍ଧି ପାଇବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**ବୃଷ:** ଦୂର ଯାତ୍ରା ଯୋଗ ଅଛି। ଯାନବାହନ କିଣିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** କ୍ୟାରିୟରକୁ ଗୁରୁତ୍ୱ ଦେବେ। ମହିଳାମାନେ ଅଳଙ୍କାର କିଣାକିଣିରେ ସମୟ ଅତିବାହିତ କରିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ଆୟ ଅନୁସାରେ ବ୍ୟୟ ହେବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ନୂତନ ଜମି କ୍ରୟ କରିପାରନ୍ତି। ପରିବାର ସହିତ ହସଖୁସିର ସମୟ ବିତାଇବେ। ଜୀବନସାଥୀଙ୍କ ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେଇପାରେ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଉଧାର ଟଙ୍କା ଫେରି ପାଇବେ। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ରାଜନେତାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

## ଆଜିର ଇତିହାସ

- ୧୯୧୬- ପ୍ରଥମ ସୁପର୍ ମାର୍କେଟ୍ ଆମେରିକାର ଟେନେସିରେ ଖୋଲିଲା।
- ୧୯୪୮- ଜୁଲିଆନା ନେଦରଲ୍ୟାଣ୍ଡର ମହାରାଣୀ ହେଲେ।
- ୧୯୭୫: ତୁର୍କୀରେ ହୋଇଥିବା ଭୂମିକମ୍ପରେ ୨୦୦୦ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା।
- ୧୯୯୭- ସପ୍ତାହେ ଧରି ଶୋକ ପାଳନ ପରେ ଯୁବରାଣୀ ଡାଏନାଙ୍କୁ ବ୍ରିଟେନ୍ ସହ ବିଶ୍ୱବାସୀ ଶେଷ ବିଦାୟ ଦେଇଥିଲେ।




### ଭିନ୍ନ ଜଣେ ବ୍ୟକ୍ତି

# କଳରେ ଜାକିଛନ୍ତି ୧୫୦ରୁ ଅଧିକ ପିନ୍

ଅନେକ ଲୋକ ଅଛନ୍ତି ଯେଉଁମାନେ ସେମାନଙ୍କର ବଦଭ୍ୟାସ ପାଇଁ ମଧ୍ୟ ଚର୍ଚ୍ଚାରେ ରହିଥାନ୍ତି। ସେମିତି ଜଣେ ବ୍ୟକ୍ତି ହେଲେ, ମଧ୍ୟପ୍ରଦେଶ ସତନାର ସଞ୍ଜୟ ବିଶ୍ୱକର୍ମା। ୪୫ ବର୍ଷୀୟ ସଞ୍ଜୟ ପାଟିକଳରେ ୧୫୦ରୁ ଅଧିକ ପିନ୍ ଜାକି ରଖିଥାନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏପରି କରିବା ସତ୍ତ୍ୱେ ତାଙ୍କର ଖାଦ୍ୟପେୟରେ କୌଣସି ସମସ୍ୟା ହୋଇନାହିଁ କି ତାଙ୍କର ଦନ୍ତଜନିତ ସମସ୍ୟା ମଧ୍ୟ ନାହିଁ। ତେବେ ଏନେଇ ସଞ୍ଜୟଙ୍କ କହିବା କଥା, 'ପାନରେ ଚୂନ ଅଧିକ ହୋଇଗଲେ କଳ ଖାଇଯିବା ଆଶଙ୍କା ଥାଏ। ପିନ୍ ଥିଲେ ପାଟି ଭିତରେ ଏଭଳି ସମସ୍ୟା ଉପୁଜେ ନାହିଁ।' ସଞ୍ଜୟ ୧୨ ବର୍ଷ ବୟସରୁ ପାନ ଖାଇବା ଆରମ୍ଭ କରିଥିଲେ। ପାନ ଖାଇବା ସମୟରେ ସେ ଦାନ୍ତରେ ଲାଖି ରହୁଥିବା ଗୁଆକୁ କାଢ଼ିବା ପାଇଁ ଦିଆସିଲି କିମ୍ବା ଧୂପକାଠିକୁ ବ୍ୟବହାର କରୁଥିଲେ। ହେଲେ ଏହା ଜଲ୍‌ଦି ଭାଙ୍ଗିଯାଉଥିଲା। ଏହାର ବିକଳ୍ପ ଭାବେ ସେ ପିନ୍‌କୁ ବାଛିଥିଲେ। ଧୀରେ ଧୀରେ ସେ ପିନ୍‌କୁ ପାଟିରେ ଜାକି ରଖିବା ଆରମ୍ଭ କଲେ। ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇଥିଲା। ଦିନକୁ ଦିନ ଏହି ପିନ୍ ସଂଖ୍ୟା ବଢ଼ିଲା। ତାଙ୍କ କହିବାନୁଯାୟୀ, ସେ ଏଥିପାଇଁ କେବେହେଲେ ପିନ୍ କିଣି ନାହାନ୍ତି। ସେ ଡ୍ରେସ୍ ଦୋକାନ, ଅଫିସ୍‌ଗୁଡ଼ିକରୁ ପିନ୍ ଲୁଚାଇ ନେଇ ଆସନ୍ତି। ସମୟ କ୍ରମେ ତାଙ୍କ ପାଖରେ ପିତ୍ତଳ, ଷ୍ଟିଲ୍, ଲୁହା ସମେତ ବିଭିନ୍ନ ଡିଜାଇନ୍‌ର ପିନ୍ ବଢ଼ିବାକୁ ଲାଗିଲା। ଲୋକେ ତାଙ୍କୁ ଏବେ ତାଙ୍କର ଏହି ସ୍ୱଭାବ ପାଇଁ ଜାଣୁଛନ୍ତି। ତାଙ୍କର ଏହି ନିଆରା ଅଭ୍ୟାସ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଦାନ୍ତଘଷିବା, ଭୋଜନ ଏପରିକି ଗାଧୋଇବା ସମୟରେ ମଧ୍ୟ କଳରେ ସେ ପିନ୍ ଜାକିଥାନ୍ତି। କିଛି ବର୍ଷ ପୂର୍ବେ କିଛି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଜବଲପୁର ଚିକିତ୍ସାଳୟକୁ ନେଇ ତାଙ୍କ ପାଟିର ଯାଞ୍ଚ କରାଇଥିଲେ। ଡାକ୍ତରମାନେ ତାଙ୍କୁ ଦେଖି ବିସ୍ମିତ ହୋଇଥିଲେ। ସେ ଯେଉଁ କଳରେ ପାନ ଖାଉଥିଲେ ସେହି କଳ ତାଙ୍କର ଖାଇ ଯାଇଥିଲା। ହେଲେ ଯେଉଁ କଳରେ ସେ ପିନ୍ ଜାକିଥିଲେ ସେଥିରେ କୌଣସି ସମସ୍ୟା ନ ଥିଲା। ତାହା ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲା। ପ୍ରଥମେ ପ୍ରଥମେ ତାଙ୍କର ଏପରି ଅଭ୍ୟାସ ଦେଖି ସଞ୍ଜୟଙ୍କ ପିତାମାତା ବିରକ୍ତ ହେଉଥିଲେ। ଧୀରେ ଧୀରେ ସେମାନେ ଏହାକୁ ଅଣଦେଖା କରି ଦେଇଥିଲେ। ସେହିପରି ସଞ୍ଜୟଙ୍କ କହିବାନୁଯାୟୀ ସ୍କୁଲ୍, କଲେଜ ସମୟରେ ସେ ତାଙ୍କର ଏହି ଅଭ୍ୟାସକୁ କାହାରିକୁ ଜଣାଇ ନ ଥିଲେ। ଏବେ କିନ୍ତୁ ଲୋକେ ତାଙ୍କୁ ଏବାବଦରେ ଖୁଲମ୍‌ଖୁଲ୍ଲା ପଚାରୁଛନ୍ତି।

# ଆସିବ 'ଫୋର୍ସ ୩'



ବଲିଉଡ୍ ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ଆକ୍ସନ୍‌ଭିତ୍ତିକ ଚଳଚ୍ଚିତ୍ର 'ଫୋର୍ସ' ଓ 'ଫୋର୍ସ ୨' ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ହିଟ୍ ହୋଇଛି। ଏହି ଦୁଇଟି ଫିଲ୍ମରେ ଜନ୍ ଦମ୍‌ଦାର୍ ଅବତାରରେ ନଜର ଆସିଥିଲେ। ଏହାର ଦ୍ୱିତୀୟ ପାର୍ଟ ୨୦୧୬ରେ ଆସିଥିଲା। ସେବେଠାରୁ ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଖୁବ୍‌ଶୀଘ୍ର ଦର୍ଶକେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ଦେଖିବାକୁ ପାଇବେ ବୋଲି ଜଣାପଡ଼ିଛି। ଏହି ଫିଲ୍ମ ମାଧ୍ୟମରେ ଜନ୍ ଏସିପି ଯଶବର୍ଦ୍ଧନ ସିଂହ ଭୂମିକାରେ ପୁଣିଥରେ ଦର୍ଶକଙ୍କ ନିକଟକୁ ଫେରିବେ। 'ଖାକି- ଦ ବିହାର ଚାପ୍ଟର' ୱେବ୍ ସିରିଜ୍ ନିର୍ଦ୍ଦେଶନା ଦେଇଥିବା ଭବ୍ୟ ଧୂଲିଆଙ୍କ ସହ ଜନ୍ ଏହି ଫିଲ୍ମର କାମ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଫୋର୍ସ' ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମ ଭଳି ଜନ୍ ଏଥିରେ ହିରୋ ଭୂମିକାରେ ଦେଖାଯିବେ। ତେବେ ଏଥିରେ ଖଳନାୟକ ଭୂମିକା ପାଇଁ ସେ ଜଣେ ଭଲ କଳାକାର ସନ୍ଧାନରେ ଅଛନ୍ତି। ଜନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଶେଷ ଥର ପାଇଁ 'ତେହରାନ୍' ଫିଲ୍ମରେ ନଜର ଆସିଥିଲେ। ଏହା ଓଟିଟି ପ୍ଲାଟଫର୍ମ ନେଟ୍‌ଫ୍ଲିକ୍ସରେ ରିଲିଜ୍ ହୋଇଥିଲା।

ବାଇଗଣକୁ କେବଳ ଭାରତ ନୁହେଁ, ବିଶ୍ୱର ବିଭିନ୍ନ ଦେଶର ଲୋକେ ଖାଆନ୍ତି। ଏହି କ୍ରମରେ ଆମେରିକାର ଜଣେ ବ୍ୟକ୍ତି ଏକ ବିଶାଳକାୟ ବାଇଗଣ ଫଳାଇ ଗିନିଜ୍ ବିଶ୍ୱ ରେକର୍ଡ କରିଛନ୍ତି। ଏରିକ୍ ଗନସ୍ଟ୍ରୋମ ନାମକ ଏହି ଚାଷୀ ଜଣକ ଆମେରିକାର ପେନସିଲଭାନିଆରେ ରୁହନ୍ତି। ସେ ଏକ ବିଲେଇ ଓଜନର ବାଇଗଣ ଫଳାଇଛନ୍ତି। ଏହାର ଓଜନ ୩.୯୬୯ କେଜି ରହିଛି। ଗତ ଅଗଷ୍ଟ ୧୯ରେ ଗନସ୍ଟ୍ରୋମ ଏହି ରେକର୍ଡ କରିଥିଲେ। ଗ୍ରେଟ୍ ପମ୍ପକିନ୍ କମନୱେଲଥର ବିଶାଳ ଫଳ ଓ ପନିପରିବା ବିଶେଷଜ୍ଞ ଏହି ବାଇଗଣକୁ ଓଜନ କରି ଏହାକୁ ବିଶ୍ୱର ସବୁଠୁ ଓଜନଦାର ବାଇଗଣ ବୋଲି ଘୋଷଣା କରିଛନ୍ତି। ଗନସ୍ଟ୍ରୋମ ବିଗତ ତିନିବର୍ଷ ହେଲାଣି ତାଙ୍କ ଜମିରେ ଏଭଳି ବିଶାଳକାୟ ପନିପରିବା ଓ ଫଳ ଚାଷ କରି ଆସୁଛନ୍ତି। ଏହା ଏବେ ତାଙ୍କର ଏକ ନିଶା ପାଲଟିଛି। ଦୁଇ ଦଶନ୍ଧି ପୂର୍ବରୁ ସେ ପ୍ରଥମେ ବିଶାଳକାୟ କଖାରୁ ଫଳାଇବା ଆରମ୍ଭ କରିଥିଲେ। ଏହି ସମୟରେ ସେ ଅନେକଗୁଡ଼ିଏ ବିଶାଳକାୟ କଖାରୁ ତାଙ୍କ ଜମିରେ ଫଳାଇଥିଲେ। ତେବେ ଗନସ୍ଟ୍ରୋମ ବିଶ୍ୱ ରେକର୍ଡ ପାଇଁ ଦୁଇଟି ବାଇଗଣ ନେଇଥିଲେ। ଗୋଟିକର ଓଜନ ୩.୯୦୦ କେଜି ହୋଇଥିବାବେଳେ ଅନ୍ୟଟି ୩.୯୬୯ ଓଜନର ଥିଲା। ତେବେ ଚଳିତବର୍ଷ ବାରମ୍ବାର ପାଗ ବଦଳିବାରୁ ଗନସ୍ଟ୍ରୋମଙ୍କୁ ଏହି ବାଇଗଣ ଫଳାଇବାକୁ ବହୁତ କଷ୍ଟ କରିବାକୁ ପଡ଼ିଥିଲା ବୋଲି ସେ କହିଛନ୍ତି।



# ସହଜେ ଶରତ କାଳ



ନିରଞ୍ଜନ ସାହୁ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ।
ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ।
ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ।
ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡ଼ୁ
ଉଙ୍କି ମାରି ଲୁଚିଯିବ ।
ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ।
ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ।
ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ି ବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ।
ଶରତ କାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ।■

ନିହଲ ପ୍ରସାଦ, ଢେଙ୍କାନାଳ
ମୋ- ୯୯୩୮୭୪୧୫୮୩



# ଦେଖାନ୍ତି ଆମକୁ ଆଲୋକ ପଥ



ସୁଜିତ କୁମାର ମିଶ୍ର

ଦେଖାନ୍ତି ଆମକୁ ଆଲୋକ ପଥ ଯେ
ଅନ୍ଧକାର କରି ଦୂର,
ସିଏ ଆମ ଗୁରୁ ଶିକ୍ଷାରେ ତାଙ୍କର
ଥାଏ ସମାଜର ସ୍ୱର ।
ହାତ ଧରି ଗୁରୁ ଶିଖାନ୍ତି ସଂସାରେ
ଶିକ୍ଷଣୀୟ କଥା ବହୁ,
ବଚନ ତାଙ୍କର କୋମଳ ଆଦର
ଭରିରହିଥାଏ ମହୁ ।
ଆକଟ କରନ୍ତି ପାଶେ ପାଶେ ରହି
ଆମ ହିତ ପାଇଁ ନିତି,
ଭୁଲ ଠିକ ସବୁ ବୁଝାଇ ଦିଅନ୍ତି
ଜାଳି ତାଙ୍କ ଜ୍ଞାନବତୀ ।
ଚଗଲା ହୋଇଲେ ଶ୍ରେଣୀ କକ୍ଷେ ଆମେ
ପିଠିରେ ବସାନ୍ତି ଛାଟ,
ଆମେ ଅରଜିଲେ ଯଶ ଓ କୀରତି
ଛାତି ତାଙ୍କ କୁଣ୍ଢେ ମୋଟ ।
ଆଶିଷ ଦିଅନ୍ତି ହୃଦୟରୁ ତାଙ୍କ
ଆପଣା ସନ୍ତାନ ପରି,
ଆମ ନାଆର ସେ ପରା ସେ ନାଉରୀ
ବିପଦକୁ ନିଜେ ବରି ।
ତୁମେ ପ୍ରେରଣାର ବାରିଧାରା ଆମ
ରହି ତୁମ ତପୋବନେ,
ତୁମ ଚରଣରେ ଗୁହାରି ମୋହର
ଘେନ ଭକ୍ତି ପ୍ରତିକ୍ଷଣେ ।■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ସୁମନ

# ଏକତା ହିଁ ବଳ





ଲଳିତ ମୋହନ ମିଶ୍ର

ଲଖାରି ଜଙ୍ଗଲରେ ଟୁମ୍ପୁ ପେଚା ରହୁଥିଲା। ରାତି ହେଲେ ଖାଦ୍ୟ ଖୋଜିବାକୁ ଯାଉଥିଲା। ହଠାତ୍ ଦିନେ ସେ ଜଙ୍ଗଲରେ ତମ୍ବୁ ଟଣା ହୋଇଥିବାର ଦେଖିଲା। ତମ୍ବୁ ପାଖରେ ଗୋଟିଏ ଗାଡ଼ି । ଟୁମ୍ପୁ ତମ୍ବୁକୁ ଦେଖି ଡରିଗଲା । ଭାବିଲା ଏହା ଆମ ପାଇଁ ବିପଦ । ସକାଳ ହେବା ପୂର୍ବରୁ, ସେ ଶବ୍ଦ କରି ସମସ୍ତଙ୍କୁ ଉଠାଇଲା । ଗାଡ଼ି ବିଷୟରେ ଅବଗତ କରାଇଲା । ବ୍ଲାକି ଭାଲୁ ମନୁଷ୍ୟମାନଙ୍କ ଆଚରଣ ବିଷୟରେ ପରିଚିତ । କାରଣ ସେ ଏକ ସର୍କସ ଦଳରୁ ଖସି ଆସି ଜଙ୍ଗଲରେ ରହୁଛି । ସେ ଦେଖିଲା କିଛି ଲୋକ ତମ୍ବୁ ଭିତରେ ଶୋଇଛନ୍ତି । ସେମାନଙ୍କ ପାଖରେ ବିଭିନ୍ନ ପ୍ରକାରର ହତିଆର ରହିଛି । ସେମାନେ ଗଛ କାଟିବାକୁ ଜଙ୍ଗଲକୁ ଆସିଛନ୍ତି । ଜ୍ୟାକି ହରିଣ ଏକଥା ଶୁଣି ଥରି ଉଠିଲା । କହିଲା - ଯଦି ଗଛ କଟାଯାଏ, ତେବେ ଆମେ କେଉଁଠି ରହିବା?

'ମଣିଷ ବଡ଼ ସ୍ୱାର୍ଥପର। ତା'ର ଜଙ୍ଗଲି କାଠ ପ୍ରତି ଭାରି ଲୋଭ । ମନୁଷ୍ୟ ଗଛ କାଟି ନିଜକୁ କ୍ଷତି ପହଞ୍ଚାଉଛି । ଗଛରୁ ଜଙ୍ଗଲ ସୃଷ୍ଟି ହୁଏ, ଆମେ ପଶୁ ପକ୍ଷୀମାନଙ୍କ ରହିବା ପାଇଁ ସ୍ଥାନ ମିଳେ । ଗଛ ଦ୍ୱାରା ବର୍ଷା ହୁଏ । ବୃକ୍ଷର ମୂଳ ଉର୍ବର ମାଟିକୁ ଧରି ରଖେ। ବର୍ଷାରେ ଏହାକୁ ଧୋଇ ହେବାକୁ ଦିଏ ନାହିଁ। କେବଳ ଗଛରୁ ହିଁ ସ୍ୱଚ୍ଛ ବାୟୁ ମିଳିଥାଏ', ଚିକୁ ଠେକୁଆ କହିଲା। 'ଖାଦ୍ୟ, ଔଷଧ ଏବଂ ଅନ୍ୟାନ୍ୟ ଜିନିଷ ବୃକ୍ଷରୁ ହିଁ ମିଳିଥାଏ' ବୋଲି ଜମ୍ପି ମାଙ୍କଡ଼ କହିଲା। "ମଣିଷ କ'ଣ ଏସବୁ ବୁଝି ପାରୁନାହିଁ କି ଜାଣି ପାରୁନାହିଁ । ଆମେ ସେମାନଙ୍କୁ ଗଛ କାଟିବାକୁ ଦେବା ନାହିଁ" ଜମ୍ବୋ ହାତୀ ରାଗି କରି କହିଲା। "ସେମାନଙ୍କ ପାଖରେ ବନ୍ଧୁକ ଅଛି। ସେମାନେ ଆମକୁ ମାରି ଦେଇ ପାରିବେ" ବୋଲି ବ୍ଲାକି ଭାଲୁ କହିଲା। ଜମ୍ପି ମାଙ୍କଡ଼ ବହୁତ ସାହସୀ। ସେ ସମସ୍ତଙ୍କୁ କହିଲା,ଯଦି ଆମେ ଏପରି ଭୟଭୀତ ହୋଇ ପଡ଼ିବା ତେବେ କାମ କିଛି ହେବନାହିଁ। ଆମକୁ ଏକାଠି ଯୋଜନା କରିବାକୁ ପଡ଼ିବ । ଆମେ ଜଙ୍ଗଲକୁ ସୁରକ୍ଷିତ ରଖିବା। "ଯାହା କରୁଛ ଶୀଘ୍ର କର, ସେମାନେ ଉଠିଲେ ଗଛ କାଟିବା ଆରମ୍ଭ କରିଦେବେ" ବୋଲି ଜମ୍ବୋ କହିଲା। ଚିକୁ ଠେକୁଆ ମନରେ ଏକ ଯୋଜନା କଲା, ଯଦି ଏହି ହାତ-ହତିଆର ଆମର କରାୟତ ହୋଇଯିବ, ତେବେ ସେମାନେ କିଛି କରି ପାରିବେ ନାହିଁ । ସମସ୍ତଙ୍କୁ ଏହି କଥାଟି ପସନ୍ଦ ଆସିଲା। ସେହି ଅନୁସାରେ ସମସ୍ତେ କାମ କଲେ । ମଣ୍ଟୁ ମୂଷା ଓ କାନ୍ଦୁରୀ ବିରାଡ଼ି ନିଜ ଦାନ୍ତରେ ତମ୍ବୁକୁ ଟିକ୍ ଟିକ୍ କରି କାଟିଦେଲେ । ତମ୍ବୁଟି କଣା ହୋଇଯିବା ପରେ ବ୍ଲାକି ଭାଲୁ ଓ ଜମ୍ପି ମାଙ୍କଡ଼ ଭିତରେ ପଶି ବନ୍ଧୁକ ଏବଂ ହତିଆରଗୁଡ଼ିକୁ ଗୋଟି ଗୋଟି କରି ଜ୍ୟାକି ହରିଣକୁ ବଢ଼ାଇ ଦେଲେ । ଜମ୍ବୋ ହାତୀ ତା'ର ଶୁଣ୍ଢରେ ସେଗୁଡ଼ିକୁ ନେଇ ନଦୀକୁ ଫିଙ୍ଗି ଦେଲା। କିଛି ସମୟ ପରେ ମଣିଷମାନଙ୍କର ନିଦ ଭାଙ୍ଗିଲା । ସମସ୍ତ ପଶୁ ତମ୍ବୁ ଚାରିପାଖରେ ଘେରି ରହିଥିବାର ଦେଖି ସେମାନେ ଭୟଭୀତ ହୋଇଗଲେ। ସେଥିରୁ ଜଣେ ବ୍ୟକ୍ତି କହିଲେ, ଶୀଘ୍ର ବନ୍ଧୁକ ଆଣ । କିନ୍ତୁ ବନ୍ଧୁକ ଏଠାରେ ନାହିଁ। ସେଗୁଡ଼ିକ ଗାଡିରେ । ପଶୁମାନଙ୍କୁ ଦେଖି ସେମାନେ ଭୟରେ ଥରୁଥିଲେ। ତା'ପରେ ବ୍ଲାକିର ଇଶାରାରେ ସମସ୍ତେ ମିଶି ମଣିଷମାନଙ୍କୁ ଆକ୍ରମଣ କଲେ। ମାଙ୍କଡ଼ମାନେ ସେମାନଙ୍କ ହାତ ଏବଂ ଗୋଡ଼ କାମୁଡ଼ି ଦେଲେ । ବିରାଡ଼ି ସେମାନଙ୍କ ନଖରେ ସେମାନଙ୍କୁ ରାମ୍ପି ପକାଇଲେ। ପକ୍ଷୀମାନେ ସବୁଠାରୁ ଅଧିକ ରାଗିଥିଲେ। କାରଣ ଗଛ କାଟିବା ଦ୍ୱାରା ସେମାନଙ୍କ ବସା ନଷ୍ଟ ହୋଇଯାଉଥିଲା। ସେମାନେ ସେମାନଙ୍କର ଥଣ୍ଟରେ ଆଖିକୁ ଆକ୍ରମଣ କଲେ। ମଣିଷମାନେ ଭୟରେ ଚିତ୍କାର କରିବାକୁ ଲାଗିଲେ। ତା'ପରେ ଜମ୍ବୋ ହାତୀ ସମସ୍ତଙ୍କୁ ଅଟକାଇଲା । ଆମେ ସେମାନଙ୍କୁ ମାରିବା ନାହିଁ । ସେମାନଙ୍କୁ ଏଠାରୁ ପଳାଇ ଯିବାକୁ ଦିଅ । ଯାହା ଫଳରେ ସେମାନଙ୍କର ଏହିପରି ଅବସ୍ଥା ଦେଖି ଆଉ କେହି ଏଠାକୁ ଆସିବାକୁ ସାହସ କରିବେ ନାହିଁ। ସମସ୍ତ ପଶୁ ଏବଂ ପକ୍ଷୀ ଏକ ସ୍ଥାନକୁ ଚାଲିଗଲେ। ମଣିଷମାନେ ଗାଡ଼ିରେ କୌଣସି ପ୍ରକାରେ ବସି ପଳାଇଗଲେ। ବ୍ଲାକି ଭାଲୁ କହିଲା, ଆମେ ଏକାଠି ହୋଇ ବୁଦ୍ଧିର ସହିତ କାର୍ଯ୍ୟ କରିବା ଦ୍ୱାରା ଶକ୍ତିଶାଳୀ ହୋଇପାରିଲେ ଏବଂ ସେମାନଙ୍କୁ ପରାସ୍ତ କଲେ। ଆମ ଜଙ୍ଗଲକୁ ଆମେ ସୁରକ୍ଷିତ ରଖି ପାରିଲେ । ତେଣୁ ଏକତା ହିଁ ବଳ ।■

ନୟାଗଡ଼
ମୋ- ୯୪୩୭୯୮୫୮୬୬

## ସକାଳ ଶିଶୁ କୁଇଜ୍-୧୭୫

(୧) କ୍ଷେତ୍ରଫଳ ଦୃଷ୍ଟିରୁ ବିଶ୍ୱର ସବୁଠୁ ବଡ଼ ଦେଶର ନାମ କ'ଣ?
ଉତ୍ତର: ______

(୨) କୋଟା ସହର କେଉଁ ନଦୀ କୂଳରେ ଅବସ୍ଥିତ?
ଉତ୍ତର: ______

(୩) ଦୁଇ ଥର ନୋବେଲ ପୁରସ୍କାର ଜିତିଥିବା ପ୍ରଥମ ବ୍ୟକ୍ତି କିଏ ଥିଲେ?
ଉତ୍ତର: ______

(୪) ଅୟପ୍ପା ମନ୍ଦିର ଭାରତର କେଉଁ ରାଜ୍ୟରେ ଅଛି?
ଉତ୍ତର: ______

(୫) ମାନବ ଶରୀରର ସବୁ ଛୋଟ ଗ୍ରନ୍ଥିର ନାମ କ'ଣ?
ଉତ୍ତର: ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଦେବାଶିଷ କର, ଆଙ୍କପଦା, ଭଦ୍ରକ
- ଦେବାଶିଷ ବଡ୍ଡୁ, ବସ୍ତା, ବାଲେଶ୍ୱର
- ସୁନୀତା ସାହୁ, ମଞ୍ଚେଶ୍ୱର, ଭୁବନେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯




ଗୌରୀ ପାଇକ
ସପ୍ତମ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚନ୍ଦନପାଲା, ନବରଙ୍ଗପୁର




ଦମୟନ୍ତୀ ଟୁଡୁ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ




ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ଜୋବ୍ରା, କଟକ




ସାଇସ୍ୱରୂପ ମହାପାତ୍ର
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ନିମାପଡ଼ା

● ଦୁଲୀପ୍ ଟ୍ରଫି ସେମିଫାଇନାଲ

## କେନ୍ଦ୍ରାଞ୍ଚଳର ଲଢୁଆ ଜବାବ

ବେଙ୍ଗାଲୁରୁ,୫।୯ (ଏଜେନ୍ସି): ଏଠାରେ ଚାଲିଥିବା ପଶ୍ଚିମାଞ୍ଚଳ ବିପକ୍ଷ ଦୁଲୀପ୍ ଟ୍ରଫିର ପ୍ରଥମ ସେମିଫାଇନାଲରେ କେନ୍ଦ୍ରାଞ୍ଚଳ ଲଢୁଆ ଜବାବ ଦେଇଛି। ପ୍ରଥମ ଇନିଂସରେ ପଶ୍ଚିମାଞ୍ଚଳର ୪୩୮ ରନ୍ ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା କେନ୍ଦ୍ରାଞ୍ଚଳ ୨ ୱିକେଟରେ ୨୨୯ ରନ୍ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଶୁଭମ ଶର୍ମା ୬୦ ଓ ଅଧିନାୟକ ରଜତ ପାଟିଦାର ୪୭ ରନ୍‌ରେ ଅପରାଜିତ ରହିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ବିପକ୍ଷରେ ଦ୍ୱିଶତକ ହାସଲ କରିଥିବା ଡାନିସ ମାଲେୱାର ୭୬ ଓ ଆୟୁଷ ପାଣ୍ଡେ ୪୦ ରନ୍‌ରେ ଆଉଟ ହୋଇଛନ୍ତି। ପୂର୍ବରୁ ତନୁସ କୋଟିଆନଙ୍କ ୭୬ ଓ ଅଧିନାୟକ ଶାର୍ଦ୍ଦୁଳ ଠାକୁରଙ୍କ ୬୪ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ପଶ୍ଚିମାଞ୍ଚଳ ୪୩୮ ରନ୍‌ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଋତୁରାଜ ଗାଏକ୍ୱାଡ ସର୍ବାଧିକ ୨୮୪ ରନ୍ କରିଥିଲେ। କେନ୍ଦ୍ରାଞ୍ଚଳର ସାରାଂଶ ଜୈନ ଓ ହର୍ଷ ଦୁବେ ୩ଟି ଲେଖାଏଁ, ଖଲୀଲ ଅହମ୍ମଦ୍ ୨ଟି ୱିକେଟ ପାଇଥିଲେ।

■ ଦକ୍ଷିଣାଞ୍ଚଳର ବିଶାଳ ସ୍କୋର

ଉତ୍ତରାଞ୍ଚଳ ବିପକ୍ଷ ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ୫୩୬ ରନ୍ କରି ଅଲଆଉଟ ହୋଇଯାଇଛି। ଦଳ ପକ୍ଷରୁ ତାମିଲନାଡୁ ଓପନର ଏନ୍ ଜଗଦୀଶନ ସର୍ବାଧିକ ୧୯୭ ରନ୍ କରି ମାତ୍ର ୩ ରନ୍ ଲାଗି ଦ୍ୱିଶତକରୁ ବଞ୍ଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନୟ ତ୍ୟାଗରାଜନ (୫୮), ରିକି ଭୂଇ (୫୪) ଓ ଦେବଦତ୍ତ ପଡିକାଲ (୫୭) ଅର୍ଦ୍ଧଶତକ ହାସଲ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଯୁବ ସ୍ପିନ ଅଲରାଉଣ୍ଡର ନିଶାନ୍ତ ସିନ୍ଧୁଙ୍କୁ ସର୍ବାଧିକ ୫ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ ମିଳିଥିଲା।

## ଅବସରର ୩ ବର୍ଷ ପରେ ଟେଲରଙ୍କ ପ୍ରତ୍ୟାବର୍ତ୍ତନ

ଆପିଆ, ୫।୯ (ଏଜେନ୍ସି): ନ୍ୟୁଜିଲାଣ୍ଡର ମହାନ କ୍ରିକେଟର୍ ରସ୍ ଟେଲର୍ ଅବସର ନେବାର ୩ ବର୍ଷ ପରେ ନିଷ୍ପତ୍ତିରେ ୟୁ ଟର୍ନ ନେଇଛନ୍ତି। ୪୧ ବର୍ଷୀୟ ଟେଲର ପୁଣିଥରେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଟେଲର ଏଥର ନ୍ୟୁଜିଲାଣ୍ଡ ପାଇଁ ନୁହେଁ ବରଂ ଓସେନିଆର ଦ୍ୱୀପ ରାଷ୍ଟ୍ର ସମୋଆ ପାଇଁ ୨୦୨୬ ଟି-୨୦ ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବେ। ଏଥିଲାଗି ଶୁକ୍ରବାର ଘୋଷିତ ୧୫ ଜଣିଆ ସମୋଆ ଦଳରେ ଟେଲରଙ୍କୁ ସୁଯୋଗ ଦିଆଯାଇଛି। ଟେଲରଙ୍କ ମା ସମୋଆର ନାଗରିକ ହୋଇଥିବାରୁ ତାଙ୍କୁ ସହଜରେ ଏହି ଦ୍ୱୀପରାଷ୍ଟ୍ରର ପାସପୋର୍ଟ ମିଳିଯାଇଥିଲା। ସେହିଭଳି ନ୍ୟୁଜିଲାଣ୍ଡ କ୍ରିକେଟ୍ ବୋର୍ଡର ନିୟମ ଅନୁଯାୟୀ, ଅବସରର ୩ ବର୍ଷ ଅର୍ଥାତ୍ 'କୁଲିଂ ଅଫ୍ ପିରିୟଡ' ପରେ ଜଣେ ଖେଳାଳି ଅନ୍ୟ ଦେଶରୁ ଖେଳିବାକୁ ଯୋଗ୍ୟ ହୋଇଥାଏ। ଯାହାକୁ ଟେଲର ପୂରଣ କରିଥିଲେ। ଉଲ୍ଲେଖଯୋଗ୍ୟ, ଟେଲର ୨୦୨୨ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେଇଥିଲେ। ୧୬ ବର୍ଷର କ୍ୟାରିୟରରେ ସେ ନ୍ୟୁଜିଲାଣ୍ଡ ପାଇଁ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି-୨୦ ମ୍ୟାଚ୍ ଖେଳିଥିଲେ। ତିନୋଟିଯାକ ଫର୍ମାଟ୍‌ରେ ସେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଛନ୍ତି। ତାଙ୍କ ନାମରେ ମୋଟ୍ ୪୦ଟି ଶତକ ଲିପିବଦ୍ଧ ରହିଛି। ନ୍ୟୁଜିଲାଣ୍ଡର ଏକମାତ୍ର କ୍ରିକେଟର୍ ଭାବେ ସେ ୩ଟି ଯାକ ଫର୍ମାଟ୍‌ରେ ୧୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ ଖେଳିବାର ସୌଭାଗ୍ୟ ଲାଭ କରିଥିଲେ।

## ଘରୋଇ ମାଟିରେ ଶେଷ ମ୍ୟାଚ୍ ଖେଳିଲେ ମେସି!


ବୁଏନ୍ସ ଆଇରେସ, ୫।୯ (ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ଆର୍ଜେଣ୍ଟିନା ୩-୦ ଗୋଲ୍‌ରେ ଭେନେଜୁଏଲାକୁ ପରାସ୍ତ କରିଛି। ଆର୍ଜେଣ୍ଟିନାର ମହାନ ଖେଳାଳି ଲିଓନେଲ୍ ମେସି ଏହି ମ୍ୟାଚରେ ୨ଟି ଗୋଲ୍ ଦେଇଥିଲେ। ବିଶ୍ୱକପ୍ ପୂର୍ବରୁ ଘରୋଇ ମାଟିରେ ଆର୍ଜେଣ୍ଟିନାର ଏହା ଶେଷ ମ୍ୟାଚ୍ ଥିଲା।



ଅଫିସିଆଲ୍ ଭାବେ ୩୮ ବର୍ଷୀୟ ମେସି ନିଜ ଅବସର ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। କିନ୍ତୁ ଘରୋଇ ମାଟିରେ ମେସିଙ୍କ ଏହା ଶେଷ ମ୍ୟାଚ୍ ଥିଲା ବୋଲି ଚର୍ଚ୍ଚା ଜୋର୍ ଧରିଛି। ସେହିଭଳି ମ୍ୟାଚ୍ ପୂର୍ବରୁ ମେସି ମଧ୍ୟ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିଲେ। ତିନି ସନ୍ତାନ ଥିଆଗୋ, ମାଟେଓ ଓ କିରୋଙ୍କ ସହ ମେସି ଷ୍ଟାଡିୟମରେ ଦର୍ଶକଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ମେସି ଆର୍ଜେଣ୍ଟିନା ପାଇଁ ୧୯୪ ମ୍ୟାଚ୍ ଖେଳି ରେକର୍ଡ ୧୧୪ଟି ଗୋଲ୍ ଦେଇଛନ୍ତି।

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ଆନିସିମୋଭା-ସାବାଲେଙ୍କା ମହିଳା ଫାଇନାଲ





ନ୍ୟୁୟର୍କ,୫।୯ (ଏଜେନ୍ସି)

ବିଶ୍ୱର ନଂ-୧ ଖେଳାଳି ବେଲାରୁଷର ଆରିନା ସାବାଲେଙ୍କା ଓ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ମଧ୍ୟରେ ୟୁଏସ୍ ଓପନ ମହିଳା ଏକକ ଫାଇନାଲ ମୁକାବିଲା ଖେଳାଯିବ। ଆମେରିକାରେ ଗୁରୁବାର ରାତିରେ ଖେଳାଯାଇଥିବା ସେମିଫାଇନାଲ ମୁକାବିଲାରେ ଟପ୍ ସିଡ୍ ସାବାଲେଙ୍କା ୨-୧ ସେଟ୍‌ରେ ଚତୁର୍ଥ ସିଡ ଆମେରିକାର ଜେସିକା ପେଗୁଲାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ଫାଇନାଲରେ ପ୍ରବେଶ କରିଥିଲେ। ସାବାଲେଙ୍କାର ଏହା କ୍ରମାଗତ ତୃତୀୟ ୟୁଏସ୍ ଓପନ ଫାଇନାଲ। ସେହିପରି ଫର୍ମକୁ ଫେରିଥିବା ଜାପାନର ନାଓମି ଓସାକାଙ୍କୁ ୨-୧ ସେଟ୍‌ରେ ହରାଇ ଆମେରିକାର ଆନିସିମୋଭା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ରାତିରେ ଫାଇନାଲ ମୁକାବିଲା ଖେଳାଯିବ।


ମହିଳା ବିଭାଗରେ ବିଶ୍ୱର ନଂ-୧ ଖେଳାଳି ସାବାଲେଙ୍କା ସେମିଫାଇନାଲରେ ନଂ-୪ ପେଗୁଲାଙ୍କଠାରୁ ବଡ଼ ପ୍ରତିରୋଧର ସମ୍ମୁଖୀନ ହୋଇ ନ ଥିଲେ। ଘରୋଇ ମାଟିରେ ଖେଳୁଥିବା ପେଗୁଲା ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ପ୍ରଥମ ସେଟ୍‌କୁ ୬-୪ରେ ଜିତିନେଇଥିଲେ। ଏହାପରେ ସାବାଲେଙ୍କା ଖେଳକୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପେଗୁଲାଙ୍କୁ ସେ ଆଉ କୌଣସି ସୁଯୋଗ ନ ଦେଇ ପରବର୍ତ୍ତୀ ଦୁଇଟି ସେଟ୍‌କୁ ୬-୩, ୬-୪ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ସେ ଯଦି ଘରୋଇ ଦଳର ଆଉ ଜଣେ ଖେଳାଳି ଆନିସିମୋଭାଙ୍କୁ ହରାଇପାରନ୍ତି ତେବେ ୨୦୧୪ ପରେ କ୍ରମାଗତ ଟାଇଟଲ ଜିତିବାରେ ପ୍ରଥମ ମହିଳା ଖେଳାଳି ହେବେ। ୨୦୧୪ରେ ଶେଷଥର ସେରେନା ୱିଲିୟମ୍ସ କ୍ରମାଗତ ଟାଇଟଲ ଜିତିଥିଲେ। ସେହିପରି ଓସାକା ଓ ଆନିସିମୋଭାଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଜୋରଦାର ହୋଇଥିଲା। ପ୍ରଥମେ ଓସାକା ଆକ୍ରମଣାତ୍ମକ ଖେଳି ଟାଇବ୍ରେକରରେ ପ୍ରଥମ ସେଟ୍‌କୁ ଜିତିନେଇଥିଲେ। ଓସାକା ୭-୬ରେ ପ୍ରଥମ ଓ ଆନିସିମୋଭା ୭-୬ ଟାଇବ୍ରେକରରେ ଜିତିନେଇଥିଲେ। ଫଳରେ ମୁକାବିଲା ୧-୧ ସମାନସ୍ତରରେ ରହିଥିଲା। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌ରେ ଆନିସିମୋଭା ୬-୩ରେ ଜିତିବା ସହ ଫାଇନାଲରେ ପ୍ରବେଶ କରିଥିଲେ।

### ପୁରୁଷ ସେମିଫାଇନାଲ

ୟୁଏସ୍ ଓପନ ପୁରୁଷ ବିଭାଗ ଏକକ ସେମିଫାଇନାଲ ଆଜି ରାତିରେ ଖେଳାଯିବ। ପ୍ରଥମ ସେମିଫାଇନାଲରେ ଉଦୀୟମାନ ତଥା ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଜୋରଦାର କରିବାକୁ ୨୪ଟି ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଥିବା ଜୋକୋଭିଚ୍ ଏଠାରେ ରେକର୍ଡ କରିବାକୁ ଆଶାୟୀ ଅଛନ୍ତି। ଅନ୍ୟପକ୍ଷରେ ବିଶ୍ୱର ନଂ-୧ ଖେଳାଳି ଜାନିକ ସିନ୍ନର ଓ ବିପର୍ଯ୍ୟୟ ସୃଷ୍ଟି କରିଥିବା କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌ରେ ସିନ୍ନରଙ୍କୁ ଫେବରାଇଟ୍ ବିବେଚନା କରାଯାଉଛି।

### ସେମିରେ ହାରିଲେ ଭାମ୍ବ୍ରୀ-ଭେନସ

ପୁରୁଷ ଯୁଗଳ ସେମିରେ ୟୁକି ଭାମ୍ବ୍ରୀ ଓ ମାଇକେଲ ଭେନସଙ୍କ ଯୋଡି ପରାଜିତ ହୋଇଛନ୍ତି। ଗୁରୁବାର ରାତିରେ ଖେଳାଯାଇଥିବା ଏହି ମୁକାବିଲାରେ ୬ଷ୍ଠ ସିଡ୍ ଗ୍ରେଟବ୍ରିଟେନର ନିଲ ସ୍କୁପସ୍କି ଓ ଜୋ ସାଲିସବରୀଙ୍କ ଯୋଡି ୬-୭, ୭-୬, ୬-୪ ସେଟ୍‌ରେ ଭାମ୍ବ୍ରୀ-ଭେନସଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ୩ଟି ମଧ୍ୟରୁ ୨ଟି ସେଟ୍ ଟାଇବ୍ରେକରରେ ଶେଷ ହୋଇଥିଲେ ମଧ୍ୟ ଭାମ୍ବ୍ରୀ-ଭେନସ ସେମାନଙ୍କଠାରୁ ଅଧିକ ଅଭିଜ୍ଞ ଓ ଶକ୍ତିଶାଳୀ ଯୋଡିଙ୍କୁ ଏଥର ପରାଜିତ କରିବାରେ ସମର୍ଥ ହୋଇ ନ ଥିଲେ। ଭାମ୍ବ୍ରୀଙ୍କ ପରାଜୟ ସହ ଚଳିତ ୟୁଏସ୍ ଓପନରୁ ଭାରତର ପ୍ରତିନିଧିତ୍ୱ ଶେଷ ହୋଇଛି। କିନ୍ତୁ ଭାମ୍ବ୍ରୀ ଭାରତୀୟ ଟେନିସର ନୂଆ ଧ୍ୱଜା ବାହକ ସାବ୍ୟସ୍ତ ହୋଇଛନ୍ତି।



ଏସିଆ କପ୍ ମହିଳା ହକି

## ଭାରତର ବୃହତ୍ ବିଜୟ



ନୂଆଦିଲ୍ଲୀ,୫।୯ (ଏଜେନ୍ସି): ଚୀନ୍‌ର ହାଙ୍ଗଝୋଉଠାରେ ଆଜିଠାରୁ ଆରମ୍ଭ ହୋଇଥିବା ମହିଳା ଏସିଆ କପ୍ ମହିଳା ହକିର ପ୍ରଥମ ମ୍ୟାଚ୍‌ରେ ଭାରତ ବୃହତ ବ୍ୟବଧାନରେ ବିଜୟୀ ହୋଇଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ତାହାର ପ୍ରଥମ ମୁକାବିଲାରେ ଥାଇଲାଣ୍ଡକୁ ୧୧-୦ ଗୋଲରେ ପରାସ୍ତ କରିଛି। ବିଜୟୀ ଭାରତୀୟ ଦଳ ପକ୍ଷରୁ ମମ୍‌ତାଜ ଖାନ୍, ଉଦିତା ଓ ବିଉଟି ଡୁଙ୍ଗଡୁଙ୍ଗ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ସଙ୍ଗିତା, ନବନୀତ, ଲାଲରେମସିଆମି, ଶର୍ମିଳା ଓ ଋତୁଜା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଭାରତ ୫-୦ରେ ଆଗୁଆ ରହିଥିଲା ଓ ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଦଳ ଆଉ ୫ଟି ଗୋଲ ସ୍କୋର କରିଥିଲା। ଆସନ୍ତାକାଲି ସନ୍ଧ୍ୟା ୫ଟାରେ ଜାପାନ ସହ ଭାରତ ତାହାର ଦ୍ୱିତୀୟ ପୁଲ-ବି ଲିଗ୍ ମ୍ୟାଚ୍ ଖେଳିବ। ଆଜି ଏହି ପୁଲ୍‌ରେ ଜାପାନ ୯-୦ ଗୋଲରେ ସିଙ୍ଗାପୁରକୁ ପରାସ୍ତ କରିଛି। ସେପ୍ଟେମ୍ବର ୮ ତାରିଖ ଅପରାହ୍ଣ ୨ଟା୩୦ ମିନିଟ୍‌ରେ ସିଙ୍ଗାପୁର ସହ ଭାରତ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ସେହିପରି ପୁଲ-ଏ'ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ୯-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଚୀନ୍ ଓ ମାଲେସିଆ ମଧ୍ୟରେ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳ ସିଧାସଳଖ ବିଶ୍ୱକପ୍ ମହିଳା ହକିରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସେପ୍ଟେମ୍ବର ୮ ଯାଏ ଲିଗ୍, ୧୦ରୁ ୧୩ ସୁପର-୪ ଓ ୧୪ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

ଜାତୀୟ ବାସ୍କେଟବଲ୍

## ଓଡ଼ିଶା ବାଳିକା ପୁଲ୍ ବିଜେତା

କଟକ,୫।୯ (ସମିସ): ପଞ୍ଜାବ ଲୁଧିଆନାର ବାସ୍କେଟବଲ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ୭୫ତମ ଜାତୀୟ କନିଷ୍ଠ ବାସ୍କେଟବଲ ପ୍ରତିଯୋଗିତାରେ ଓଡିଶା ବାଳିକା ଦଳ ପୁଲ୍ ପର୍ଯ୍ୟାୟର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଆସାମକୁ ୪୫-୩୪ ପଏଣ୍ଟରେ, ଦ୍ୱିତୀୟ ମ୍ୟାଚ୍‌ରେ ବିହାରକୁ ୭୪-୪୧ ପଏଣ୍ଟରେ ଓ ପୁଲ୍ ପର୍ଯ୍ୟାୟର ଶେଷ ଲିଗ୍‌ରେ ମେଘାଳୟକୁ ୭୨-୬୮ ପଏଣ୍ଟରେ ହରାଇଛି। ମେଘାଳୟ ବିପକ୍ଷରେ ରାଜ୍ୟ ଅଧିନାୟିକା କାଜଲ ବାରିକ ୪୨ ପଏଣ୍ଟ ସ୍କୋର କରିଥିବାବେଳେ ନାବ୍ୟା ସାଇଶ୍ରୀ ୧୨ ପଏଣ୍ଟ ସ୍କୋର କରିଥିଲେ। ଓଡିଶା ବାସ୍କେଟବଲ ସଂଘର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଓ ସଭାପତି ଜ୍ଞାନରଞ୍ଜନ ପରିଡା ଦଳର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଉଦ୍‌ଘାଟିତ

୮୦ ହଜାର ଟଙ୍କା ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ସପ୍ଲିମେଣ୍ଟ

ଭୁବନେଶ୍ୱର,୫।୯ (ସମିସ): ରାଜ୍ୟ କ୍ଲବ୍ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ର ତୃତୀୟ ସଂସ୍କରଣ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ଶୁକ୍ରବାର ଆରମ୍ଭ ହୋଇଛି। ରାଜ୍ୟ ଶକ୍ତିଉତ୍ତୋଳନ ସଂଘ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ୮୦ ହଜାର ଟଙ୍କାର ପୁରସ୍କାର, ଦେଢ଼ ଲକ୍ଷ ଟଙ୍କାର ଫୁଡ୍ ସପ୍ଲିମେଣ୍ଟ ଓ ଆପାରେଲ ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସମଗ୍ର ରାଜ୍ୟରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିନରେ ୫୩ କିଗ୍ରା ସବ୍‌ଜୁନିଅରରେ ଦାସ ଫିଟନେସର ବେଦାନ୍ତ ସାହୁ ପ୍ରଥମ ହୋଇଛନ୍ତି। ୫୯ କିଗ୍ରା ଜୁନିଅରରେ ଫିଟନେସ ବକ୍ସର ସନ୍ତୋଷ ସ୍ୱାଇଁ, ସବ୍‌ଜୁନିଅରରେ ମହାବୀର ଫିଟ୍‌ନେସର ଶକ୍ତିରଞ୍ଜନ ସାହୁ ଓ ପୁରୁଷ ବିଭାଗରେ ଫିଟ୍‌ନେସ ମନ୍ତ୍ରାର ପି ଶ୍ରୀନିବାସ ଟାଇଟଲ ଜିତିଛନ୍ତି। ୬୬ କିଗ୍ରା ଜୁନିଅରରେ ୟୁକେଏସ୍ ଜିମ୍‌ର ସୌମେନ ସେନାପତି, ସିନିଅରରେ ଏଚ୍‌ପିଏନ୍ ଜିମ୍‌ର ସୂର୍ଯ୍ୟକାନ୍ତ ପ୍ରଧାନ ଓ ସବ୍‌ଜୁନିଅରରେ ଷ୍ଟାର୍କ ଜିମ୍‌ର ଧୀରେନ୍ଦ୍ର ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଜାତୀୟ କ୍ୟାଡେଟ ଅସିଚାଳନାରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୫।୯ (ସମିସ): ଉତ୍ତରାଖଣ୍ଡର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ସେପ୍ଟେମ୍ବର ୧୩ରୁ ଜାତୀୟ କ୍ୟାଡେଟ୍ ଅସି ଚାଳନା ପ୍ରତିଯୋଗିତା ଆରମ୍ଭ ହେବ। ଏଥିଲାଗି ୯ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ନିତିନ ସ୍ୱାଇଁ ଓ ରୋଶନ ସାହୁ ଦଳର ପ୍ରଶିକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଦଳ ଚୟନ ଲାଗି ଗତ ୨୫ ତାରିଖରୁ ବଲାଙ୍ଗିର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୩୦ଜଣ ଖେଳାଳିଙ୍କୁ ନେଇ କ୍ୟାମ୍ପ ଚାଲିଥିଲା। ବଲାଙ୍ଗିର ସ୍ପୋର୍ଟ୍ସ ହଷ୍ଟେଲ ପ୍ରଶିକ୍ଷକ ଅନ୍ୱେଷା ରାଉତ ଓ ରୋଶନ ସାହୁ ଏହାକୁ ପରିଚାଳନା କରିଥିଲେ। ଏହି ଅବସରରେ ଓଡ଼ିଶା ଅସି ଚାଳନା ସଂଘର ସମ୍ପାଦକ ଦେବେନ୍ଦ୍ର ସାହୁ, ସାଂଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ରାଜ୍ୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଘୋଷିତ ଓଡ଼ିଶା ବାଳକ କ୍ୟାଡେଟ୍ ଦଳ:** ମାନସ ପ୍ରଧାନ, ସ୍ୱାଗତ ପଟେଲ, ଅଭିନାଶ ସ୍ୱାଇଁ, ବିଭୂପ୍ରସାଦ ସେନାପତି, ସମୀର ପରାଭୋଏ, ଆୟୂଷ ସୁମନ୍ତ ଦାସ, ଦେବାଶିଷ ପଟେଲ ଓ ପ୍ରୋମଜିତ୍ ବେଶରା।

ଏସିଆ କପ୍ ହକି ସୁପର-୪

## ଚୀନ୍ ବିପକ୍ଷରେ ଭାରତକୁ ଜିତିବା ଆବଶ୍ୟକ



ରାଜଗିର,୫।୯ (ଏଜେନ୍ସି)

ଏଠାରେ ଚାଲିଥିବା ପୁରୁଷ ଏସିଆ କପ୍ ହକି ପ୍ରତିଯୋଗିତାର ଶେଷ ସୁପର-୪ ଲିଗ୍ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ। ପ୍ରଥମ ଦୁଇ ରାଉଣ୍ଡ ମୁକାବିଲାପରେ ୪ ପଏଣ୍ଟ ପାଇ ଭାରତ ପ୍ରଥମ ସ୍ଥାନରେ ରହିଛି। ୩ ପଏଣ୍ଟ ପାଇଥିବା ଚୀନ୍ ଓ ମାଲେସିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଗୋଟିଏ ପଏଣ୍ଟ ପାଇ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆ ଚତୁର୍ଥ ତଥା ଶେଷ ସ୍ଥାନରେ ରହିଛି। ଏହି ଫଳାଫଳ ବଳରେ କୌଣସି ଦଳ ଫାଇନାଲ ଟିକଟ ହାସଲ କରିପାରିନାହାଁନ୍ତି। ଶନିବାର ଶେଷ ରାଉଣ୍ଡ ମୁକାବିଲାରେ ଭାରତ ସହ ଚୀନ୍‌ର ଓ ମାଲେସିଆ ସହ ଦକ୍ଷିଣ କୋରିଆର ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦୁଇଦଳ ବିଜୟୀ ହେବେ, ସେହି ଦୁଇଦଳ ମଧ୍ୟରେ ଫାଇନାଲ ଖେଳିବାର ସମ୍ଭାବନା ଅଧିକ ରହିବ। ଭାରତ ଲାଗି ସମସ୍ତ ୩ଟି ଯାକ ଅପସନ ବିଜୟ, ପରାଜୟ ଓ ଡ୍ର ରଖିଲେ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। କିନ୍ତୁ ସିଧା କଥାରେ ଭାରତ ଏହି ମ୍ୟାଚ୍ ଜିତିଲେ କିମ୍ବା ଡ୍ର ରଖିପାରିଲେ ସିଧାସଳଖ ଫାଇନାଲ ଖେଳିବ। ଯଦି ପରାଜିତ ହୁଏ, ତେବେ ଅନ୍ୟ ମ୍ୟାଚ୍‌ର ଫଳାଫଳ ପରେ ଭାଗ୍ୟ ନିର୍ଦ୍ଧାରିତ ହେବ। ଏହି ମ୍ୟାଚ୍‌ରେ ମାଲେସିଆକୁ ଦକ୍ଷିଣ କୋରିଆ ହରାଇପାରିଲେ ଭାରତର ଫାଇନାଲ ଯିବା ସମ୍ଭାବନା ରହିବ। ସୁପର-୪ରେ ଭାରତ ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ କୋରିଆ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ୪-୧ ଗୋଲରେ ହରାଇ ଘରୋଇ ଦଳ ତାହାର ଫର୍ମକୁ ଫେରିଛି। କିନ୍ତୁ ଚୀନ୍ ବିପକ୍ଷରେ ଭାରତ ପ୍ରଥମ ଲିଗ୍ ମ୍ୟାଚ୍‌କୁ ୪-୩ରେ ଅଳ୍ପରେ ଜିତିଥିଲା। ଦଳକୁ ଏହି ମ୍ୟାଚ୍ ଜିତିବାକୁ ସଂଘର୍ଷ କରିବାକୁ ପଡ଼ିଥିଲା। ଏଯାଏ ଖେଳାଯାଇଥିବା ମ୍ୟାଚ୍ ଗୁଡିକରେ ଭାରତ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିନାହିଁ। ତଥାପି ଅଧିନାୟକ ହରମନପ୍ରୀତ ସିଂହ ଦଳର ପ୍ରଦର୍ଶନକୁ ନେଇ ବେଶ ଖୁସି ଅଛନ୍ତି। ଆମେ ଯଦି ଏଭଳି ଖେଳ ପ୍ରଦର୍ଶନ କରିବୁ ତେବେ ନିଶ୍ଚିତ ଭାବେ ଟାଇଟଲ ଜିତିବୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

**ଶେଷ ସୁପର-୪ ମୁକାବିଲା**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୬।୯ | ମାଲେସିଆ-କୋରିଆ | ସନ୍ଧ୍ୟା ୫ଟା |
| ୬।୯ | ଭାରତ-ଚୀନ | ରାତି ୭.୩୦ |
| ୭।୯ | ଫାଇନାଲ | ରାତି ୭.୩୦ |

**ସୁପର-୪ ପଏଣ୍ଟ ଟେବଲ**

| ଦେଶ | ମ୍ୟା | ବି | ଡ୍ର | ପ | ଗୋବ୍ୟ | ପଏଣ୍ଟ |
|---|---|---|---|---|---|---|
| ଭାରତ | ୨ | ୧ | ୧ | ୦ | +୩ | ୦୪ |
| ଚୀନ୍ | ୨ | ୧ | ୦ | ୧ | +୧ | ୦୩ |
| ମାଲେସିଆ | ୨ | ୧ | ୦ | ୧ | -୧ | ୦୩ |
| କୋରିଆ | ୨ | ୦ | ୧ | ୧ | -୩ | ୦୧ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋବ୍ୟ-ଗୋଲ ବ୍ୟବଧାନ।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS